


ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ❑ ଶୁକ୍ରବାର ୨୦ ମାର୍ଚ୍ଚ ୨୦୨୬ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ FRIDAY 20 March 2026
Vol.No. 36 ■ No.74 ■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ପ୍ରକାଶ ପାଇଛି
ସାଗରିକା
(ନୂଆବର୍ଷ ସଂଖ୍ୟା)
ଡିଜିଟାଲ ଫର୍ମାଟରେ ମଧ୍ୟ ଉପଲବ୍ଧ...
website : sagarika.in.net


## ଚକ୍ରବ୍ୟୁହରେ ଫସିଲା ଆମେରିକାର ସୁପରପାୱାର ସେନା: ଫେଲ୍ ମାରିଲା କି ଅପରେସନ୍ ଏପିକ ଫ୍ୟୁରି ?



ନୂଆଦିଲ୍ଲୀ,୧୯/୩ : ମଧ୍ୟପ୍ରାଚ୍ୟରୁ ବଡ଼ ଖବର । ଇରାନକୁ ମାତ୍ର ୭ ଦିନରେ ଶେଷ କରିବାର ଦମ୍ଭୋକ୍ତି ବାଢ଼ିଥିବା ଡୋନାଲ୍ଡ ଟ୍ରମ୍ପ ଏବେ ନିଜେ ବଡ଼ ବିପଦରେ । ଆଜି 'ଅପରେସନ୍ ଏପିକ ଫ୍ୟୁରି'ର ୨୦ତମ ଦିନ କିନ୍ତୁ ଇରାନ ଆଗରେ ଆମେରିକା ନତମସ୍ତକ ହେବା ପରି ମନେହେଉଛି । ୨୩ ବର୍ଷ ପୂର୍ବେ ଆମେରିକା ଯେଉଁ ଐତିହାସିକ ଭୁଲ୍ କରିଥିଲା, ଆଜି ପୁଣି ସେହି ଅବସ୍ଥା । ଯୁଦ୍ଧ ଜିତିବା ତ ଦୂରର କଥା, ଏବେ ଏହି ଯୁଦ୍ଧରୁ ବାହାରିବା ପାଇଁ ଟ୍ରମ୍ପଙ୍କ ପାଖରେ କୌଣସି ରାସ୍ତା ନାହିଁ । ଇରାନ ବିରୋଧରେ ଆରମ୍ଭ କରିଥିବା ଯୁଦ୍ଧ ଏବେ ଆମେରିକା ପାଇଁ ବୁମେରାଂ ସାବ୍ୟସ୍ତ ହୋଇଛି। ମାତ୍ର ଏକ ସପ୍ତାହ ମଧ୍ୟରେ ଇରାନକୁ ପରାସ୍ତ କରିବା ଲକ୍ଷ୍ୟରେ ଡୋନାଲ୍ଡ ଟ୍ରମ୍ପ 'ଅପରେସନ୍ ଏପିକ ଫ୍ୟୁରି' ଆରମ୍ଭ କରିଥିଲେ । କିନ୍ତୁ ଆଜି ୨୦ ଦିନ ପରେ ବି ଆମେରିକା କୌଣସି ବଡ଼ ସଫଳତା ପାଇନାହିଁ। ବରଂ ଇରାନର ପ୍ରତିଆକ୍ରମଣ ଓ ରଣନୀତି ଆଗରେ ଆମେରିକାର ବାହାଦୂରୀ ପଦାରେ ପଡ଼ିଛି । ବିଶ୍ୱବ୍ୟାପୀ ଏବେ ପ୍ରଶ୍ନ ଉଠୁଛି, ଟ୍ରମ୍ପ ନିଜକୁ ଓ ନିଜ ସେନାକୁ ଏହି ଜାଲରୁ କିପରି ରକ୍ଷା କରିବେ ? ଇରାନର ଶକ୍ତିଶାଳୀ ପ୍ରତିଆକ୍ରମଣ, ଷ୍ଟ୍ରେଟ୍ ଅଫ୍ ହରମୁଜ ବନ୍ଦ ହେବା ଯୋଗୁଁ ତୈଳ ଦର ବୃଦ୍ଧି ଏବଂ କୌଣସି ଠୋସ୍ ପ୍ଲାନିଂ ନଥିବାରୁ ଏହି ଅପରେସନ୍ ବିଫଳ ହେଉଥିବା ଜଣାପଡ଼ିଛି । ଆକାଶମାର୍ଗରୁ ବୋମାମାଡ଼ କରି ଶାସନ ପରିବର୍ତ୍ତନ କରିବାର ସ୍ୱପ୍ନ ଏବେ ଟ୍ରମ୍ପଙ୍କ ପାଇଁ ଏକ ଚକ୍ରବ୍ୟୁହ ସାଜିଛି । ଅନ୍ୟପଟେ ଇରାନ ଯୁଦ୍ଧର ଖର୍ଚ୍ଚ ବହନ କରିବା ପାଇଁ ପେଣ୍ଟାଗନ ହ୍ୱାଇଟ୍ ହାଉସ୍ ଠାରୁ ୨୦୦ ବିଲିୟନ ଡଲାର ମାଗିଛି ଯାହାକୁ ନେଇ ଉପହାସ କରିଛି ଇରାନ । ଖବର ପ୍ରକାଶ ପାଇବା ମାତ୍ରେ, ◆◆ପୃଷ୍ଠା ୭

## ଓଡ଼ିଶାର ମାଟି ତଳେ ଲୁଚିଛି ହୀରା: ନୂଆପଡ଼ା କଲମିଦାଦରରେ ହୀରା ପଥର ଖଣି ଠାବ



ଭୁବନେଶ୍ୱର, ୧୮/୩ (ନି.ପ୍ର): ରତ୍ନପ୍ରସୂ ଓଡ଼ିଶା, ହୀରକଗର୍ଭା ଓଡ଼ିଶା । ଖାଲି ସାହିତ୍ୟରେ ଲେଖା ନୁହେଁ, ଏହା ପୂରା ଖାଣ୍ଟି ସତ । ଆଜି ବିଧାନସଭାରେ ଖଣି ମନ୍ତ୍ରୀ ଏସଂପର୍କିତ ତଥ୍ୟ ରଖିବା ପରେ, ଓଡ଼ିଶାର ଯେଉଁ ଗାଁରେ ମିଳିଛି ହୀରାର ସନ୍ଧାନ। ମାଟି ତଳେ ଲୁଚିଛି ବହୁମୂଲ୍ୟ ହୀରା । ନୂଆପଡ଼ା ଜିଲ୍ଲା ସଦର ବ୍ଲକ୍ ଅନ୍ତର୍ଗତ କଲମିଦାଦର । ଯେଉଁଠି ବହୁ ବର୍ଷ ତଳେ ମିଳିଥିଲା ହୀରା ଖଣିର ସନ୍ଧାନ । ଆଜି ବିଧାନସଭାରେ ଖଣି ମନ୍ତ୍ରୀ ବିଭୁତି ଭୂଷଣ ଜେନା ଏଠାକାର ହୀରା ପଥର ପ୍ରସଙ୍ଗରେ ଉତ୍ତର ରଖିଥିଲେ। ୨୦୦୨-୦୩ ମସିହା ବେଳକୁ ଖଣି ବିଭାଗ ପକ୍ଷରୁ ଏହି ଅଞ୍ଚଳରେ ସର୍ଭେ ହେବା ସହ, କ୍ୟାମ୍ପ୍ ଲଗାଯାଇ ଖୋଳାଖୋଳି ଓ ଭୂତଳ ନମୁନା ସଂଗ୍ରହ ପାଇଁ ଡ୍ରିଲିଂ ହୋଇଥିଲା । ଏହାପରେ ଗାଁ ଲୋକେ ମଧ୍ୟ ସେହି ଖୋଳାଯାଇଥିବା ◆◆ପୃଷ୍ଠା ୭

## ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଅଗ୍ନି ନିରାପତ୍ତା ଯାଞ୍ଚ ପାଇଁ ନିର୍ଦ୍ଦେଶ

ଭୁବନେଶ୍ୱର, ୧୯/୩ (ନି.ପ୍ର): କଟକ ଏସସିବିରେ ଅଗ୍ନିକାଣ୍ଡ ପରେ ଆକ୍ସନ ମୁଡ୍ କୁ ଆସିଛନ୍ତି ସରକାର। ମେଡିକାଲ କଲେଜ, ଡିଏଚ୍ଏଚ୍ ଏବଂ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନରେ ଅଗ୍ନି ନିରାପତା ମାପ ଏବଂ ବୈଦ୍ୟୁତିକ ସୁରକ୍ଷା ଯାଂଚର ଅନୁପାଳନ ପାଇଁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ସରକାର। ଯଦି ଯାଂଚ ସମୟରେ କୌଣସି ତ୍ରୁଟି ଦେଖାଯାଏ, ତେବେ ହସ୍ପିଟାଲ ଭିତିଭୂମି ଏବଂ ବାସିନ୍ଦାଙ୍କୁ ସୁରକ୍ଷା ଦେବା ପାଇଁ ପ୍ରାଥମିକତା ଭିତିରେ ତୁରନ୍ତ ସଂଶୋଧନମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ଏହି ନିର୍ଦ୍ଦେଶନାମା ଜାରି କରାଯାଇଛି।

## ସରକାରୀ ବସ୍-ବୁଲେଟ୍ ମୁହାମୁହିଁ ଧକ୍କା: ଚାଲିଗଲା ୩ ଜୀବନ



ଗଞ୍ଜାମ, ୧୯/୩ (ନି.ପ୍ର): ଗଞ୍ଜାମର ସୋରଡ଼ା ଥାନା ପାଟପଲ୍ଲୀ ଗାଁ ନିକଟ ବାଉଁଶିଆ ଛକ ଠାରେ ଭୟଙ୍କ ସଡ଼କ ଦୁର୍ଘଟଣା। ଗୋଟିଏ ସରକାରୀ ବସ୍ ଓ ବୁଲେଟ ମଧ୍ୟରେ ହୋଇଛି ମୁହାଁମୁହିଁ ଧକ୍କା। ଦୁର୍ଘଟଣା ଏତେ ଭୟଙ୍କର ଥିଲା ଯେ ବୁଲେଟରେ ଯାଉଥିବା ୩ ଜଣ ଯାକ ଘଟଣା ସ୍ଥଳରେ ହିଁ ପ୍ରାଣ ହରାଇଛନ୍ତି। ମୃତକ ମାନେ ହେଲେ ମାଣିଆକାଟି ଗ୍ରାମର ଶଙ୍କର ଗୌଡ, କାଳିଆ ଗୌଡ ଓ ଶିଲୁ ମୁଳି। ସୂଚନା ମୁତାବକ, ଶଙ୍କର, କାଳି ଓ ଶିଲୁ ବୁଲେଟ ଯୋଗେ ସୋରଡ଼ା ଯାଇଥିଲେ। ସୋରଡ଼ାରେ କାମ ସରିବା ପରେ ସେମାନେ ଆଜି ସନ୍ଧ୍ୟା ପ୍ରାୟ ୭ଟା ବେଳେ ବୁଲେଟ ଯୋଗେ ମାଣିଆକାଟି ଗାଁରେ ଥିବା ଘରକୁ ଫେରୁଥିଲେ। ତେବେ ବାଉଁଶିଆ ଛକ ନିକଟରେ ଘଟିଥିଲା ବଡ଼ ଅଘଟଣ। ଭାରସାମ୍ୟ ବୁଲେଟି ସାମ୍ନାରୁ ଆସୁଥିବା ସରକାରୀ ବସରେ ପିଟି ହୋଇ ଯାଇଥିଲେ। ଦୁର୍ଘଟଣାରେ ବୁଲେଟର ସାମ୍ନା ପଟ ଚୂରମାର ହୋଇ ଯାଇଥିବା ବେଳେ ୩ ଜଣ ଯାକ ଯୁବକ ବସର ଚକ ତଳେ ପଡ଼ି ଯାଇଥିଲେ। ◆◆ପୃଷ୍ଠା ୭

## ୩ ଦିନ ଧରି ଅଚଳ ବିଧାନସଭା: ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବିରେ ଅଟଳ ବିରୋଧୀ



ଭୁବନେଶ୍ୱର, ୧୯/୩ (ନି.ପ୍ର): ଏମିତି କେଉଁ ବ୍ୟବସ୍ଥାରେ ବିଭ୍ରାଟ୍ ଘଟିଲା ଯେ, ଝଉଇ ଟ୍ରମା ଆଇସିୟୁରେ ଘଟିଗଲା ଅଗ୍ନିକାଣ୍ଡ ? କିଭଳି ଏବଂ କାହାର ଦାୟିତ୍ୱହୀନତା ପାଇଁ ବାର ବାର ଜଣଙ୍କ ଜୀବନ ଚାଲିଗଲା ମେଡ଼ିକାଲରେ ? ଚାଲିଛି କାରଣ ଖୋଜା। ୩ଦିନ ହେଲା, ଗ୍ରାଉଣ୍ଡ ଜିରୋରେ ଘଣ୍ଟା ଚକଟା କରୁଛି ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ଗଠିତ ଫ୍ୟାକ୍ଟ ଫାଇଣ୍ଡିଂ ଟିମ୍। ଇତିମଧ୍ୟରେ କାର୍ଯ୍ୟରେ ଅବହେଳା ଯୋଗୁ ସିଏମଙ୍କ ନିର୍ଦ୍ଦେଶରେ ଚାରି ଅଫିସରଙ୍କୁ ନିଲମ୍ବନ କରାଯାଇଛି। ଆଉ ଉନ୍ନୟନ କମିଶନର ଦେଓ ରଞ୍ଜନ କୁମାର ସିଂଙ୍କ ନେତୃତ୍ୱରେ ଗଠିତ ଟିମ୍ ଆଜି ବି ଘଟଣାସ୍ଥଳରେ ତଥ୍ୟ ସଂଗ୍ରହ କରିଛନ୍ତି। ଇଲେକ୍ଟ୍ରିକାଲ ଇଆଇସି, ଜନସ୍ୱାସ୍ଥ୍ୟ ବିଭାଗ ଇଆଇସି, ଅଗ୍ନିଶମ ବିଭାଗ ଆଇଜି, ପୂର୍ତ୍ତ ବିଭାଗ ଅଧିକାରୀ ଓ କଟକ ଜିଲ୍ଲାପାଳଙ୍କ ସହ ବିଭିନ୍ନ ବିଭାଗର ଅଫିସରଙ୍କୁ ଧରି ଅନୁସନ୍ଧାନ କରିଛନ୍ତି ଉନ୍ନୟନ କମିଶନର। ତେଣୁ ପରିଚାଳନାଗତ ବିଭ୍ରାଟ ପାଇଁ ନିଲମ୍ବିତ ୪ ଅଧିକାରୀ ହିଁ ଦାୟୀ ନା ଏହାପଛରେ ଆଉ କିଏ ? ◆◆ପୃଷ୍ଠା ୭

## ସିପିଇଟି ପରୀକ୍ଷା ଆବେଦନ ପାଇଁ ସମୟ ସୀମା ବୃଦ୍ଧି

ଭୁବନେଶ୍ୱର, ୧୯/୩ (ନି.ପ୍ର): କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷା ପାଇଁ ଆବେଦନ କରିବାର ସମୟ ସୀମାକୁ ବୃଦ୍ଧି କରାଯାଇଛି । ଆବେଦନର ସମୟ ସୀମାକୁ ମାର୍ଚ୍ଚ ୨୨ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସିପିଇଟି ପରୀକ୍ଷା ପାଇଁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନେ ମାର୍ଚ୍ଚ ୨୨ ତାରିଖ ରାତି ୧୧.୪୫ ଘଟିକା ପର୍ଯ୍ୟନ୍ତ ସାମ୍ସ ପୋର୍ଟାଲକୁ ଯାଇ ନିଜର କମନ ଆପ୍ଲିକେସନ ଫର୍ମ ପୂରଣ କରିପାରିବେ। ପୂର୍ବରୁ ନିର୍ଦ୍ଧାରିତ ହୋଇଥିବା ସମୟସୀମା ଅନୁସାରେ, ସିପିଇଟି ପରୀକ୍ଷା ଆବେଦନ ପାଇଁ ମାର୍ଚ୍ଚ ୧୮ ତାରିଖ ଶେଷ ତାରିଖ ରହିଥିଲା। କିନ୍ତୁ, ଛାତ୍ରଛାତ୍ରୀମାନଙ୍କ ବୃହତ୍ତର ସ୍ୱାର୍ଥ ଓ ଭବିଷ୍ୟତକୁ ଦୃଷ୍ଟିରେ ରଖି ଆବେଦନର ସମୟସୀମାକୁ ବୃଦ୍ଧି କରିବା ନିମନ୍ତେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ନିଷ୍ପତ୍ତି ନିଆଯାଇଛି। ସୂଚନାଯୋଗ୍ୟ ଯେ, ୨୦୨୬-୨୭ ଶିକ୍ଷାବର୍ଷରେ ସ୍ନାତକୋତ୍ତର ପାଠ୍ୟକ୍ରମରେ ନାମ ଲେଖାଇବାକୁ ଆଗ୍ରହୀ ଥିବା ଛାତ୍ରଛାତ୍ରୀମାନଙ୍କୁ କମନ ପିଜି ଏଣ୍ଟ୍ରାନ୍ସ ଟେଷ୍ଟ (ସିପିଇଟି) ପରୀକ୍ଷାରେ ଅଂଶଗ୍ରହଣ କରିବାକୁ ପଡ଼ିବ। ସିପିଇଟି ପ୍ରବେଶିକା ପରୀକ୍ଷାରେ ରଖିଥିବା ମାର୍କ ଆଧାରରେ ହିଁ ଛାତ୍ରଛାତ୍ରୀମାନଙ୍କୁ ସ୍ନାତକୋତ୍ତର ପାଠ୍ୟକ୍ରମ ପାଇଁ ଚୟନ କରାଯିବ।

## ପାକିସ୍ତାନରେ ପ୍ରକୃତିର ତାଣ୍ଡବ : କରାଚୀରେ ୧୯ ଜଣଙ୍କ ଜୀବନ ନେଲା ପ୍ରବଳ ବର୍ଷା



ନୂଆଦିଲ୍ଲୀ,୧୯/୩ : ପ୍ରକୃତି ପାକିସ୍ତାନରେ ବିପର୍ଯ୍ୟୟ ଘଟାଉଛନ୍ତି। ପାକିସ୍ତାନର ସିନ୍ଧ ପ୍ରଦେଶର ରାଜଧାନୀ କରାଚୀରେ ବର୍ଷାଜନିତ ଘଟଣାରେ ୧୯ ଜଣଙ୍କର ମୃତ୍ୟୁ ଘଟିଛି। ପାକିସ୍ତାନୀ ଖବରକାଗଜ ଜିଓ ନ୍ୟୁଜରେ ପ୍ରକାଶିତ ଏକ ରିପୋର୍ଟ ଅନୁଯାୟୀ, ଅଧିକାରୀମାନେ ଏହି ସୂଚନା ଦେଇଛନ୍ତି। ପାକିସ୍ତାନ ପାଣିପାଗ ବିଭାଗ (ପିଏମଡି) ପୂର୍ବରୁ ସତର୍କ କରାଇ ଦେଇଥିଲା ଯେ, କରାଚୀ ଏବଂ ସିନ୍ଧର ଅନ୍ୟାନ୍ୟ ସ୍ଥାନରେ ବର୍ଷା ହେବାର ସମ୍ଭାବନା ଅଛି। ଏହାର କିଛି ଘଣ୍ଟା ପରେ କରାଚୀର ପ୍ରବଳ ବର୍ଷା ହୋଇଥିଲା। କରାଚୀର କିଛି ସ୍ଥାନରେ ପ୍ରବଳ ବର୍ଷା ଏବଂ ଝଡ଼ ସହିତ ପ୍ରବଳ ପବନ ବହିବା ସହ କାନ୍ଥ ଏବଂ ଛାତ ଭୁଶୁଡ଼ି ◆◆ପୃଷ୍ଠା ୭

## ହକ୍ ପାଇଁ ଲୋୟର ପିଏମଜିରେ ଗର୍ଜିଲେ ପାଚିକା: ୭ଦଫା ଦାବି ନେଇ ଅହୋରାତ୍ର ଧାରଣା



ଭୁବନେଶ୍ୱର, ୧୯/୩ (ନି.ପ୍ର): ରାସ୍ତାରେ ପାଚିକା । ଦରମା ବୃଦ୍ଧି ସାଙ୍ଗକୁ ୩ ମାସର ଦରମା ଦେବାକୁ ଦାବି କରିଛି ସଂଘ । ବିଧାନସଭା ସାମ୍ନାରେ ଅହୋରାତ୍ର ଧାରଣା ଦେଇଛନ୍ତି । ୭ ଦଫା ଦାବି ନେଇ ବିକ୍ଷୋଭ କରିବା ସହ ରାଜ୍ୟ ସରକାରଙ୍କ ବିରୋଧରେ ବର୍ଷିଛନ୍ତି ପାଚିକା । ଆଉ ପାଚିକାଙ୍କ ଦାବିକୁ ସମର୍ଥନ କରିଛି ବିରୋଧୀ ବିଜେଡି। ଗୀତ ଗାଇ ସରକାରଙ୍କୁ ହକ୍ ମାଗିଛନ୍ତି ପାଚିକା । ଦରମା ବୃଦ୍ଧି ତ ଦୂରର କଥା ୩ ମାସର ଦରମା ମିଳିନଥିବାରୁ ସରକାରଙ୍କ ଉପରେ ବର୍ଷିଛନ୍ତି । ପାଚିକାଙ୍କ ଅଭିଯୋଗ, ମାସକୁ ମାତ୍ର ୩ ହଜାର ଟଙ୍କା ମିଳୁଛି । ଆଉ ସେଥିରେ ◆◆ପୃଷ୍ଠା ୭

## ଋଣଭାରରେ ବୁଡ଼ିଲା ଆମେରିକା: ଇରାନ ଯୁଦ୍ଧ ମଧ୍ୟରେ ଋଣ ୩୯ ଟ୍ରିଲିୟନ ଡଲାରକୁ ବୃଦ୍ଧି



ନୂଆଦିଲ୍ଲୀ,୧୯/୩ : ଗତ ମାସରେ ଇସ୍ରାଏଲ ସହିତ ମିଶି ଆମେରିକା ଇରାନ ଉପରେ ଆକ୍ରମଣ କରିଥିଲା। ଆକ୍ରମଣକୁ ମାତ୍ର କିଛି ସପ୍ତାହ ବିତିଛି, କିନ୍ତୁ ଆମେରିକାର ଆର୍ଥିକ କ୍ଷତି କ୍ରମାଗତ ଭାବରେ ବୃଦ୍ଧି ପାଉଛି। ବିଶ୍ୱର ସବୁଠାରୁ ଧନୀ ଦେଶ ମଧ୍ୟ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଛି। ବୁଧବାର ସୁଦ୍ଧା ଏହାର ମୋଟ ଜାତୀୟ ଋଣ ରେକର୍ଡ ୩୯ ଟ୍ରିଲିୟନ ଡଲାରରେ ପହଞ୍ଚିଛି । ଏହି ଆଶ୍ଚର୍ଯ୍ୟଜନକ ତଥ୍ୟ ସେତେବେଳେ ଆସିଛି ଯେତେବେଳେ ଟ୍ରମ୍ପ ପ୍ରଶାସନ ଆମେରିକାର ଅର୍ଥନୀତିକୁ ପୁନଃ ସୁଧାରିବା ପାଇଁ କାମ କରୁଛନ୍ତି । ଏକ ପ୍ରମୁଖ ଟିକସ ଆଇନ ପାସ କରୁଛି, ପ୍ରତିରକ୍ଷା ଖର୍ଚ୍ଚ ଏବଂ ପ୍ରବାସନକୁ କଡ଼ାକଡ଼ି କରୁଛି ଏବଂ ଋଣ ହ୍ରାସ କରିବାକୁ ଚେଷ୍ଟା କରୁଛି । ଟ୍ରମ୍ପ ତାଙ୍କ ନିର୍ବାଚନ ପ୍ରଚାର ସମୟରେ ଆମେରିକାର ଋଣ ହ୍ରାସ କରିବାକୁ ପ୍ରତିଶ୍ରୁତି ଦେଇଥିଲେ । ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ଆମେରିକାର ମୋଟ ଋଣ ୩୯ ଟ୍ରିଲିୟନ ଡଲାର ଭାରତର ମୋଟ ଅର୍ଥନୀତି ଅପେକ୍ଷା ୧୦ ଗୁଣା ଅଧିକ । ସରକାରୀ ଉତ୍ତରଦାୟିତ୍ୱ କାର୍ଯ୍ୟାଳୟ ଆମେରିକୀୟମାନଙ୍କ ଉପରେ ଦ୍ରୁତ ଗତିରେ ବୃଦ୍ଧି ପାଉଥିବା ସରକାରୀ ଋଣର କିଛି କାରଣ ଉଲ୍ଲେଖ କରିଛନ୍ତି । ଯେଉଁଥିରେ ମର୍ଟଗେଜ୍ ଏବଂ କାର ଭଳି ଜିନିଷ ଉପରେ ଉଚ୍ଚ ସୁଧ ହାର, ନିବେଶ ପାଇଁ କମ୍ ଟଙ୍କା ପାଇଁ କମ ମଜୁରୀ ଏବଂ ସାମଗ୍ରୀ ତଥା ସେବା ପାଇଁ ଅଧିକ ମୂଲ୍ୟ ଅନ୍ତର୍ଭୁକ୍ତ ରହିଛି । ସନ୍ତୁଳିତ ବଜେଟ୍ ପ୍ରବକ୍ତାମାନେ ଚେତାବନୀ ଦେଇଛନ୍ତି ଯେ ଅଧିକ ଋଣ ନେବା ଏବଂ ଅଧିକ ସୁଧ ଦେବାର ଏହି ଦୀର୍ଘକାଳୀନ ◆◆ପୃଷ୍ଠା ୭

## ବିକଳ୍ପ ଖୋଜୁଛି କଂଗ୍ରେସ: ରମେଶଙ୍କ କାଉଣ୍ଟର, ଏକଛତ୍ରବାଦ ଚଳାଇଛନ୍ତି ପିସିସି ସଭାପତି

ଭୁବନେଶ୍ୱର, ୧୯/୩ (ନି.ପ୍ର): ବିଧାୟକଙ୍କ ନିଲମ୍ବନ ପର୍ବ ସରିଲା, ଏବେ ନେତା ଖୋଜୁଛି କଂଗ୍ରେସ । ରମେଶ, ସୋଫିଆ ଓ ଦାଶରଥୀଙ୍କ ବିକଳ୍ପ କିଏ ହେବ ସେଥିପାଇଁ କଂଗ୍ରେସ ଦଳରେ ତତ୍ପରତା ଦେଖିବାକୁ ମିଳିଲାଣି । କଂଗ୍ରେସ ମୁଖିଆ ଭକ୍ତ ନିଜେ ଏହାର ଦାୟିତ୍ୱ ନେଇଛନ୍ତି । ଆଉ କହିଛନ୍ତି, ନିଲମ୍ବିତ ନେତା ଦଳୀୟ ସଙ୍ଗଠନ ନୁହେଁ ନିଜ ସଙ୍ଗଠନ କରୁଥିଲେ । ତେଣୁ ଫରକ ପଡିବାର ନାହିଁ । ରମେଶଙ୍କ କ୍ରସ ଭୋଟିଂ, କଂଗ୍ରେସର କାର୍ଯ୍ୟାନୁଷ୍ଠାନ ଭିତରେ ଏବେ ଗଞ୍ଜାମ ରାଜନୀତିରେ ନୂଆ ଅଧ୍ୟାୟ ଲେଖିବାକୁ ପାଗ ଭିଡିଲେଣି ଭକ୍ତ ଦାସ । ଜିଲ୍ଲାର ଏକମାତ୍ର କଂଗ୍ରେସ ବିଧାୟକ ରମେଶ ଜେନାଙ୍କୁ ବାଦ୍ ଦେଇ ସଙ୍ଗଠନକୁ ଆଗକୁ ନେବାକୁ ଆରମ୍ଭ ହୋଇଛି କସରତ । ଏହିକ୍ରମରେ ଜିଲ୍ଲା କଂଗ୍ରେସ ନେତାଙ୍କୁ ଏକାଠି କରି ଆରମ୍ଭ ହୋଇଛି ନୂଆ ମୁଖିଆ ଖୋଜା ଅଭିଯାନ । ଅନ୍ୟପଟେ ରମେଶଙ୍କ ଉପରୁ ନିଲମ୍ବନ ପ୍ରତ୍ୟାହାର କରିବାକୁ ଜିଲ୍ଲାରୁ ଉଠିଛି ସ୍ୱର । ରମେଶଙ୍କ ବିନା କଂଗ୍ରେସ ଜିଲ୍ଲାରେ ଶୂନ ହୋଇଯିବ ବୋଲି ଚେତାଇଛନ୍ତି ସମର୍ଥକ । ଯାହାର କଡ଼ା ଜବାବ ରଖି ଭକ୍ତ କହିଛନ୍ତି, ରମେଶଙ୍କ ବିନା ଗଞ୍ଜାମରେ ହାତ ଉଠିବ ଏବଂ ହଜାର ହଜାର ରମେଶ ଜେନାଙ୍କୁ କଂଗ୍ରେସ ସୃଷ୍ଟି କରିପାରିବ । ନିଲମ୍ବନ ହଟିବାର ପ୍ରଶ୍ନ ଉଠୁନି । ଭକ୍ତଙ୍କ ଏଭଳି ଆଭିମୁଖ୍ୟକୁ ଏକଛତ୍ରବାଦର ଆଖ୍ୟା ଦେଇଛନ୍ତି ରମେଶ ।

## ମାର୍ଚ୍ଚ ୨୮ରେ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀଙ୍କ ଅଭିଯୋଗ ଶୁଣାଣି

କେନ୍ଦ୍ରାପଡ଼ା, ୧୯/୩ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାର ବିଭିନ୍ନ ମାଧ୍ୟମିକ ଓ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଶିକ୍ଷକ ସହ ଅଣଶିକ୍ଷକ କର୍ମଚାରୀମାନଙ୍କ ସେବାଜନିତ ଓ ପ୍ରାପ୍ୟ ଅଧିକାର ସମ୍ବନ୍ଧୀୟ ଅଭିଯୋଗର ସମାଧାନ ପାଇଁ ଆସନ୍ତା ୨୮ ମାର୍ଚ୍ଚ ୨୦୨୬, ଶନିବାର ଦିନ ଏକ ବିଶେଷ ଅଭିଯୋଗ ଶୁଣାଣି ସଭା ଆୟୋଜିତ ହେବ। ଏହି ସଭା ପୂର୍ବାହ୍ନ ୧୦.୩୦ ଠାରୁ ଅପରାହ୍ନ ୧.୦୦ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ। ଏହି ଶୁଣାଣି ସଭାରେ ମାଧ୍ୟମିକ ଓ ପ୍ରାଥମିକ ବିଦ୍ୟାଳୟର କାର୍ଯ୍ୟରତ ଏବଂ ଅବସରପ୍ରାପ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀମାନେ ସେମାନଙ୍କର ସେବା ସମ୍ବନ୍ଧୀୟ ଅଭିଯୋଗ, ପ୍ରାପ୍ୟ ଦାବି, ଅବସରଜନିତ ସୁବିଧା ଓ ଅନ୍ୟାନ୍ୟ ଅଧିକାର ସମ୍ବନ୍ଧୀୟ ସମସ୍ୟା ନେଇ ବ୍ୟକ୍ତିଗତ ଭାବେ ଯୋଗଦେଇ ନିଜ ଅଭିଯୋଗ ଉପସ୍ଥାପନ କରିପାରିବେ। ସଭାରେ ସମସ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ,ଡିପିସି ସମଗ୍ର ଶିକ୍ଷା,ବ୍ଲକ ଶିକ୍ଷା ଅଧିକାରୀ ଏବଂ ଏସଏସ ଏବଂ କାର୍ଯ୍ୟାଳୟର ଅନ୍ୟାନ୍ୟ କର୍ମଚାରୀଙ୍କୁ ମଧ୍ୟ ଉପସ୍ଥିତ ରହିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ସମ୍ପୃକ୍ତ ଯୋଗ୍ୟ କର୍ମଚାରୀଙ୍କୁ ଏହି ସୁଯୋଗ ନେବା ସହିତ ନିର୍ଦ୍ଧାରିତ ସମୟରେ ସଭାରେ ଯୋଗଦେଇ ନିଜ ଅଭିଯୋଗ ଦାଖଲ କରିବାକୁ ଅନୁରୋଧ କରାଯାଇଛି।

# ହାର୍ଡକୋର ଅପରାଧୀ ଟିମା ଝଙ୍କାର ପୁଲିସ ଏନକାଉଣ୍ଟରରେ ଆହତ: ୩ ସହଯୋଗୀ ଗିରଫ

ସମ୍ବଲପୁର, ୧୯/୩ (ନି.ପ୍ର): ଓଡିଶାର ବିଭିନ୍ନ ଜିଲ୍ଲାରେ ଡାକାୟତି, ଲୁଟ, ଓ ବେଆଇନ ଅସ୍ତ୍ରଶସ୍ତ୍ର ରଖିବା ସହ ଆଲୁମିନିଅମ କଣ୍ଡକ୍ଟର ତାର ଚୋରି ଭଳି ଗୁରୁତର ଅପରାଧରେ ସମ୍ପୃକ୍ତ ହାର୍ଡକୋର ଅପରାଧୀ ଟିମା ଝଙ୍କାର ଓରଫ ଧନେଶ୍ୱର ଝଙ୍କାରକୁ ଆଜି ସକାଳେ ପୋଲିସ ଏନ୍କାଉଣ୍ଟର କରିଛି। ଆହତ ଅବସ୍ଥାରେ ତାକୁ ପୋଲିସ ଗିରଫ କରି ଏବେ ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଛି ।

ପୋଲିସ ସୂଚନା ଅନୁସାରେ, ଆଜି ଭୋର ପ୍ରାୟ ୫:୪୫ ବେଳେ ନାକଟିଦେଉଳ ଥାନାର ସ୍ୱତନ୍ତ୍ର ପୋଲିସ ସ୍କାର୍ଡ ରେଢ଼ାଖୋଲ ଥାନା ଅଧୀନ ଡୁମଛାଲି ଜଙ୍ଗଲ ଅଞ୍ଚଳରେ ଅଭିଯୁକ୍ତ ଟିମା ଓ ତାର ୩ ଜଣ ସହଯୋଗୀ ଥିବା ସୁରାକ୍ ପାଇବା ପରେ ପୋଲିସ ଅତି ସନ୍ତର୍ପଣରେ ଘଟଣା ସ୍ଥଳକୁ ଯାଇ ତଦାରଖ କରୁଥିବା ।

ଏହି ସମୟରେ ଅଚାନକ ଜଙ୍ଗଲ ଭିତରେ ପୋଲିସକୁ ଦେଖି ଅଭିଯୁକ୍ତ ମାନଙ୍କ ପକ୍ଷରୁ ପୋଲିସ ଉପରକୁ ଗୁଳିଚାଳନ କରିଥିଲେ । ସ୍ୱୟଂରକ୍ଷାରେ ପୋଲିସ ସ୍ୱାର୍ଡ ପକ୍ଷରୁ ପାଲଟା ଗୁଳିଚାଳନ କରାଯାଇଥିଲା । ଟିମା ଚମ୍ପଟ ମାରିବା ପୂର୍ବରୁ ତାର ଡାହାଣ ଗୋଡ଼ରେ ପୋଲିସର ଗୋଟିଏ ଗୁଳି ବାଜିବା ପରେ ସେହିଠାରେ ହିଁ ଟିମା ରକ୍ତାକ୍ତ ଅବସ୍ଥାରେ ଆଣ୍ଠେଇ ପଡ଼ିଥିଲା ।

ଅଭିଯୁକ୍ତଙ୍କ ପକ୍ଷରୁ ୩ ରାଉଣ୍ଡ ଗୁଳି ଚାଳନା ହୋଇଥିବାବେଳେ ପୁଲିସ ପକ୍ଷରୁ ମାତ୍ର ୨ ରାଉଣ୍ଡ ଗୁଳି ଚାଳନା ହୋଇଥିଲା। ଘଟଣାସ୍ଥଳରୁ ଟିମାର ୩ ସହଯୋଗୀଙ୍କୁ ମଧ୍ୟ ପୋଲିସ ଗିରଫ କରିବାରେ ସଫଳ ହୋଇଛି । ଘଟଣାସ୍ଥଳରୁ ପୋଲିସ ଗୋଟିଏ ପିସ୍ତଲ ସହିତ ଜୀବନ୍ତ ଗୁଳି, ଗୋଟିଏ ବୋଲେରୋ ଗାଡ଼ି, ବିଦ୍ୟୁତ୍ ତାର କାଟିବା ପାଇଁ ତାର କଟର ସହ ଅନ୍ୟାନ୍ୟ କିଛି ବ୍ୟବହୃତ ସାମଗ୍ରୀ ଜବତ କରିଛି। ଆହତ ଅଭିଯୁକ୍ତଙ୍କୁ ତୁରନ୍ତ ରେଢ଼ାଖୋଲ ଉପଜିଲ୍ଲା ଚିକିତ୍ସାଳୟରେ ପ୍ରାଥମିକ ଚିକିତ୍ସା ପରେ ବୁର୍ଲା ସ୍ଥିତ ଭିମସାରକୁ ପଠାଇ ପରବର୍ତ୍ତୀ ତଦନ୍ତକୁ ପୋଲିସ ଜୋରଦାର କରିଥିବା ଜଣାପଡିଛି ।

# ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ନାମରେ ଚଂଚକତା

ପୁରୀ, ୧୯/୩ (ନି.ପ୍ର): ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ନାମ ରେ ଚଂଚକତା କରି ଅନ୍ୟ ଏକ ସଙ୍ଘ ବୈଠକ କରିବାକୁ ଯାଉଛି । ଏହି ବୈଠକ କୁ ମୂଳ ସଙ୍ଘ ର ସଭ୍ୟ ମାନେ ନ ଯିବା ପାଇଁ ସଙ୍ଘ ଆଜି ବୁଧବାର ଅପରାହ୍ନ ରେ ସିଟି ରୋଡ ଯୁଥ ହଷ୍ଟେଲ ଠାରେ ସଙ୍ଘ ସାମ୍ବାଦିକ ସମ୍ମିଳନୀ ରେ ଅନୁରୋଧ କରିଛନ୍ତି । ୨୦୧୨ରୁ ଭବାନିପାଟଣା ଠାରେ ନିର୍ବାଚିତ ହୋଇଥିବା ପ୍ରାକ୍ତନ ସଭାପତି, ସମ୍ପାଦକ ଏବଂ ଅନ୍ୟ କର୍ମକର୍ତା ଗଣକୋଭିଡ୍ ଏବଂ ଅନ୍ୟ କୌଣସି କାରଣ ବଶତଃ ନିର୍ବାଚନ କରି ପାରିନ ଥିଲେ । ୨୦୨୪ମସିହାରେ ପୁରୀ ରେଲବାଇ କଲ୍ୟାଣ ମଣ୍ଡପ ନିର୍ବାଚନକୁ ଭଣ୍ଡୁର କରିବା ପରେ ଦଳେ ଇଂଜିନିୟର ବୋଲାଉଥିବା ନୂତନ ଭାବେ ସମିତିରେ ପ୍ରବେଶ କରି ନିଜକୁ ସଭାପତି ଓ ସମ୍ପାଦକ ବୋଲାଉଛନ୍ତି । ତା୧୧.୦୮.୨୦୨୪ରେ ସାମ୍ବିଧାନିକ ଭାବେ କଟକ ବକ୍ସି ବଜାର ବଡ଼େଇ ସାହି ମୋହନ ମଣ୍ଡପ ଠାରେ ଏକ୧୪ ଜଣିଆ ପ୍ରାଦେଶିକ କାର୍ଯ୍ୟ ନିର୍ବାହି କମିଟି ପୂର୍ବତନ ସଭାପତି ବଟକୃଷ୍ଣ ଓଝା ଓ ସାଧାରଣ ସମ୍ପାଦକ ଚିତରଞ୍ଜନ ମହାରଣାଙ୍କ ଠାରୁ ଦାୟୀତ୍ୱ ନୂତନ ଭାବେ ସଭାପତି ନିର୍ବାଚିତ ହୋଇଥିବା ସୂର୍ଯ୍ୟନାରାୟଣ ମହାରଣା ଓ ସାଧାରଣ ସମ୍ପାଦକ ମନୋରଞ୍ଜନ ମହାରଣାଙ୍କୁ ପ୍ରଦନା କରିଥିଲେ । ସମିତି କାମରେ ଅନଧିକୃତ ଭାବେ ନିଜକୁ ସଭାପତି ବୋଲାଉଥିବା ରାମକୃଷ୍ଣ ମହାରଣା ଏବଂ ସମ୍ପାଦକ ପ୍ରଭାକର ମହାରଣା କଟକ ଆଇ.ଜି.ଆର୍ ଉପ-ଜିଲ୍ଲାପାଳଙ୍କ ଦ୍ୱାରା ଯାଂଚ କରାଇ ତାହା ଏକ ଅନୈତିକ ଓ ଅନୌପଚାରିକ କମିଟି ଘୋଷଣା କରି ତାଙ୍କର ଚିଠି ସଂଖ୍ୟା ୭୫୯୦/୭.୧୨.୨୪ ମାଧ୍ୟମରେ କଟକ ଆଡ଼ୋଭୋକେଟ ଜେନେରାଲଙ୍କୁ ସୁଚିତ କରିସାରିଛି । ଏହା ପରେ ସେମାନେ ନାନା ଦୋଷାରୋପକରି କଟକ ଜିଲ୍ଲା ନ୍ୟାୟାଳୟରେ ଆଶ୍ରୟ ନେଇ ଏକ ମୋକଦ୍ଦମାରେ କରିଥିଲେ ଛ ତାହା ଅସିଦ୍ଧ ହୋଇସାରିଛି ଏବଂ ଅନ୍ୟ ଏକ ମୋକଦ୍ଦମା ବିଚାରାଧିନ ଅଛି । ଏହା ସତ୍ୱେ ସେମାନେ ମୁଖ୍ୟାଳୟ ଠିକଣା ପରିବର୍ତନ କରି ଘାଟିକିଆ ନାମରେ ଆମ ସମସ୍ତ ସଭ୍ୟଙ୍କୁପତ୍ର ଜରିଆରେ ୬୮ତମ ପ୍ରତିଷ୍ଠା ଦିବସ ନାମରେ ଆସନ୍ତା ୨୨,୦୩, ୨୦୨୬ରେ ଭୁବନେଶ୍ୱର ରେଡ଼କ୍ରସ ଭବନ ଠାରେ ଉପସ୍ଥିତ ହେବା ପାଇଁ ଅନୁରୋଧ କରିଛନ୍ତି । ଏଣୁ ପ୍ରଭାକର ମହାରଣା ଏବଂ ଅନ୍ୟମାନଙ୍କ ଦ୍ୱାରା ଆହୁତ ବୈଠକକୁ ତ୍ୱରିତ ବେଆଇନ ଘୋଷଣାକରି ସେମାନଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସଙ୍ଗେ ସଙ୍ଗେ ସେଠାକୁ କେହି ନଯାଆନ୍ତୁ ଏବଂ ସେଠାରେ ଅସ୍ଥିତିକର ପରିସ୍ଥିତି ସୃଷ୍ଟି ହେଲେ ଆମ୍ଭେ ଦାୟୀ ନ ହେବାକୁ ଆଜିର ଏହି ସମ୍ମିଳନୀଦ୍ୱାରା ଜଣାଇ ଦିଆଯାଉଛି । ଏହି ସମ୍ମିଳନୀ ରେ ରାଜ୍ୟ ସଭାପତି ସୂର୍ଯ୍ୟ ନାରାୟଣ ମହାରଣା ଓ ସମ୍ପାଦକ ମନୋରଞ୍ଜନ ମହାରଣା, ପୁରୀ ଜିଲ୍ଲା ସଭାପତି ଦେବରାଜ ମହାରଣା, ପୁରୀ ଟାଉନ ସଭାପତି ହୃଷିକେଶ ମହାରଣା, ପୁରୀଜିଲ୍ଲା ଯୁଗ୍ମ ସମ୍ପାଦକ ପ୍ରଶାନ୍ତ ମହାରଣା ପ୍ରମୁଖ ଯୋଗ ଦେଇଥିଲେ ।

# ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୁହିକ ନିଶୁଳ୍କ ବ୍ରତୋପନୟନ

ବଲାଙ୍ଗିର, ୧୯/୩ (ନି.ପ୍ର): ଜିଲ୍ଲା ବ୍ରାହ୍ମଣ ମହାସଭା ପକ୍ଷରୁ ବ୍ରାହ୍ମଣ ସନ୍ତାନମାନଙ୍କୁ ସାମୁହିକ ଶିଶୁଳ୍କ ବ୍ରତୋପନୟନ କାର୍ଯ୍ୟକ୍ରମ ସ୍ଥାନୀୟ ଶ୍ରୀ ଶ୍ରୀ ନୃସିଂହ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଦିର୍ଘ ୪୦ ବର୍ଷ ହେବ ଜିଲ୍ଲା ବ୍ରାହ୍ମଣ ମହାସଭା ତରଫରୁ ଏହି ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମ ହୋଇଆସୁଅଛି । ବଲାଙ୍ଗିର ଜିଲ୍ଲା ବିଭିନ୍ନ ବ୍ଲକ ଓ ଅନ୍ୟାନ୍ୟ ଜିଲ୍ଲାରୁ ମଧ ବ୍ରାହ୍ମଣ ବାଳକମାନେ ବ୍ରତୋପନୟନ ପାଇଁ ଦରଖାସ୍ତ କରିଥାନ୍ତି ତାହା ଦୁଇ ଜଣ ବ୍ରାହ୍ମଣ ଦେବତା ଚିହ୍ନଟ କରି ସୁପାରିଶ କରିବା ପରେ ମହାସଭାର କାର୍ଯ୍ୟକାରୀ ପରିଷଦ ଦ୍ୱାରା ଚୁଡାନ୍ତ ନିଷ୍ପତ୍ତି ହୋଇଥାଏ । ଚଳିତ ବର୍ଷ ୧୪ ଜଣ ବ୍ରାହ୍ମଣ ବାଳକ (ବଟୁ) ବ୍ରତୋପନୟନ ହୋଇଛନ୍ତି । ମାର୍ଚ୍ଚ ୧୫ ତାରିଖ ରେ ଚାରି କର୍ମ ହୋଇଥିବା ବେଳେ ୧୬ ତାରିଖରେ ବ୍ରତୋପନୟ କରାଯାଇଥିଲା । ଏହି ଅବସରରେ ବଲାଙ୍ଗିର ପୌର ପରିଷଦର ଅଧ୍ୟକ୍ଷା ଲିକା ସାହୁ, ସମାଜସେବୀ ଗୋପାଳଜୀ ପାଣିଗ୍ରାହୀ ସମେତ ଅନ୍ୟାନ୍ୟ ବର୍ଗର କର୍ମକର୍ତ୍ତା ତଥା ବିଶିଷ୍ଟ ସ୍ୱତନ୍ତ୍ର ନିମନ୍ତ୍ରିତ ବ୍ୟକ୍ତି ଯୋଗ ଦେଇଥିଲେ । ସାମୁହିକ ବ୍ରତୋପନୟନ କାର୍ଯ୍ୟକ୍ରମକୁ ପଣ୍ଡିତ ସନ୍ତୋଷ ମିଶ୍ର, ଗୋକୁଳା ମିଶ୍ର, ମୁଖ୍ୟ ଆଚାର୍ଯ୍ୟ ଏବଂ ପଣ୍ଡିତ ଭୋଜରାଜ ଦାଶ, ରଘୁନାଥ ଶତପଥି, ଗୁରୁଜି ଆନନ୍ଦ ମିଶ୍ର, ସୋମନାଥ ମିଶ୍ର, ରଜନୀ ଦାଶ, ସୁରେଶ ଚନ୍ଦ୍ର ପଣ୍ଡା, କାର୍ତ୍ତିକ ପଣ୍ଡା, ନରେନ୍ଦ୍ର ମହାପାତ୍ର, ପ୍ରମୋଦ ପଣ୍ଡା, ଗୋବିନ୍ଦ ପାଣି, ସୌମ୍ୟ ମିଶ୍ର ଓ ଆନନ୍ଦ ମିଶ୍ର ସହଯୋଗୀ ଆଚାର୍ଯ୍ୟ ଦାୟିତ୍ୱ ତୁଲାଇଥିଲେ । ସମ୍ପୂର୍ଣ୍ଣ ବୈଦିକ ରୀତିନୀତି ଅନୁଯାୟୀ ଏହି ବ୍ରତୋପନୟନ କାର୍ଯ୍ୟକ୍ରମ ପାଳନ କରାଯିବା ସଙ୍ଗେ ସଙ୍ଗେ ସହର ତଥା ବିଭିନ୍ନ ଅଂଚଳରୁ ୪୦୦ ପାଖାପାଖି ବ୍ରାହ୍ମଣ ପରିବାର ଯୋଗଦାନ କରି ଉପରୋକ୍ତ କାର୍ଯ୍ୟକ୍ରମକୁ ଶାନ୍ତିଶୃଙ୍ଖଳା ସହିତ ସାଫଲ୍ୟ ମଣ୍ଡିତ କରିଥିଲେ । ଅପରାହ୍ନ ୪ ଘଣ୍ଟା ସମୟରେ ସମସ୍ତ ବଟୁଧାରୀ ଙ୍କ ସହିତ ବ୍ରାହ୍ମଣ ମହାସଭାର ସମସ୍ତ ସଭ୍ୟ/ ସଭ୍ୟା ଏବଂ ନିମନ୍ତ୍ରିତ ପରିବାର ବର୍ଗମାନେ ମିଶି ରୋଷାଣି କାର୍ଯ୍ୟକ୍ରମ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିଥିଲେ । ଏପରି ନିଶୁଳ୍କ ସାମୁହିକ ବ୍ରତୋପନୟନ ଓ ବ୍ରାହ୍ମଣ ସମାଜର ପବିତ୍ର ଓ ମହତ କାର୍ଯ୍ୟକ୍ରମକୁ ସହରର ଜନସାଧାରଣ ଭୂୟସି ପ୍ରଶଂସା କରିବା ସହିତ ଶୁଭେଚ୍ଛା ଜ୍ଞାପନ କରିଥିଲେ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ବ୍ରାହ୍ମଣ ମହାସଭାର ଉପଦେଷ୍ଟା ଜୟରାମ ମିଶ୍ର, ପର୍ଶୁରାମ ନାୟକ, ଶିବ ଶଙ୍କର ଖୁଆସ, ଲୋକନାଥ ନେପାକ, ବିଶେଷ କରି ସଭାପତି ପ୍ରାଣ ବଲ୍ଲଭ ତ୍ରିପାଠି, ସଂପାଦକ ନରେନ୍ଦ୍ର କୁମାର ଆଚାର୍ଯ୍ୟ, ଉପ-ସଭାପତି କିଶୋର ପୁରୋହିତ, ସୁଶ୍ରୀ ରାଜଶ୍ରୀ ତ୍ରିପାଠି, ସହ-ସଂପାଦକ ସଂକିର୍ତ୍ତନ ତ୍ରିପାଠି, କୋଷାଧକ୍ଷ ରାଜେନ୍ଦ୍ର ମିଶ୍ର, ସଂଗଠନ ସଂପାଦକ ସୋମନାଥ ମିଶ୍ର, ସହରାଂଚଳ ସଭାପତି ରାକେଶ ପଣ୍ଡା, ସଦସ୍ୟ ଶିବ ନାରାୟଣ ରଥ, ସନ୍ତୋଷ ତ୍ରିପାଠି, ଜଗଦିଶ ନାଥ, ସୁରେଶ ମିଶ୍ର, ସୁବ୍ରତ ରଂଜନ ମିଶ୍ର, ସୁଭାଷ ଶତପଥି, ଗିରିଶ ପଣ୍ଡା, ନିହାରିକା ମିଶ୍ର ସମେତ ସମାଜର ଅନ୍ୟାନ୍ୟ ସଦସ୍ୟମାନେ ସହଯୋଗ କରିଥିଲେ ।

# ନିରାଶ୍ରୟ, ଅସହାୟ ଭୀମଙ୍କୁ ସାହା ହେଲେ ନଗରପାଳ

ଭୁବନ, ୧୯/୩ (ନି.ପ୍ର): ଢ଼େଙ୍କାନାଳ ଜିଲ୍ଲା ଭୁବନ ଏନ୍ ଏ ସି ଅନ୍ତର୍ଗତ ୨ ନମ୍ବର ୱାର୍ଡ ନୂଆ ବଜାର ବାସିନ୍ଦା ଅସହାୟ ନିସହାୟ ଦଳିତ ବୃଦ୍ଧ ଭୀମ ମଳିକ ଙ୍କୁ ନଗରପାଳ ସାହା ହୋଇ ଅନ୍ତେଷ୍ଟି କ୍ରିୟାରେ ସହଯୋଗ କରିଥିବା ଜଣାପଡ଼ିଛି । ପ୍ରାପ୍ତ ଖବରରୁ ପ୍ରକାଶ ଯେ ନୂଆ ବଜାର ଅରବିନ୍ଦ ମାର୍ଗର ବାସିନ୍ଦା ଭୀମ ମଳିକ (୭୫) ଙ୍କ ସ୍ତ୍ରୀ ୬ ମାସ ପୂର୍ବେ ମୃର୍ତ୍ୟୁ ବାରଣ କରିଥିଲେ । ବଡ ପୁଅ ଅଜୟ ମଳିକ (୪୫) ପାଗଳ । ମଝିଆଁ ପୁଅ ସଞ୍ଜୟ ମଳିକ (୪୦) ଓଡ଼ିଶା ବାହାରେ ଦାଦନ ଶ୍ରମିକ ଭାବେ କାର୍ଯ୍ୟ କରୁଥିଲେ । ଏକ ଗାଡ଼ି ଦୁର୍ଘଟଣାରେ ସେହିଠାରେ ମୃତ୍ୟୁ ବରଣ କଲେ । ଭୀମ ର ସାହା ଭରସା କହିଲେ ସାନ ପୁଅ କବିର । ଭୀମ ପକ୍ଷାଘାତ ରେ ଶୀକାର ହେବା ପରେ ସାନ ପୁଅ କବିର ତାଙ୍କୁ ପ୍ରଥମେ କାନ୍ଧରେ ବୋହି ଓ ପରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଜଗବନ୍ଧୁ ଜରାଶ୍ରମ ତରଫରୁ ମିଳିଥିବା ଏକ ହୁଇଲ ଚେୟାର ରେ ବସାଇ ହାଟ ବଜାର ବୁଲି ଭିକ୍ଷା ମାଗି ତାଙ୍କ ବାପାଙ୍କ ଖାଇବା ପିଇବା ବୁଝୁଥିଲେ । ଦୁର୍ଭାଗ୍ୟକୁ ଗତ ମାର୍ଚ୍ଚ ୩ ତାରିଖ ଦିନ ସାନ ପୁଅ କବିର (୩୫) ଙ୍କ ର ଅକାଳ ମୃତ୍ୟୁ ହୋଇଥିଲା ଓ ତାଙ୍କ ଘର ପୋଡିଯାଇଥିଲା । କଥାରେ ଅଛି, ଦଇବ ଯେତେବେଳେ ଦାଉ ସାଧେ,ସବୁ କିଛି ଛଡ଼ାଇ ନିଏ । ଭୀମ ର ସେହିଭଳି ସ୍ଥିତି ଉପୁଜିବାରୁ ଶେଷରେ ପରିତ୍ୟକ୍ତ ଅବସ୍ଥାରେ ଥିବା ପୁରୁଣା ଥାନା କ୍ୱାଟରରେ ଝାଡ଼ା ପରିସ୍ରା ହୋଇ ଅଖିଆ ଅପିଆ ପଡ଼ି ରହିଲେ । ମହାମାରୀ କରୋନା ସମୟରେ ବିଷ୍ଣୁପ୍ରିୟା ଫାଉଣ୍ଡେସନ ତରଫରୁ ଅକ୍ସିଜେନ ଯୋଗାଣ ହେଉ କିମ୍ବା ରାତି ଅଧରେ ମେଡିକାଲ ସହାୟତା ହେଉ ପ୍ରତି କ୍ଷେତ୍ରରେ ସାହାଯ୍ୟ ସହଯୋଗ କରୁଥିବା ତଥା ଅସହାୟ ନିସହାୟ ଗରିବ ଗୁରୁବାଙ୍କ ଦରଦୀ ବନ୍ଧୁ କୁହାଯାଉଥିବା ନଗରପାଳ ଶୁଭେନ୍ଦୁ କୁମାର ସାହୁ ଏ ସମ୍ପର୍କରେ ଖବର ପାଇ ତାଙ୍କୁ ସମସ୍ତ ପ୍ରକାର ସେବା ଯୋଗାଇ ଦେଇଥିଲେ । ଭୀମ ର ଆଜି ବୁଧବାର ସକାଳେ ମୃତ୍ୟୁ ହୋଇଯାଇଥିଲା । ନଗର ପାଳ ଶୁଭେନ୍ଦୁ ସାହୁ ଭୁବନ ବ୍ଲକ ଅନ୍ତର୍ଗତ କିଙ୍ଗୋଳ ଗ୍ରାମରେ ଥିବା ତାଙ୍କ ଝିଅ,ଜ୍ୱାଇଁ ଙ୍କୁ ଖବର ଦେବା ସହ ଆମ୍ବୁଲାନ୍ସ ମଗାଇଥିଲେ । ଝିଅ ଜ୍ୱାଇଁ ଓ ନାତି ପହଞ୍ଚିବା ପରେ ମାର ଶରୀରକୁ ଭରତି ପାହାଡ ନିକଟକୁ ନିଆଯାଇ ଜେସିବି ସାହାଯ୍ୟରେ ଗାତ ଖୋଳି ଦଳିତ ସମ୍ପ୍ରଦାୟ ରୀତି ନୀତି ଅନୁଯାୟୀ ଶବ କୁ ପୋତାଯାଇଥିଲା। ଏଥିରେ ନଗରପାଳ ଶୁଭେନ୍ଦୁ ସାହୁଙ୍କୁ ଯୁବ ସମାଜ ସେବୀ ହୋଣ୍ଡା ସୋରୁମ ପ୍ରୋପାଇଟର ସନ୍ତୋଷ କୁମାର ପୃଷ୍ଟି ଏବଂ ଆମ୍ବୁଲାନ୍ସ ଡ୍ରାଇଭର ଅଜୟ ବେହେରା ସହଯୋଗ କରିଥିଲେ। ଏହି ଘଟଣା ପ୍ରଚାରିତ ହେବା ପରେ କେବଳ ବୁଦ୍ଧିଜୀବୀ ମହଲ ନୁହେଁ ସାରା ଭୁବନବାସୀ ଉଚ୍ଚ ପ୍ରଶଂସା କରୁଛନ୍ତି ।

# ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପ୍ରସ୍ତୁତି ବୈଠକ

ଖୋର୍ଦ୍ଧା, ୧୯/୩ (ନି.ପ୍ର): ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଜୟୀ ରାଜଗୁରୁ ସମ୍ମିଳନୀ କକ୍ଷରେ ଖୋର୍ଦ୍ଧା ଜିଲ୍ଲାସ୍ତରୀୟ ଉତ୍କଳ ଦିବସ ପାଳନ ନେଇ ଅତିରିକ୍ତ ଜିଲ୍ଲାପାଳ, ସାଧାରଣ ପ୍ରତାପ ଚନ୍ଦ୍ର ବେଉରାଙ୍କ ଅଧ୍ୟକ୍ଷତାରେ ବୁଧବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅନାଦି ଚରଣ ସେଠୀ, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ପରେ ବୈଠକରେ ଅଧକ୍ଷ ଆସନ୍ତା ଏପ୍ରିଲ୍ ୧ ତାରିଖରେ ଉତ୍କଳ ଦିବସ ପାଳନ ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ରୂପରେଖ ଉପରେ ଅଭିଭାଷଣ ପ୍ରଦାନ କରି ଜିଲ୍ଲା ସ୍ତରୀୟ ଉତ୍କଳ ଦିବସ ସମାରୋହକୁ ପାଳନ କରିବା ଦିଗରେ ଆହ୍ୱାନ ଦେଇଥିଲେ । ପ୍ରସ୍ତୁତି ବୈଠକ ସିଦ୍ଧାନ୍ତ ଅନୁଯାୟୀ ଉତ୍କଳ ଦିବସ ଦିନ ପ୍ରତ୍ୟୁଷରୁ ସହରରେ ଉତ୍କଳ ବନ୍ଦନା ସଙ୍ଗୀତ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ପ୍ରଚାର କରାଯିବ । ଖୋର୍ଦ୍ଧା ଜିଲ୍ଲାର ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯିବାସହ ଖୋର୍ଦ୍ଧା ସହରରେ ବିଭିନ୍ନ ସ୍ଥାନରେ ଥିବା ବରପୁତ୍ର ମାନଙ୍କ ପ୍ରତିମୂର୍ତୀରେ ମାଲ୍ୟାର୍ପଣ କରାଯିବ । ସେହିପରି ଜିଲ୍ଲା ସ୍ତରୀୟ ଉଚ୍ଚ ବିଦ୍ୟାଳୟ ଏବଂ ମହାବିଦ୍ୟାଳୟ ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଓଡ଼ିଆ ଦେଶାତ୍ମବୋଧକ ପ୍ରବନ୍ଧ, ବକ୍ତୃତା ଓ ସଙ୍ଗୀତ ପ୍ରତିଯୋଗିତା ଜିଲ୍ଲା ଶିକ୍ଷା ଅଧିକାରୀ ଓ ଅଧକ୍ଷା ପ୍ରାଣ ନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ ସହଯୋଗରେ ଅନୁଷ୍ଠିତ କରାଯିବ । ଉତ୍କଳ ଦିବସ କୁ ଆକର୍ଷଣୀୟ କରିବା ନିମନ୍ତେ ସରରର ବିଭିନ୍ନ ସ୍ଥାନରେ ତ୍ୱରଣ ନିର୍ମାଣ କରାଯିବ । ଉତ୍କଳ ଦିବସ ଦିନ ସକାଳେ ଶୋଭାଯାତ୍ରା ସହ ଉତ୍କଳ ବନ୍ଦନା କାର୍ଯ୍ୟକ୍ରମ ଓ ପୌର ପରିଷଦ ଟାଉନ୍ ହଲ୍ ଠାରେ ସାଧାରଣ ସଭା ଓ ପୁରସ୍କାର ପ୍ରଦାନ ସମାରୋହ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ସମସ୍ତ ସରକାରୀ କାର୍ଯ୍ୟାଳୟ ମାନଙ୍କରେ ଚଳିତ ମାସ ୩୧ ତାରିଖରୁ ଏପ୍ରିଲ ୧ତାରିଖ ପର୍ଯ୍ୟନ୍ତ ଆଲୋକ ମାଳାରେ ସୁସଜ୍ଜିତ କରିବା ଉପରେ ନିଷ୍ପତି ଗ୍ରହଣ କରାଯାଇଥିଲା । ଜିଲ୍ଲାର ସମସ୍ତ ଜିଲ୍ଲାସ୍ତରୀୟ କାର୍ଯ୍ୟାଳୟ, ବ୍ଲକ୍ କାର୍ଯ୍ୟାଳୟ ଏବଂ ପୌର ପରିଷଦ ଏବଂ ବିଜ୍ଞାପିତ ଅଂଚଳ ପରିଷଦ କାର୍ଯ୍ୟାଳୟ ମାନଙ୍କରେ ଉତ୍କଳ ଦିବସ ଦିନ ପୂର୍ବାହ୍ନ ୧୧ ଘଟିକା ସମୟରେ ଓଡ଼ିଶା ଦିବସ ଉପଲକ୍ଷେ ବନ୍ଦେ ଉତ୍କଳ ଜନନୀ ସଙ୍ଗୀତ ଗାନ କରାଯିବା ପାଇଁ ଅଧକ୍ଷ ନିର୍ଦ୍ଦେଶ ଦେଇଥିଲେ । ଶେଷରେ ବୈଠକର ଅଧକ୍ଷ ଅତିରିକ୍ତ ଜିଲ୍ଲାପାଳ, ପ୍ରଶାସନ ପ୍ରତାପ ଚନ୍ଦ୍ର ବେଉରା ଜିଲ୍ଲା ସ୍ତରୀୟ ଉତ୍କଳ ଦିବସକୁ ଜିଲ୍ଲା ସଦର ମହକୁମାରେ ଶାନ୍ତି ଶୃଙ୍ଖଳା ସହ ପାଳନ କରିବା ନିମନ୍ତେ ସମସ୍ତଙ୍କ ସହଯୋଗ କାମନା କରିଥିଲେ । ପରିଶେଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରିଥିଲେ । ବୈଠକରେ ବୁଦ୍ଧିଜୀବୀ ତଥା ବରିଷ୍ଠ ନାଗରିକ,ନିର୍ବାହୀ ଯନ୍ତ୍ରୀ, ପୂର୍ତ ସରୋଜ ମିଶ୍ର, ଡେପୁଟୀ କଲେକ୍ଟର ଶ୍ରୀତପା ମିଶ୍ର, ସୌମ୍ୟା ସ୍ୱାଗତିକା ସ୍ୱାଇଁ, ସଂଗ୍ରାମ କିଶୋର ଜେନା, ସ୍ୱିଟୀ ସୋରେନ, ସାରା ମଲ୍ଲିକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ବିଜୟ କୁମାର ବେହେରା,ବି ଡି ଓ ଏବଂ ପୌରପରିଷଦ ନିର୍ବାହୀ ଅଧିକାରୀ ସିଦ୍ଧାର୍ଥ ପଟ୍ଟନାୟକ,ଅଗ୍ନି ଶମ ସେବା ଅଧିକାରୀ ମୀନ କେତନ ବେହେରା, ପ୍ରାଣନାଥ ସ୍ୱୟଂ ଶାସିତ ମହାବିଦ୍ୟାଳୟ କର୍ମକର୍ତା ସୁବୋଧ କୁମାର ଜଗଦେବ, ସୁଶାନ୍ତ କୁମାର ମିଶ୍ର ଜିଲ୍ଲା କଳା ସଂସ୍କୃତି ସଂଘ ଉପ ସଭାପତି କବିରାଜ ପ୍ରଧାନ,ଡି ଇ ଜି ଏମ ମାନସ କୁମାର ବ୍ରହ୍ମାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ ମାନେ ଯୋଗ ଦେଇଥିଲେ ।

# ରାଜରାସ୍ତାରୁ ଟନ୍ ଟନ୍ ପାଉଁଶ ସ୍ଥାନାନ୍ତର କଲେ କଲେଜ ଛାତ୍ର

ସମ୍ବଲପୁର, ୧୯/୩ (ନି.ପ୍ର): ସମାଜରୁ ଏବେ ଧିରେଧିରେ ମାନବିକତା ଉଭେଇ ଗଲାଣି । ହେଲେ ଆଜିର ପାଠ ପଢା ସାରି କିଛି କଲେଜ ଛାତ୍ର ଯେଉଁ କାର୍ଯ୍ୟ କରିଛନ୍ତି ତାହା କାହାରି ନିର୍ଦ୍ଦେଶରେ ନୁହେଁ, ସ୍ୱତଃ ପ୍ରବୃତ ଭାବେ । କଳ କାରଖାନାକୁ ସରକାର ବିଭିନ୍ନ ପ୍ରୋତ୍ସାହନ ଦେଉଛନ୍ତି । ହେଲେ ଟିକିଏ ସୁଯୋଗ ମିଳିଲେ ଯେପରି 'ଅଙ୍ଗୁଳି ପ୍ରବେଶରୁ, ବାହା ପ୍ରବେଶ' ସେହିପରି ଆଖପାଖର କୌଣସି କାରାଖାନା ନିଜ ବର୍ଜ୍ୟବସ୍ତୁ ଟନ୍ ଟନ୍ ଆସ୍ (ପାଉଁଶ) କୁଳୁଥୁକାନି ମୁଖ୍ୟ ରାସ୍ତା କଡ଼ରେ ପକାଇ ଚମ୍ପଟ ମାରିଥିଲା । ଜିଲ୍ଲା ପ୍ରଶାସନ ଚାହିଁଛି, ସାଧାରଣ ଲୋକେ ଯା-ଆସ ମଧ୍ୟ କରୁଛନ୍ତି । ହେଲେ ଏହି ଆସ୍ ପବନରେ ଉଠି ବାୟୁ ପ୍ରଦ୍ୟୁଷଣ କରିବା ସହ ରାସ୍ତାସାରା ଖେଳାଇ ଏକ ବିପଦ ସଙ୍କୁଳ ଅବସ୍ଥା ସୃଷ୍ଟି କରୁଥିଲେ ମଧ୍ୟ ସମସ୍ତେ ପ୍ରାୟ ନାଚାର । ସ୍ଥାନୀୟ ଏନ୍ଏସିବି କଲେଜର କିଛି ଛାତ୍ର ଏଭଳି ଦୃଶ୍ୟକୁ ଦେଖି ପ୍ରଶାସନର କଛପ ଗତିର କାର୍ଯ୍ୟାନୁଷ୍ଠାନକୁ ଅପେକ୍ଷା ନକରି ତୁରନ୍ତ ସ୍ୱେଚ୍ଛାକୃତ ଭାବେ ହାତରେ ଫାଉଡା ଓ ବକେଟ୍ ଧରି ଧିରେ ଧିରେ ପାଉଁଶ ଗୁଣ୍ଡ ଗୁଡିକୁ ରାସ୍ତାରୁ ଉଠାଇ ନିକଟସ୍ଥ ଏକ ଖାଲୁଆ ଅଂଚଳରେ ପକାଇଥିବା ଦେଖିବାକୁ ମିଳିଥିଲା ।

## ମଧ୍ୟସ୍ଥା କେନ୍ଦ୍ର ସହାୟତାରେ ଯୋଡ଼ା ହେଲା ଭଙ୍ଗା ପରିବାର

କେନ୍ଦ୍ରାପଡ଼ା, ୧୯/୩ (ନି.ପ୍ର): କେନ୍ଦ୍ରାପଡ଼ା ଜିଲ୍ଲା ମଧ୍ୟସ୍ଥା କେନ୍ଦ୍ର ସହାୟତାରେ ଏକ ଭଙ୍ଗା ପରିବାର ଯୋଡି ହୋଇ ପୁନର୍ବାର ଘର ସଂସାର କରିବାକୁ ନିଷ୍ପତି ନେଇଛନ୍ତି। କେନ୍ଦ୍ରାପଡ଼ା ଜିଲ୍ଲା ଆଇନସେବା ପ୍ରାଧିକରଣ ସୂଚନା ଅନୁଯାଇ କେନ୍ଦ୍ରାପଡା ଜିଲ୍ଲା ସଦର ଥାନା ଅନ୍ତର୍ଗତ ଓରିସବନ୍ଧ ଗ୍ରାମର ସନାତନ ନାଥ ପାଟକୁରା ଥାନା ଅନ୍ତର୍ଗତ କସୋରି ଗ୍ରାମର ସଂଧ୍ୟାରାଣୀ ନାଥଙ୍କୁ ବିବାହ କରିଥିଲେ। ଉଭୟଙ୍କ ମଧ୍ୟରେ ମନମାଳିନୀ ହେବାରୁ ପରିବାର ଅଦାଲତରେ ଛାଡପତ୍ର ମାମଲା ଦାଏର ହୋଇଥିଲା। ପରିବାର ଅଦାଲତର ବିଚାରପତି ମାମଲାକୁ ମଧ୍ୟସ୍ଥା କେନ୍ଦ୍ରକୁ ହସ୍ତାନ୍ତର କରି ବୁଝାସୁଝା କରିବାକୁ ପଠାଇଥିଲେ। ମଧ୍ୟସ୍ଥା କେନ୍ଦ୍ରର ବରିଷ୍ଠ ଆଇନଜିବୀ ଗଦାଧର ଶତପଥୀ, ସ୍ୱୟଂ ପ୍ରକାଶ ଦାସ, ଅମ୍ରିତା ମିଶ୍ର ପ୍ରମୁଖ ସ୍ୱାମୀ ସ୍ତ୍ରୀଙ୍କୁ ବୁଝାସୁଝା କରାଇବା ପରେ ଉଭୟ ମଧ୍ୟସ୍ଥା କେନ୍ଦ୍ରର ବରିଷ୍ଠ ଆଇନଜିବୀଙ୍କ ମତାମତ ରେ ରାଜି ହୋଇ ପୁନର୍ବାର ଘର ସଂସାର କରିବାକୁ ଖସଖୁସିରେ ଫେରିଛନ୍ତି।

# ବିପଦ ସଙ୍କୁଳ ଅବସ୍ଥାରେ କୋଲାବ ଜଳ ସେଚନ ବିଭାଗର ବ୍ରିଜ

ଜୟପୁର, ୧୯/୩ (ନି.ପ୍ର): ଅସୁରକ୍ଷିତ ଅବସ୍ଥାରେ କୋଲାବ ଜଳ ସେଚନ ବିଭାଗ ର ଅନେକ ଶାଖା କେନାଲ । ହେଉନି ମରାମତି ବିପଦ ସଙ୍କୁଳ ଅବସ୍ଥାରେ ଲୋକଙ୍କ ଯାତାୟତ । ବିପଦ ସଙ୍କୁଳ ଅବସ୍ଥାରେ ରହିଛି କୋଲାବ ଜଳ ସେଚନ ବିଭାଗ ର ମାଳମାଳ ବ୍ରିଜ । ଅସୁରକ୍ଷିତ ଅବସ୍ଥାରେ ଯାତ୍ରା କରିଛନ୍ତି ହଜାର ହଜାର ଜନତା ।ରକ୍ଷଣା ବ୍ୟକ୍ଷଣା ର ଅଭାବ ସାଜିବ କି ଭବିଷ୍ୟତ ରେ ଦୁର୍ଘଟଣା ର କାରଣ । କୋରାପୁଟ ଜିଲା ର ଜୟପୁର ସହର ର ଚତୁପାର୍ଶ୍ୱ ରେ ଯାଇଥିବା ଏହି କେନାଲ ଓ କେନାଲ ଉପରେ ଥିବା ଏହି ସବୁ ବ୍ରିଜ କୁ କେମିତି ଭଙ୍ଗା ରୁଜା ଅବସ୍ଥାରେ ପଡି ରହିଛି ଏହି ସବୁ ବ୍ରିଜ । କୌଠି ୱାଲ ଭାଙ୍ଗି ଗଲାଣି ତ ଆଉ କୌଠି ଦବିଗଲାଣି ରାସ୍ତା । ଗତକିଛିଦିନ ତଳେ ରକ୍ଷଣା ବ୍ୟକ୍ଷଣା ଅଭାବରୁ କେମିତି ଭାଙ୍ଗି ପଡିଥିଲା ବାରିଣିପୁଟ ରୁ ପାଟରାଗୁଡା କୁ ସଂଯୋଗ କରୁଥିବା ଏହି ବ୍ରିଜ ଟି । ସୂଚନା ମୁତାବକ ପ୍ରାୟ ୪୨ ବର୍ଷ ତଳେ ନିର୍ମାଣ ହୋଇଥିଲା ଏହି ସବୁ ପୋଲ । ବର୍ତମାନ ରକ୍ଷଣାବେକ୍ଷ ଅଭବାରୁ ଭଗବାନ ଭରସାରେ ରହିଛି ଏହି ସବୁ ବ୍ରିଜ । ସରକାରୀ ତଥ୍ୟ ମୁତାବକ ପ୍ରାୟ ଅସି ଶତକ ପାଖାପାଖି କୋରାପୁଟଜିଲ୍ଲା କୁନ୍ଦୁରା,ବୋରିଗୁମ୍ମା ,କୋଟପାଡ ଓ ଜୟପୁର ସହର ରେ ଜଳ ସେଚନ ସୁବିଧା ପାଇଁ ନିର୍ମାଣ ହୋଇଥିଲା ଆନୁମାନିକ ୨୦୦ ରୁ ଅଧିକା ପୋଲ ବର୍ତମାନ ଏହି ସବୁ ଏବେ ବିପଦ ସଙ୍କୁଳ ଅବସ୍ଥାରେ । ସବୁଠାରୁ ବଡକଥା କି ବର୍ତମାନ ଭାଙ୍ଗିଯାଇଥିବା ବ୍ରିଜ ଦେଇ ଯାତାୟତ କରୁଥିବା ପ୍ରାୟ ୭ ରୁ ଅଧିକା ଗ୍ରାମବାସୀ ମାନେ ଏବେ ଜୟପୁର ସହର ଆସିବା କୁ ହେଲେ ବୁଲିବାକୁ ପଡୁଛି ଏମାନ ଙ୍କୁ ମାଇଲି ମାଇଲି ବାଟ । ବର୍ତମାନ ଏହି ବ୍ରିଜ ସବୁ କୁ ତୁରନ୍ତ ମରାମତି ଲାଗି ଦାବି କରିଛନ୍ତି ଅଞ୍ଚଳ ବାସୀ । ଅନ୍ୟପଟେ ଦେଖିବାକୁ ଗଲେ ଜଳ ସେଚଗନ ବିଭାଗ ଏହି ସବୁ କେନାଲ ଆର ପାର ପାଇଁ କରିଥିବା ବ୍ରିଜ ଗୁଡିକ ଭାରିଯାନ ପାଇଁ ହୋଇ ନଥିଲା କେବଳ ୨ ଚକିଆ ଯାନ କିମ୍ବା ହାଲୁକା ଚାରି ଚକିଆ ଯାନ ଏହି ରାସ୍ତା ଦେଇ ଯାତାୟତ କରି ପାରିବ କିନ୍ତୁ ଅନେକ ବାର ଏହି ବ୍ରିଜ ଦେଇ ଭାରିଯାନ ତା ସହିତ ବାଲି ଓ ପଥର ବୋଝେଇ ଗାଡି ଯିବାରୁ ଏହା ଦିନକୁ ଦିନ ଦୁର୍ବଳ ହେବାରେ ଲାଗିଛି । ଅନ୍ୟପଟେ କୋଲାବ ଜଳ ସେଚନ ବିଭାଗ ତରଫରୁ ବ୍ରିଜ ଆରମ୍ଭ ରୁ ସ୍ପଷ୍ଟ ଟ ଭାବେ ସୂଚନା ଦିଆଯାଇଛି କି ଭାରିଯାନ ପ୍ରବେଶ ନିଷେଧ । ବର୍ତମାନ ଏହି ସବୁ ଭାରିଯାନ ଚଳାଚଳ ହି ବ୍ରିଜ ଭାଙ୍ଗିବାର କାରଣ ହୋଇ ଥାଇ ପାରେ ବୋଲି ଅନୁମାନ କରାଯାଉଥିବା ବେଳେ ଜିଲା ପ୍ରଶାସନ ର ଏହି ଘଟଣା କୁ ନେଇ ଦୃଷ୍ଟି ଗୋଚର କରିଲା ପରେ ଜିଲ୍ଲାପାଳ ତୁରନ୍ତ ଏହି ସବୁ ବ୍ରିଜ କୁ ମରାମତି କରାଯିବା ସହ ଆବଶ୍ୟକତା ସ୍ଥଳେ ନୂତନ ବ୍ରିଜବି ନିର୍ମାଣ କରାଯିବ ବୋଲି ମଧ୍ୟ କହିଛନ୍ତି ।

# ମାଲକାନଗିରିରେ ତିନି ଦିନିଆ ଜିଲ୍ଲାସ୍ତରୀୟ କ୍ରୀଡ଼ା ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬ ଶୁଭାରମ୍ଭ

ମାଲକାନଗିରି, ୧୯/୩ (ନି.ପ୍ର): ମାଲକାନଗିରି ଜିଲ୍ଲାର କୁନି କ୍ରୀଡ଼ାବିମ୍ବାନଙ୍କ ମଧ୍ୟରେ ଥିବା ପ୍ରତିଭାକୁ ଲୋକଲୋଚନକୁ ଆଣିବା ପାଇଁ ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ୧୪ ବର୍ଷରୁ କମ୍ ବୟସ୍କ ବାଳକ ଓ ବାଳିକାମାନଙ୍କ ପାଇଁ ପ୍ରତିଭା ଅନ୍ୱେଷଣ କାର୍ଯ୍ୟକ୍ରମ-୨୦୨୬ ଆରମ୍ଭ ହୋଇଛି। ଆଜିଠାରୁ ଜିଲ୍ଲାର ତିନୋଟି ପ୍ରମୁଖ ସ୍ଥାନରେ ଏହି ଚୟନ ପ୍ରକ୍ରିୟା ଆରମ୍ଭ କରାଯାଇଛି। ଖେଳାଳିମାନଙ୍କୁ ସୁବିଧା ପ୍ରଦାନ କରିବା ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ଚିତ୍ରକୋଣ୍ଡା ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ଗୋବିନ୍ଦପାଲ୍ଲୀ ସରକାରୀ ଏସଏସଡି ଉଚ୍ଚ ବିଦ୍ୟାଳୟ (ମାଥିଲି ଓ ଖଇରପୁଟ ବ୍ଲକ ପାଇଁ), ମାଲକାନଗିରି ଜିଲ୍ଲା କ୍ରୀଡ଼ା କମ୍ପ୍ଲେକ୍ସ (ମାଲକାନଗିରି, କୋରୁକୋଣ୍ଡା, କାଲିମେଳା ଓ ପଡ଼ିଆ ବ୍ଲକ ପାଇଁ) ଠାରେ ଶିବିର ଆୟୋଜନ କରାଯାଇଥିଲା।ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ପାଇଁ ମୋଟ ୫୮୯ ଜଣ ଛାତ୍ରଛାତ୍ରୀ ପଞ୍ଜିକରଣ କରିଛନ୍ତି। ଆଜି ପ୍ରଥମ ଦିନରେ ୮ ଜଣ ନୂତନ ପ୍ରତିଭା ସିଧାସଳଖ ପଞ୍ଜିକରଣ କରି ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ପ୍ରଥମ ଦିନ ଅର୍ଥାତ୍ ୧୮ ମାର୍ଚ୍ଚ ରେ ଆଥଲେଟିକ୍ସ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା, ଯେଉଁଥିରେ ୨୩୧ ଜଣ ଖେଳାଳି ସାମିଲ ହୋଇଥିଲେ ।ଆସନ୍ତା ୨୨ ମାର୍ଚ୍ଚ ରେ ଖୋ-ଖୋ ପ୍ରତିଯୋଗିତା ପାଇଁ ୨୮୪ ଜଣ ଖେଳାଳି ପଞ୍ଜିକୃତ ହୋଇଛନ୍ତି । ଆସନ୍ତା ୨୫ ମାର୍ଚ୍ଚ ରେ ଭଲିବଲ୍ ଚୟନ ପ୍ରକ୍ରିୟାରେ ୭୪ ଜଣ ଖେଳାଳି ଭାଗ ନେବେ।ଜିଲ୍ଲାର ଏହି କୁନି ପ୍ରତିଭାମାନଙ୍କୁ ଉପଯୁକ୍ତ ପ୍ରଶିକ୍ଷଣ ଦେଇ ଆଗାମୀ ଦିନରେ ସେମାନଙ୍କୁ ରାଜ୍ୟ ଓ ଜାତୀୟ ସ୍ତର ପାଇଁ ପ୍ରସ୍ତୁତ କରିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରୁକ୍ ସୂଚନା ଦେଇଛନ୍ତି। ଏହାକୁ ଆୟୋଜନ କରିବାରେ କ୍ରୀଡ଼ା ବିଭାଗର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# କଂଟାପଡ଼ା ପଂଚାୟତରେ ଚକ୍ଷୁ ପରୀକ୍ଷା ଶିବିର ଅନୁଷ୍ଠିତ

କେନ୍ଦ୍ରାପଡ଼ା, ୧୯/୩ (ନି.ପ୍ର): ରାଜକନିକା ଅନ୍ତରୀକ୍ଷ ଫାଉଣ୍ଡେସନ ପକ୍ଷରୁ କେନ୍ଦ୍ରାପଡ଼ା ଜିଲ୍ଲା ରାଜକନିକାର କଂଟାପଡ଼ା ଗ୍ରାମ ପଂଚାୟତରେ ଆଂଚଳିକ ଚକ୍ଷୁ ଚିକିତ୍ସା ଶିବିର ଓ ମୋତିଆ ବିନ୍ଦୁ ଚିହ୍ନଟ ଶିବିର ମଙ୍ଗଳବାର ଦିନ ଅନୁଷ୍ଠିତ ହୋଇଜାଛି। ଭୂମିକା ରାଜ୍ୟ ପରିଚାଳକ ଶ୍ରୀ କର୍ଣ୍ଣାଟ କିଶୋର ଜେନା ଓ ଉପଦେଷ୍ଟା ଶ୍ରୀ ଭକ୍ତବତ୍ସଳ ମହାନ୍ତ ମାର୍ଗ ଦର୍ଶନରେ ଅନୁଷ୍ଠିତ। ଉକ୍ତ ଶିବିରରେ କଂଟାପଡ଼ା ପଂଚାୟତର ବାଘବୁଦା, କାଳିକାପୁର, କଂଟାପଡ଼ା, ଚରପଡ଼ା, କୋଠସାହି, କୋଠକେଶ୍ୱର ରାଜଶ୍ୱ ଗ୍ରାମରୁ ୬୩ ଜଣ ବରିଷ୍ଠ ନାଗରିକଙ୍କର ଚକ୍ଷୁ ପରୀକ୍ଷା କରାଯାଇ ପ୍ରାଥମିକ ସେବା ଓ ପରାମର୍ଶ ଯୋଗାଇ ଦିଆଯାଉଛି। ଭୂମିକା ଚକ୍ଷୁ ଚିକିତ୍ସାଳୟ କେନ୍ଦ୍ରାପଡ଼ା ବୈଷୟୀକ ସ୍ୱାସ୍ଥ୍ୟସେବା ସହାୟତାରେ ଅନୁଷ୍ଠିତ ଶିବିରକୁ ହସ୍ପିଟାଲ୍ ପରିଚାଳକ ଶ୍ରୀ ବଳରାମ ନାୟକ ସଂଯୋଧନ କରିଥିଲେ। ଭୂମିକା ଚକ୍ଷୁ ଚିକିତ୍ସାଳୟର ଅପଟମ ଶ୍ରୀ ଦେବାଶିଷ ଚକ୍ରବର୍ତୀ, ବିଶିଷ୍ଟ ସ୍ୱାସ୍ଥ୍ୟ ସେବିକା ଝରଣା ଦାସ, କ୍ଷେତ୍ରୀୟ ସ୍ୱାସ୍ଥ୍ୟ ସଙ୍ଗଠକ ପିରୋଦ କୁମାର ବେହେରା ପ୍ରମୁଖ ବରିଷ୍ଠ ନାଗରିକ ଚକ୍ଷୁ ପରୀକ୍ଷା କରି ସେମାନଙ୍କ ମଧ୍ୟରୁ ୧୨ ଜଣଙ୍କ ମୋତିଆ ବିନ୍ଦୁ ଚିହ୍ନଟ କରିଥିଲେ ।

## ଜାଣନ୍ତୁ 'ଜୁଆଣି' ଖାଇବାର ସଠିକ୍ ଉପାୟ: ଭୁଲ୍ ଭାବରେ ଖାଇଲେ ହୋଇପାରେ କ୍ଷତି



ଜୁଆଣି ପ୍ରତିଟି ଭାରତୀୟ ରୋଷେଇ ଘରେ ମିଳୁଥିବା ଏକ ଅତି ସାଧାରଣ ଔଷଧୀୟ ମସଲା, ଯାହା ଖାଦ୍ୟର ସ୍ୱାଦ ବଢ଼ାଇବା ସହ ଅନେକ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ କରିଥାଏ । କିନ୍ତୁ ଏହାର ପ୍ରକୃତ ଉପକାର ପାଇବା ପାଇଁ ସଠିକ୍ ପଦ୍ଧତିରେ ସେବନ କରିବା ଅତ୍ୟନ୍ତ ଜରୁରୀ, ନଚେତ୍ ଏହା ଶରୀର ପାଇଁ ଉପକାର ଅପେକ୍ଷା ଅଧିକ କ୍ଷତି କରିପାରେ । ସାଧାରଣତଃ ହଜମ ପ୍ରକ୍ରିୟାରେ ଉନ୍ନତି ପାଇଁ ଖାଦ୍ୟ ଖାଇବା ପରେ ଅଳ୍ପ ଭଜା ଜୁଆଣି ଚୋବାଇ ଖାଇବା ବହୁତ ଭଲ ଅଭ୍ୟାସ । ଯଦି ଆପଣ ଓଜନ ହ୍ରାସ କରିବାକୁ ଚାହୁଁଛନ୍ତି କିମ୍ବା ମେଟାବୋଲିଜିମ୍ ବଢ଼ାଇବାକୁ ଚାହୁଁଛନ୍ତି, ତେବେ ରାତିରେ ଏକ ଚାମଚ ଜୁଆଣିକୁ ଗୋଟିଏ ଗ୍ଲାସ୍ ପାଣିରେ ଭିଜାଇ ରଖନ୍ତୁ ଏବଂ ସକାଳେ ଏହି ପାଣିକୁ ଭଲଭାବେ ଫୁଟାଇ ଛାଣି ପିଅନ୍ତୁ । ପେଟରେ ଗ୍ୟାସ୍, ଅଦୃଶ୍ୟ କଷ୍ଟ କିମ୍ବା ବଦହଜମି ସମସ୍ୟା ଥିଲେ ଉଷୁମ ପାଣିରେ ଅଳ୍ପ ଜୁଆଣି ସହ କଳା ଲୁଣ ମିଶାଇ ଖାଇବା ଦ୍ୱାରା ତୁରନ୍ତ ଆରାମ ମିଳିଥାଏ । ଏହା କେବଳ ପେଟକୁ ଶାନ୍ତ କରେ ନାହିଁ, ବରଂ ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବାରେ ମଧ ସାହାଯ୍ୟ କରେ ।

ତେବେ ଜୁଆଣି ସେବନ କରିବା ସମୟରେ ଅତ୍ୟଧିକ ସାବଧାନ ରହିବା ଆବଶ୍ୟକ କାରଣ ତା'ର ପ୍ରକୃତି ଅତ୍ୟନ୍ତ ଗରମ । ଏହାକୁ ଅଧିକ ପରିମାଣରେ ସେବନ କଲେ ଶରୀରରେ ଉତ୍ତାପ ବଢ଼ିଥାଏ, ଯାହା ଫଳରେ ପେଟରେ ଜଳାପୋଡ଼ା, ଛାତିରେ ଜ୍ୱଳନ, ଏସିଡିଟି ଏବଂ ମୁହଁରେ ଘା' ଭଳି ସମସ୍ୟା ସୃଷ୍ଟି ହୋଇପାରେ । ବିଶେଷ କରି ଗର୍ଭବତୀ ମହିଳାମାନେ ଏହାକୁ ଅଧିକ ଖାଇବା ଆଦୌ ଉଚିତ ନୁହେଁ, କାରଣ ଏହାର ଗରମ ଗୁଣ ଗର୍ଭପାତର ଭୟ ସୃଷ୍ଟି କରିପାରେ ।

ସେହିପରି ଯେଉଁମାନଙ୍କର ଲିଭର କିମ୍ବା ପାଚନତନ୍ତ୍ର ସମ୍ବନ୍ଧୀୟ କୌଣସି ଜଟିଳ ରୋଗ ରହିଛି, ସେମାନେ ଜଆଣି ସେବନ କରିବା ପୂର୍ବରୁ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ । ଜଣେ ସୁସ୍ଥ ବ୍ୟକ୍ତି ଦିନକୁ ୨ ରୁ ୩ ଗ୍ରାମରୁ ଅଧିକ ଜୁଆଣି ଖାଇବା ଅନୁଚିତ, କାରଣ ଏହାର ଅଧିକ ବ୍ୟବହାର ଦ୍ୱାରା ମୁଣ୍ଡ ବୁଲାଇବା କିମ୍ବା ହୃଦସ୍ପନ୍ଦନ ବଢ଼ିବା ଭଳି ପାର୍ଶ୍ୱ ପ୍ରତିକ୍ରିୟା ହୋଇପାରେ । ତେଣୁ ସୁସ୍ଥ ରହିବା ପାଇଁ ସଠିକ୍ ପରିମାଣ ଏବଂ ନିର୍ଦ୍ଧାରିତ ପଦ୍ଧତିରେ ଜୁଆଣି ବ୍ୟବହାର କରିବା ହିଁ ଶ୍ରେୟସ୍କର । ଯଦି ଆପଣ କୌଣସି ବିଶେଷ ଔଷଧ ସେବନ କରୁଛନ୍ତି, ତେବେ ଏହାକୁ ଖାଦ୍ୟରେ ସାମିଲ କରିବା ପୂର୍ବରୁ ସତର୍କ ରୁହନ୍ତୁ ।

## ଦୀର୍ଘାୟୁ ହେବାର ସହଜ ମନ୍ତ୍ର : ସପ୍ତାହକୁ ମାତ୍ର ୧୫୦ ମିନିଟ୍ ବ୍ୟାୟାମ ବଦଳାଇ ଦେବ ଆପଣଙ୍କ ଜୀବନ !

ଗବେଷଣାରୁ ଏକ ଆଶାଜନକ ତଥ୍ୟ ମିଳିଛି ଯେ ସୁସ୍ଥ ଜୀବନ ପାଇଁ ସପ୍ତାହକୁ ମାତ୍ର ୧୫୦ ମିନିଟର ବ୍ୟାୟାମ ଯଥେଷ୍ଟ, ଲମ୍ବା ଜୀବନ ପାଇଁ କଠିନ ପରିଶ୍ରମ ନୁହେଁ ବରଂ ନିୟମିତ ଅଳ୍ପ ସମୟର ବ୍ୟାୟାମ ଦରକାର । ଆମେରିକାନ୍ ମେଡିକାଲ ଆସେସିଏସନ୍ ଦ୍ୱରା ପ୍ରକାଶିତ ଏକ ବୃହତ ଅଧ୍ୟୟନରୁ ଜଣାପଡ଼ିଛି ଯେ ଯଦି କେହି ବ୍ୟକ୍ତି ୧୫୦ ମିନିଟ ବ୍ୟାୟାମ କିମ୍ବା ସେହି ଧରଣର କିଛି ଶାରୀରିକ ପରିଶ୍ରମ କରନ୍ତି ତେବେ ଅକାଳ ମୃତ୍ୟୁର ଆଶଙ୍କା କମିଯାଏ । ବିଷେଷକରି ଯେଉଁମାନେ ଆଦୌ ବ୍ୟାୟାମ କରୁନାହାନ୍ତି, ସେମାନଙ୍କ ତୁଳନାରେ ବ୍ୟାୟାମ କରୁଥିବା ବ୍ୟକ୍ତି ଅଧିକ ସୁସ୍ଥ ରହୁଥିବାର ଜଣାପଡିଛି । ଆସନ୍ତୁ ଜାଣିବା କେତେ ସମୟର ବ୍ୟାୟାମ ଆବଶ୍ୟକ ଏବଂ କଣ ? ଏବଂ କଣ କଣ କରିପାରିବା ? ଏକ ଅଧ୍ୟୟନ ଅନୁଯାୟୀ, ଦୈନିକ ପ୍ରାୟ ୩୦ ମିନିଟ୍ କରି ସପ୍ତାହକୁ ୫ ଦିନ ବ୍ୟାୟାମ କରିବା ସ୍ୱାସ୍ଥ୍ୟ ପାଇଁ ଅତ୍ୟନ୍ତ ଲାଭଦାୟକ। ଏଥିପାଇଁ ଆପଣ ଏହି ଚାରୋଟି ସହଜ ଉପାୟ ଆପଣାଇ ପାରିବେ । ଦ୍ରୁତ



ଗତିରେ ଚାଲିବା ଏମିତି ଚାଲନ୍ତୁ ଯେପରି ଆପଣଙ୍କ ହୃଦସ୍ପନ୍ଦନ ବଢ଼ିବ ଏବଂ ଝାଳ ବାହାରିବ, କିନ୍ତୁ ଆପଣ କଥା ହୋଇପାରୁଥିବେ । ଘଣ୍ଟାକୁ ପ୍ରାୟ ୫-୬ କିଲୋମିଟର ବେଗରେ ଚାଲିବା ଉଚିତ୍ । ଆଉମଧ୍ୟ ଆପଣ ସାଇକେଲ ଚଲାଇ ପାରିବେ ବାହାରେ କିମ୍ବା ଘରେ ଷ୍ଟେସନାରୀ ସାଇକେଲ୍ ସାହାଯ୍ୟରେ ସ୍ଥିର ଗତିରେ ସାଇକେଲ ଚଲାନ୍ତୁ ଏହା ମଧ ଆପଣଙ୍କୁ ସୁସ୍ଥ ରଖିବ। ପହଁରିବା ପାଣିରେ କମସେ କମ୍ ୨୦-୩୦ ମିନିଟ୍ ପହଁରିବା ଦ୍ୱାରା ଶରୀରର ସମସ୍ତ ମାଂସପେଶୀ ସକ୍ରିୟ ରହେ । ଏବଂ ଅନ୍ୟତମ ଉପାୟ ହେଉଛି ନୃତ୍ୟ କ୍ରୁମ୍ବା, ସାଲସା କିମ୍ବା ମନପସନ୍ଦର ସଙ୍ଗୀତରେ ୩୦ ମିନିଟ୍ ନୃତ୍ୟ କରି ମଧ ନିଜକୁ ଫିଟ୍ ରଖିହେବ ।ଅଧିକ ପରିଶ୍ରମ, ଅଧିକ ଫାଇଦା ଦେଇଥାଏ ।ଗବେଷଣାରୁ ଏହା ମଧ ଜଣାପଡିଛି ଯେ, ଯେଉଁମାନେ ସପ୍ତାହକୁ ୩୦୦ ରୁ ୬୦୦ ମିନିଟ୍ ବ୍ୟାୟାମ କରୁଛନ୍ତି, ସେମାନଙ୍କ କ୍ଷେତ୍ରରେ ମୃତ୍ୟୁ ଆଶଙ୍କା ୨୬-୩୧% ପର୍ଯ୍ୟନ୍ତ କମ୍ ରହୁଛି। ପୂର୍ବରୁ ବ୍ୟାୟାମ କରୁନଥିବା ବ୍ୟକ୍ତି ଯଦି ଏବେ ମଧ ନିଜ ଜୀବନଶୈଳୀରେ ପରିବର୍ତ୍ତନ ଆଣନ୍ତି, ତେବେ ସେମାନେ ମଧ ଏହାର ସୁଫଳ ପାଇପାରିବେ ।




କାରଖାନା, ଶିଳ୍ପ, କମ୍ପାନି, ଘର ତୋଳିବାରେ ସହର ଏତେ ବ୍ୟସ୍ତ ଯେ ଟାଉନରେ ପୋଖରୀଟିଏ ଦେଖିବା କାଠିକର ପାଠ । କିନ୍ତୁ ପୋଖରି , ଗାଡ଼ିଆ, ନଈର ଅଭାବ ପୂରଣ କରେ ଗାଁ । ଗାଁମାନଙ୍କରେ ବଡ଼ ବଡ଼ ପୋଖରୀରେ ଫୁଟୁଥିବା ପଦ୍ମ, କଇଁ ଫୁଲ ଦେଖିବାକୁ କେତେ ସୁନ୍ଦର ଲାଗେ ନା । ପାଣିଭିତରେ ପଦ୍ମଫୁଲର ସେ ସୁନ୍ଦରତାକୁ କ'ଣ କେହି ଖୁଣିପାରିବେ ! କିନ୍ତୁ ପଦ୍ମଫୁଲ ଖାଲି ଆଖିକୁ ସୁନ୍ଦର ଲାଗେ ନାହିଁ ଏହି ଫୁଲର ନାଡରେ ଅନେକ ଔଷଧୀୟ ଗୁଣ ମଧ ରହିଛି । ପଦ୍ମଫୁଲର ନାଡ଼ରେ ଫାଇବର୍ , ଆଇରନ୍, ପୋଟାସିୟମ୍ , ଭିଟାମିନ୍ – ସି, ପ୍ରୋଟିନ୍ ଏବଂ ଫସଫରସ୍ ଭଳି ନ୍ୟୁଟ୍ରିସନ୍ ମଧ ସାମିଲ୍ ରହିଛି । ପଦ୍ମନାଡ଼କୁ ଭଜା , ତରକାରୀ , ଆଚାର ଆଦି ରେସିପି କରି ମଧ ଖାଦ୍ୟରେ ସାମିଲ୍ କରାଯାଇପାରିବ । ଯଦି ଆପଣ ପଦ୍ମନାଡର ଔଷଧୀୟ ଗୁଣ ବିଷୟରେ ଜାଣିନାହାନ୍ତି ତାହେଲେ ଆସନ୍ତୁ ସେ ବିଷୟରେ ଜାଣିବା । ଯଦି ଆପଣ ନିଜ ବଢୁଥିବା ଓଜନକୁ ନେଇ ଚିନ୍ତିତ ତେବେ ଖାଦ୍ୟରେ ସାମିଲ୍ କରନ୍ତୁ ପଦ୍ମନାଡ଼ । ଏଥିରେ କ୍ୟାଲୋରୀର ମାତ୍ରା କମ୍ ଏବଂ ଫାଇବରର ମାତ୍ରା ଅଧିକ ଥିବାରୁ ପଦ୍ମନାଡର ରେସିପିକୁ ଖାଇବା ପରେ ଏହା ଲମ୍ବା ସମୟ ପର୍ଯ୍ୟନ୍ତ ଭୋକ କରାଏ ନାହିଁ ଏବଂ ପେଟ ମଧ ଫୁଲ୍ ରହିଥାଏ । ଯାହାଦ୍ୱାରା ବାରମ୍ବାର ଭୋକ ଲାଗିବାର ଟେନସନ୍ ମଧ ରୁହେନି ଏବଂ ଓଜନ ମଧ କଣ୍ଟ୍ରୋଲରେ ରୁହେ । ପଦ୍ମନାଡ଼ ଖାଇବା ଦ୍ୱାରା ପାଚନ ପ୍ରକ୍ରିୟା ଭଲ ରହିଥାଏ । ଏଥିରେ ଥିବା ଫାଇବର୍ କୋଷ୍ଟକାଠିନ୍ୟ ଏବଂ ପେଟଫୁଲା ସମସ୍ୟାକୁ ମଧ ସମାଧାନ କରିଥାଏ । ଏହା ନିୟମିତ ଖାଇବା ଦ୍ୱାରା ଶରୀରରେ ରକ୍ତର ଅଭାବ ମଧ ଦୂର ହୁଏ । ଶରୀରରେ ଲାଲ୍ ରକ୍ତ ସେଲ୍ସର ମାତ୍ରା ବଢ଼େ ଯାହାଦ୍ୱାରା ହିମୋଗ୍ଲୋଭିନ୍ ର ଅଭାବ ମଧ ଦେଖାଯାଏନାହିଁ । ବ୍ଲଡସୁଗାର୍ ସହ କୋଲେଷ୍ଟ୍ରୋଲକୁ କଣ୍ଟ୍ରୋଲ୍ କରେ ପଦ୍ମନାଡ଼ । ଏଥିରେ ଡାଇଟରି ଫାଇବର୍ ଥିବାରୁ ଏହା କୋଲେଷ୍ଟ୍ରୋଲକୁ କଣ୍ଟ୍ରୋଲ୍ କରେ । ଏଥିରେ ଥିବା ଇଥେନାଲ୍ ଅର୍କ ବ୍ଲଡସୁଗାରକୁ କଣ୍ଟ୍ରୋଲରେ ରଖିବାରେ ସହାୟକ ହୁଏ । ପଦ୍ମନାଡ଼ ଖାଦ୍ୟରେ ସାମିଲ୍ କରିବା ଦ୍ୱାରା ଚାପ ମଧ କମ୍ ହୁଏ । ଏଥିରେ ଥିବା ପାୟରୋଡାକ୍ସିନ୍ ଷ୍ଟ୍ରେସ୍ କମାଇବାରେ ସାହାଯ୍ୟ କରେ । ପଦ୍ମନାଡ଼ ଶରୀରରେ ଡିଟକ୍ସ କରିବାର କାମ ମଧ କରେ । ଏଥିରେ ଥିବା ଅକ୍ସିଆଣ୍ଟିଡେଣ୍ଟ୍ ଗୁଣ ଲିଭର୍ ଏବଂ କିଡନି ଉପରେ ଥିବା ଅକ୍ସିଡେଟିଭ୍ ଷ୍ଟ୍ରେସର ପ୍ରଭାବକୁ କମ୍ କରିବାରେ ସହାୟକ ହୁଏ ଯାହା ଶରୀରର ମଇଳାକୁ ସଫା କରିବାର କାମ କରେ । ତେବେ ଆପଣ ବି ଯଦି ପଦ୍ମନାଡ଼ ଉପକାରିତା ନଜାଣି କେବଳ ଫୁଲ ଭାବୁଥିଲେ , ତା'ହେଲେ କହିରଖୁଛୁ ପଦ୍ମନାଡ଼ କେବଳ ଫୁଲ ନୁହଁ ନଇରେ ଫୁଟୁଥିବା ଏକ ବଇଦ ।






ଆଜିକାଲି ପ୍ରାୟତଃ ଗୋଟିଏ ପ୍ରଶ୍ନ ସବୁଠି ଶୁଣିବାକୁ ମିଳେ । ଅଧିକାଂଶ ପୁରୁଷ କୁହନ୍ତି ଯେ ସେମାନେ ଖାଦ୍ୟ ତ ହିତକର ଖାଆନ୍ତି କିନ୍ତୁ ୩୦ ବର୍ଷ ପରେ ପେଟ ବାହାରିବାକୁ ଲାଗିଥାଏ । ଯେଉଁ ଶରୀର ପୂର୍ବରୁ ଫିଟ୍ ଏବଂ ଆକ୍ଟିଭ୍ ଦେଖାଯାଉଥିଲା ତାହା ଧୀରେ ଧୀରେ ଦୁର୍ବଳ ହେଲା ଭଳି ଲାଗେ ଏବଂ ଶରୀରରେ ଚର୍ବି ଜମା ହୁଏ । ଅନେକ ଲୋକ ଏହାକୁ ଅଧିକ ଖାଇବା କିମ୍ବା ଜଙ୍କ୍ ଫୁଡର ପ୍ରଭାବ ବୋଲି କୁହନ୍ତି । କିନ୍ତୁ ବାସ୍ତବତା ଏହାଠାରୁ ଭିନ୍ନ ଏବଂ ଗମ୍ଭୀର। ଏପରି ପରିସ୍ଥିତିରେ ୩୦ ବର୍ଷ ପରେ ପୁରୁଷମାନେ ନିଜ ବୟସ ଅପେକ୍ଷା ବୟସ୍କ ଦେଖାଯିବା ଆରମ୍ଭ କରନ୍ତି। ସାଧାରଣତଃ ଲୋକମାନେ ଭାବନ୍ତି ଯେ ପେଟ ବାହାରିବାର କାରଣ ହେଉଛି ବାହାର ଖାଦ୍ୟ ଖାଇବା, ଜଙ୍କ ଫୁଡ୍ ଖାଇବା କିମ୍ବା ଅଫିସରେ ଦୀର୍ଘ ସମୟ ବସି ରହିବା। କିନ୍ତୁ ଏହି କାରଣ ବ୍ୟତୀତ ଆହୁରି ଅନେକ କାରଣ ଅଛି ଯାହା ପେଟ ବାହାରିବାର ଏକ ମୁଖ୍ୟ କାରଣ । ତେବେ ଆସନ୍ତୁ ବିଶେଷଜ୍ଞଙ୍କ ଠାରୁ ଜାଣିବା ଯେ ସୁସ୍ଥ ଖାଦ୍ୟ ସହିତ ମଧ ୩୦ ବର୍ଷ ପରେ ପୁରୁଷଙ୍କ ପେଟ କାହିଁକି ବାହାରକୁ ବାହାରେ ଏବଂ ଏହାକୁ କିପରି ନିୟନ୍ତ୍ରଣ କରିବେ । ଡାକ୍ତର ଗୀତିକା ଚୋପ୍ରା କୁହନ୍ତି ଅନେକ ଲୋକ ଅଭିଯୋଗ କରନ୍ତି ଯେ ସେମାନଙ୍କର ଖାଦ୍ୟ ଖାଇବାର ସମୟ ଏବଂ ପରିମାଣ ପ୍ରାୟତଃ ସବୁବେଳେ ସମାନ ଥାଏ ତଥାପି ସେମାନଙ୍କର ପେଟ ବାହାରକୁ ବାହାରି ଆସୁଛି। ଏହା କେବଳ ଏକ ଖାଦ୍ୟ ସମସ୍ୟା ନୁହେଁ ବରଂ ଶରୀର ମଧ୍ୟରେ ମେଟାବୋଲିକ୍ ଏବଂ ହରମୋନ୍ ପରିବର୍ତ୍ତନର ଫଳାଫଳ । ୩୦ ବର୍ଷ ବୟସ ପରେ ପୁରୁଷମାନଙ୍କର ଧୀରେ ଧୀରେ ମାଂସପେଶୀ ହ୍ରାସ ପାଏ ଏବଂ ସେମାନଙ୍କର ମେଟାବୋଲିଜିମ୍ କମ୍ ହୋଇଯାଏ । ଫଳସ୍ୱରୂପ ପେଟ ଚାରିପାଖରେ ଭିସେରାଲ୍ ଚର୍ବି ଭାବରେ ଅତିରିକ୍ତ କ୍ୟାଲୋରି ଜମା ହୋଇଯାଏ। ଏହାକୁ କେନ୍ଦ୍ରୀୟ ସ୍ଥୂଳତା କୁହାଯାଏ। ଏହା କେବଳ ଏକ ସୌନ୍ଦର୍ଯ୍ୟ ସମସ୍ୟା ନୁହେଁ ବରଂ ମଧୁମେହ ଏବଂ ହୃଦରୋଗ ପାଇଁ ଏକ ପ୍ରମୁଖ ବିପଦ କାରକ। ପେଟ ଫୁଲିବାର ଆଉ ଏକ ପ୍ରମୁଖ କାରଣ ହେଉଛି ଇନସୁଲିନ୍ ପ୍ରତିରୋଧ। ୩୦ ବର୍ଷ ବୟସ ପରେ ଯଦି ଶାରୀରିକ କାର୍ଯ୍ୟକଳାପ କମ୍ ଥାଏ, ରୁଟି ଏବଂ ଭାତ ପରି ରିଫାଇନ୍ କାର୍ବୋହାଇଡ୍ରେଟ୍ କମ୍ ଥାଏ ,ପ୍ରୋଟିନ୍ କମ୍ ଥାଏ ଏବଂ ଭୁଲ ସମୟରେ ଖାଇବା ଇନସୁଲିନ୍ ପ୍ରତିକ୍ରିୟାକୁ ଦୁର୍ବଳ କରିଦିଏ । ଏହା ଦ୍ୱାରା ଚିନି ସିଧାସଳଖ ପେଟ ପାଖରେ ଚର୍ବି ଭାବରେ ଜମା ହୋଇଯାଏ । ୩୦ ବର୍ଷ ବୟସ ପରେ ପେଟରେ ଚର୍ବି ବୃଦ୍ଧି ପାଇବା ଚାପ ଏବଂ କର୍ଟିସୋଲର ମଧ କାରଣ। ଚାକିରିର ଚାପ, ବିଳମ୍ବିତ ରାତି ପର୍ଯ୍ୟନ୍ତ ନ ଶୋଇବା ଏବଂ ସ୍କ୍ରିନ୍ ସମୟ କର୍ଟିସୋଲ ସ୍ତରକୁ ବୃଦ୍ଧି କରେ । ଖାଦ୍ୟ ସମାନ ରହିଲେ ମଧ ଉଚ୍ଚ କର୍ଟିସୋଲ ଶରୀରକୁ ପେଟ ଅଞ୍ଚଳରେ ଚର୍ବି ସଂରକ୍ଷଣ କରିବାକୁ ସଙ୍କେତ ଦିଏ। ମଦ୍ୟପାନ ମଧ ଏକ ନୀରବ କାରଣ। ୩୦ ବର୍ଷ ପରେ ଶରୀର ମଦ୍ୟପାନକୁ ଦକ୍ଷତାର ସହିତ ବିଶୋଧନ କରିବାକୁ ଅକ୍ଷମ ହୁଏ ଏବଂ ଏହା ସିଧାସଳଖ ଯକୃତ ଏବଂ ପେଟରେ ଚର୍ବି ବୃଦ୍ଧି କରେ। ବିଶେଷଜ୍ଞମାନେ କୁହନ୍ତି ଯେ ଯଦି ଆପଣ ୩୦ ବର୍ଷ ପରେ ପେଟ ଫୁଲିବାରୁ ରକ୍ଷା ପାଇବାକୁ ଚାହାନ୍ତି ତେବେ କେବଳ କମ୍ ଖାଇବା ଯଥେଷ୍ଟ ନୁହେଁ। ପ୍ରୋଟିନ୍ ଅଧିକ ଖାଆନ୍ତୁ , ବ୍ୟାୟାମ କରନ୍ତୁ , ଚାପରୁ ମୁକ୍ତ ରୁହନ୍ତୁ ଏବଂ ସମ୍ପୂର୍ଣ୍ଣ ୭ ରୁ ୮ ଘଣ୍ଟା ଶୋଇବା ମଧ ଅତ୍ୟନ୍ତ ଜରୁରୀ।




ଚେହେରା ଚମକାଇବା ପାଇଁ ଆମେ କେତେ କ'ଣ କରୁ । ଫେସିଆଲରୁ ଆରମ୍ଭ କରି ଘରୋଇ ଉପଚାର ପର୍ଯ୍ୟନ୍ତ ସବୁ ବ୍ୟବହାର କରି ଚେହେରାକୁ ଚମକଦାର ବନାଉ । କିନ୍ତୁ ମୁହଁର ଯତ୍ନ ନେଉ ନେଉ ହାତ,ପାଦ ଏବଂ ବେକର ଯତ୍ନ ନେବାରେ ଅବହେଳା କରିଦେଉ । ନଚେତ ଅଧିକାଂଶ ଲୋକଙ୍କ ବେକ,କହୁଣୀ , ଗୋଇଠି, ଆଣ୍ଠୁ କଳା ପଡ଼ନ୍ତା ନାହିଁ । ତେବେ ଆପଣଙ୍କର ବି ଯଦି ଏଭଳି ସମସ୍ୟା ଅଛି ତା'ହେଲେ ଘରୋଇ ଉପଚାରରେ କେମିତି ଏହି କଳା ଦାଗ ସବୁକୁ ସଫା କରିବେ ଆସନ୍ତୁ ଜାଣିବା । ଶରୀରର କଳା ଦାଗ ଦୂର କରିବା ପାଇଁ ଆପଣ ଇନୋର ବ୍ୟବହାର କରିପାରିବେ । ଯେହେତୁ ଏଥିରେ ବ୍ଲିଚିଂ ଗୁଣ ଅଛି ତେଣୁ ଏହା ଦାଗ ଦୂର କରିବାରେ ସହାୟକ ହେବ । ଗୋଟିଏ ପାତ୍ର ପାଣିରେ ଗୋଟିଏ ପ୍ୟାକେଟ ଇନୋ,୨ ଚାମଚ ନଡ଼ିଆ ତେଲ , ଗୋଟିଏ ଚାମଚ ବେସନ , ଗୋଟିଏ ପ୍ୟାକେଟ୍ ସାମ୍ପୁ ଏବଂ ୧ ଚାମଚ ଲେମ୍ବୁ ରସ ମିଶାନ୍ତୁ । ସବୁ ମିଶାଇ ଗୋଟିଏ ପେଷ୍ଟ୍ ତିଆରି କରନ୍ତୁ ଏବଂ କଳା ହୋଇଥିବା ଜାଗାରେ ଲଗାନ୍ତୁ । ବେକ ସଫା କରିବା ପାଇଁ ସ୍ପଞ୍ଜ ଏବଂ ପାଦ , ଗୋଇଠି ପାଇଁ ଆପଣ ପୁରୁଣା ବ୍ରଶ୍ ବ୍ୟବହାର କରି ଘଷିପାରିବେ । ୫ ମିନିଟ୍ ଭଲରେ ଘସିବା ପରେ ପାଣିରେ ସଫା କରିଦିଅନ୍ତୁ । ଏଥିପାଇଁ ଆପଣ ଚାଉଳ ଗୁଣ୍ଡକୁ ମଧ ବ୍ୟବହାର କରିପାରିବେ । ୧ ଚାମଚ ଚାଉଳ ଗୁଣ୍ଡରେ କଫି ପାଉଡର ଏବଂ ଅଧା ଚାମଚ ବେକିଂ ସୋଡ଼ା ଓ ଅଧା ଚାମଚ ଲେମ୍ବୁରସ ଏବଂ ଗୋଲାପ ଜଳ ମିଶାଇ ଏକ ପେଷ୍ଟ୍ ତିଆରି କରନ୍ତୁ । ଏବେ ଏହି ପେଷ୍ଟକୁ ଶରୀରରେ କଳାଦାଗ ହୋଇଥିବା ସ୍ଥାନରେ ଲଗାଇ ୧୦ ମିନିଟ୍ ପାଇଁ ଶୁଖିବା ପାଇଁ ଛାଡ଼ି ଦିଅନ୍ତୁ ଏବଂ ଶୁଖିଗଲା ପରେ ଧୋଇଦିଅନ୍ତୁ । ସଫା କରିବା ପରେ ଦାଗ ପଡ଼ିଥିବା ସ୍ଥାନ କିପରି ଉଜ୍ଜ୍ୱଳ ଦେଖାଯାଉଛି ଫରକ ଜାଣିପାରିବେ । ଏହି ଉପଚାରକୁ ସପ୍ତାହରେ ୨ ଥର ବ୍ୟବହାର କରିପାରିବେ । ଲେମ୍ବୁରେ ଭିଟାମିନ୍ ସି ଭରପୂର ମାତ୍ରାରେ ଥାଏ ଯାହା ଚର୍ମକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରେ । ଏଥିରେ ଥିବା ବ୍ଲିଚିଂ ଗୁଣ ମୃତ ଚର୍ମକୁ ସଫା କରିବା ଏବଂ କଳା ଦାଗକୁ ଫିକା କରିବାରେ ସାହାଯ୍ୟ କରେ । ଲେମ୍ବୁ ଚିପୁଡ଼ିବା ପରେ ଏହାକୁ ନ ଫୋପାଡ଼ି କହୁଣୀ ଏବଂ ଆଣ୍ଠୁରେ ପ୍ରତିଦିନ ଘଷନ୍ତୁ । ଏହାଦ୍ୱାରା ମୃତ ଚର୍ମ ଦୂର ହେବ ଏବଂ ହାତ , ପାଦ ସଫା ହୋଇଯିବ । ଆପଣ ବେକିଂ ସୋଡ଼ାରେ ଲେମ୍ବୁ ରସ ମିଶାଇ ମଧ କଳା ହୋଇଥିବା ଜାଗାରେ ଘଷି ଘଷି ସଫା କରିପାରିବେ ।

## ଶୋଇବାର ୩ଘଣ୍ଟା ପୂର୍ବରୁ ଖାଆନ୍ତୁ ଖାଦ୍ୟ: ନିୟନ୍ତ୍ରଣରେ ରହିବ ବ୍ଲଡ୍ ପ୍ରେସର ଓ ବ୍ଲଡ୍ ସୁଗାର

ଏକ ନୂତନ ଅଧ୍ୟୟନରୁ ଜଣାପଡ଼ିଛି ଯେ ଶୋଇବାର ୩ଘଣ୍ଟା ପୂର୍ବରୁ ଖାଦ୍ୟ ଖାଇଲେ ଏହା ଆପଣଙ୍କୁ ବ୍ଲଡ ସୁଗାର, ବ୍ଲଡ ପ୍ରେସର ନିୟନ୍ତ୍ରଣ କରେ । ଉଚ୍ଚ ରକ୍ତଚାପ ଓ ବ୍ଲଡ ସୁଗାର ସମସ୍ୟା ଆଜିକାଲି ବହୁତ ସାଧାରଣ ହୋଇପଡ଼ିଛି। WHO ଅନୁସାରେ ପୃଥିବୀରେ ୩୦ରୁ ୭୯ବର୍ଷ ବୟସର ପ୍ରାୟ ୧.୪ ବିଲିୟନ ଲୋକ ହାଇପର ଟେନସନରେ ୨୦୨୪ ସୁଦ୍ଧା ପୀଡ଼ିତ । ଏବଂ ୨୦୨୨ରେ ପ୍ରାୟ ୮୩୦ ମିଲିୟନ ଲୋକ ଡାଏବେଟିସ୍ ସହିତ ବଞ୍ଚିଥିବା କଥା ମଧ ଉଲ୍ଲେଖ କରାଯାଇଛି । ସେଥିପାଇଁ ଏହି ଦୁଇଟି ରୋଗକୁ ନିୟନ୍ତ୍ରଣରେ ରଖିବା ଓ ସମୟରେ ସତର୍କତା ନେବା ବହୁତ ଜରୁରୀ । ନୂତନ ଗବେଷଣା ଅନୁଯାୟୀ, ଶୋଇବା ପୂର୍ବରୁ କମ୍ ସେ କମ୍ ୩ ଘଣ୍ଟା ଆଗରୁ ଖାଦ୍ୟ ବନ୍ଦ କରିଦେଲେ ବ୍ଲଡ୍ ପ୍ରେସର ଓ ବ୍ଲଡ୍ ସୁଗର ନିୟନ୍ତ୍ରଣରେ ଉନ୍ନତି ଆସିପାରେ । ଏହି ଅଧ୍ୟୟନଟି ନର୍ଥୱେଷ୍ଟର୍ନ ୟୁନିଭର୍ସିଟି ର ଗବେଷକମାନେ କରିଥିଲେ ଏବଂ ଏହା ଆର୍ଟେରିଓସ୍କ୍ଲେରୋସିସ୍, ଥ୍ରମ୍ବୋସିସ୍ ଏବଂ ଭାସ୍କୁଲାର ବାୟୋଲୋଜି ଜର୍ନାଲରେ ପ୍ରକାଶିତ ହୋଇଛି । ମଣିଷ ଶରୀରରେ ସର୍କାଡିଆନ୍ ରିଦମ୍ ନାମରେ ଏକ ପ୍ରାକୃତିକ ସମୟ ରହିଛି, ଯାହା ଆମର ମେଟାବଲିଜମ୍, ହୃଦୟର କାର୍ଯ୍ୟ ଓ ହର୍ମୋନ୍ କୁ ନିୟନ୍ତ୍ରଣ କରେ । ଡେରିରେ ଖାଇଲେ ଏହି ପ୍ରାକୃତିକ ସମୟର ଲୟ ଭଙ୍ଗ ହୁଏ, କାରଣ ଶରୀର ବିଶ୍ରାମ ନେବା ସମୟରେ ମଧ ହଜମ ପ୍ରକ୍ରିୟା ଚାଲିଥାଏ । ଏହାର ପରିଣାମରେ ବ୍ଲଡ୍ ପ୍ରେସର ବଢ଼ିବା ଓ ବ୍ଲଡ୍ ସୁଗର ନିୟନ୍ତ୍ରଣ ଖରାପ ହେବାର ସମ୍ଭାବନା ବଢ଼ିଯାଏ । ଏହି ଅଧ୍ୟୟନରେ ଗବେଷକମାନେ ଅଂଶଗ୍ରାହୀମାନଙ୍କୁ ଶୋଇବା ପୂର୍ବରୁ ୩ ଘଣ୍ଟା ଆଗରୁ ଖାଦ୍ୟ ବନ୍ଦ କରିବା, ରାତିରେ ଫୋନ ବ୍ୟବହାର କମ କରିବା ଓ ରାତିରେ ୧୩ରୁ ୧୬ ଘଣ୍ଟା ପର୍ଯ୍ୟନ୍ତ ଉପାସ ରହିବା ଏବଂ କମ ଲାଇଟରେ ଶୋଇବା ପାଇଁ କହୁଥିଲେ । ଗବେଷଣାର ଫଳାଫଳ ଦେଖାଇଲା ଯେ, କ୍ୟାଲୋରି କମ କରିବା ଛଡ଼ା କେବଳ ଖାଇବାର ସମୟ ପରିବର୍ତ୍ତନ କଲେ ମଧ ହୃଦୟ ଓ ମେଟାବଲିକ୍ ସ୍ୱାସ୍ଥ୍ୟରେ ସୁଧାର ଆସିପାରେ, ବିଶେଷକରି ମଧ୍ୟବୟସ୍କ ଓ ବୟସ୍କ ଲୋକଙ୍କ ପାଇଁ ।

# ମଧ୍ୟପ୍ରାଚ୍ୟରେ ମହାସମର: ୨୦୦ ଡଲାର ଛୁଇଁବ କି ଅଶୋଧିତ ତୈଳ ଦର ?

ଇରାନ ଦ୍ୱାରା ହରମୁଜ୍ ପ୍ରଣାଳୀ ବନ୍ଦ ହେବା ଏବଂ ବିଶ୍ୱର ପ୍ରାୟ କୋଡ଼ିଏ ପ୍ରତିଶତ ତୈଳ ଯୋଗାଣରେ ବାଧା ସୃଷ୍ଟି ହେବା ଫଳରେ, ଅନ୍ତର୍ଜାତୀୟ ଶକ୍ତି ବଜାର ବିଶ୍ଳେଷକମାନେ ବର୍ତ୍ତମାନ ଆକଳନ କରୁଛନ୍ତି ଯେ ଅଶୋଧିତ ତୈଳ ଦର ଖୁବ୍ ଶୀଘ୍ର ବ୍ୟାରେଲ ପିଛା ୨୦୦ ଡଲାରର ଅଭୂତପୂର୍ବ ସୀମା ଅତିକ୍ରମ କରିପାରେ । ଫେବୃଆରୀ ମାସର ଶେଷ ଭାଗରେ ଆମେରିକା ଏବଂ ଇସ୍ରାଏଲ୍ ଦ୍ୱାରା ଇରାନ ଉପରେ ହୋଇଥିବା ଆକ୍ରମଣ ପରେ ବିଶ୍ଳେଷକମାନେ ଚେତାବନୀ ଦେଇଥିଲେ ଯେ ତୈଳ ଦର ୧୦୦ ଡଲାର ପାର କରିପାରେ, ମାତ୍ର ମାର୍ଚ୍ଚ ମାସରେ ଇସ୍ରାଏଲ୍ ଯେତେବେଳେ ଇରାନର ସାଉଥ୍ ପାର୍ସ ଗ୍ୟାସ୍ ଫିଲ୍ଡ ଉପରେ ଆକ୍ରମଣ କଲା, ପରିସ୍ଥିତି ସମ୍ପୂର୍ଣ୍ଣ ରୂପେ ବଦଳିଗଲା । ଏହାର ପ୍ରତିଶୋଧ ସ୍ୱରୂପ ଇରାନ କାତାର, ସାଉଦି ଆରବ ଏବଂ ସଂଯୁକ୍ତ ଆରବ ଏମିରେଟ୍ସର ପ୍ରମୁଖ ତୈଳ ଏବଂ ଗ୍ୟାସ୍ ଭିତ୍ତିଭୂମି ଉପରେ ଆକ୍ରମଣ କରିବା ସହିତ ହରମୁଜ୍ ପ୍ରଣାଳୀକୁ ବନ୍ଦ କରିଦେଇଛି । ଏହିସବୁ ଘଟଣାକ୍ରମ ଯୋଗୁଁ ବିଶ୍ୱ ବେଞ୍ଚମାର୍କ ଭାବରେ ପରିଚିତ ବ୍ରେଣ୍ଟ କ୍ରୁଡ୍ ବା ଅଶୋଧିତ ତୈଳର ମୂଲ୍ୟ ହଠାତ୍ ବୃଦ୍ଧି ପାଇ ବ୍ୟାରେଲ ପିଛା ୧୦୮ ଡଲାରରୁ ଅଧିକ ହୋଇଯାଇଛି । ଯୁଦ୍ଧର ତିନି ସପ୍ତାହ ନ ପୂରୁଣୁ ବଜାର ଉପରେ ନଜର ରଖିଥିବା ବିଶେଷଜ୍ଞମାନେ ଆଶଙ୍କା ପ୍ରକଟ କରୁଛନ୍ତି ଯେ ଦର ୧୫୦ କିମ୍ବା ୨୦୦ ଡଲାର ଅତିକ୍ରମ କରିବା ଆଉ କୌଣସି କଳ୍ପନାବିଳାସ ନୁହେଁ, ବରଂ ଏହା ଏକ ଆସନ୍ନ ବାସ୍ତବତା । ଏହି ଆଶଙ୍କା ପଛରେ ରହିଛି କଠୋର ତଥ୍ୟ, ଯୋଗାଣ ଶୃଙ୍ଖଳାରେ ସୃଷ୍ଟି ହୋଇଥିବା ବ୍ୟାପକ ବ୍ୟାଘାତ ଏବଂ ବିଶ୍ୱ ସ୍ତରରେ ଦେଖାଦେଇଥିବା ଅଭୂତପୂର୍ବ ଶକ୍ତି ସଙ୍କଟ ।

ହରମୁଜ୍ ପ୍ରଣାଳୀ ହେଉଛି ବିଶ୍ୱ ତୈଳ ବାଣିଜ୍ୟର ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଜୀବନରେଖା, ଯେଉଁ ବାଟ ଦେଇ ଶାନ୍ତି ସମୟରେ ବିଶ୍ୱର ପ୍ରାୟ ଏକ ପଞ୍ଚମାଂଶ ତୈଳ ଯୋଗାଣ ହୋଇଥାଏ । ଯୁଦ୍ଧ ଆରମ୍ଭ ହେବା ପରେ ଇରାନ ଏହି ପ୍ରଣାଳୀକୁ ବନ୍ଦ ଘୋଷଣା କରିବା ସହିତ ଏହା ଦେଇ ଯାତାୟାତ କରିବାକୁ ଚେଷ୍ଟା କରୁଥିବା ଯେକୌଣସି ଜାହାଜ ଉପରେ ଆକ୍ରମଣ କରିବାର ଧମକ ଦେଇଛି ଏବଂ କିଛି ଜାହାଜ ଉପରେ ମଧ୍ୟ ଆକ୍ରମଣ କରିଛି, ଯାହା ଫଳରେ ସେହି ରାସ୍ତା ଦେଇ ଜାହାଜ ଚଳାଚଳ ପ୍ରାୟତଃ ଠପ୍ ହୋଇଯାଇଛି । ଆମେରିକାର ନେତୃତ୍ୱରେ ଏହି ପ୍ରଣାଳୀକୁ ପୁନର୍ବାର ଖୋଲିବା ପାଇଁ ଏକ ନୌସେନା କନଭୟ ଗଠନ କରିବାର ପ୍ରୟାସ ଅନ୍ତର୍ଜାତୀୟ ସମର୍ଥନ ହାସଲ କରିବାରେ ବିଫଳ ହୋଇଛି । ଅନ୍ୟପକ୍ଷରେ, ନିରାପଦ ଯାତାୟାତ ପାଇଁ ବିଭିନ୍ନ ଦେଶ ଇରାନ ସହିତ ସ୍ୱତନ୍ତ୍ର କୂଟନୈତିକ ଚୁକ୍ତି କରିବାକୁ ବାଧ୍ୟ ହେଉଛନ୍ତି ଏବଂ ସାମ୍ପ୍ରତିକ ଦିନଗୁଡ଼ିକରେ କିଛି ଭାରତୀୟ, ପାକିସ୍ତାନୀ, ତୁର୍କୀ ଏବଂ ଚୀନ୍ ପତାକାବାହୀ ଜାହାଜଗୁଡ଼ିକୁ ଯିବାକୁ ଅନୁମତି ଦିଆଯାଇଛି । ଭାଣ୍ଡା ଇନସାଇଟ୍ସର ପ୍ରତିଷ୍ଠାତା ବନ୍ଦନା ହରିଙ୍କ ବିଶ୍ଳେଷଣ ଅନୁଯାୟୀ, ଓମାନ ଏବଂ ଦୁବାଇ ଭଳି ମଧ୍ୟପ୍ରାଚ୍ୟର ବେଞ୍ଚମାର୍କ କ୍ରୁଡ୍ ପୂର୍ବରୁ ହିଁ ୧୫୦ ଡଲାର ସୀମା ଅତିକ୍ରମ କରିସାରିଛି, ତେଣୁ ଆଗାମୀ ଦିନରେ ବ୍ରେଣ୍ଟ କ୍ରୁଡ୍ ୨୦୦ ଡଲାର ଛୁଇଁବା ଏକ ଯୁକ୍ତିଯୁକ୍ତ ସମ୍ଭାବନା । ହରମୁଜ୍ ପ୍ରଣାଳୀ କେତେ ଦିନ ପର୍ଯ୍ୟନ୍ତ ବନ୍ଦ ରହୁଛି, ତାହା ଉପରେ ହିଁ ତୈଳ ଦରର ଭବିଷ୍ୟତ ସମ୍ପୂର୍ଣ୍ଣ ରୂପେ ନିର୍ଭର କରୁଛି ଏବଂ ଏହି ଅବରୋଧ କେବଳ ଯୋଗାଣରେ ବାଧା ସୃଷ୍ଟି କରୁନାହିଁ, ବରଂ ବିଶ୍ୱ ବଜାରରେ ଏକ ଭୟର ବାତାବରଣ ମଧ୍ୟ ଖେଳାଇ ଦେଇଛି ।

ଯୋଗାଣ ଜନିତ ଏହି ଅଭାବକୁ ତୁରନ୍ତ ପୂରଣ କରିବା ପାଇଁ ଅନ୍ତର୍ଜାତୀୟ ଶକ୍ତି ଏଜେନ୍ସିର ସମନ୍ୱୟରେ ବିଭିନ୍ନ ଦେଶ ନିଜର ଜରୁରୀକାଳୀନ ମହଜୁଦରୁ ୪୦୦ ନିୟୁତ ବ୍ୟାରେଲ ତୈଳ ବଜାରକୁ ଛାଡ଼ିବାକୁ ପ୍ରତିଶ୍ରୁତି ଦେଇଛନ୍ତି । ତଥାପି, ବଜାର ବିଶେଷଜ୍ଞମାନଙ୍କ ମତରେ ଏହି ପଦକ୍ଷେପ ହରମୁଜ୍ ପ୍ରଣାଳୀ ଦେଇ ବନ୍ଦ ହୋଇଯାଇଥିବା ଜାହାଜ ଚଳାଚଳର ବ୍ୟାପକ କ୍ଷତିପୂରଣ କରିବା ପାଇଁ ଆଦୌ ଯଥେଷ୍ଟ ନୁହେଁ । ସିଙ୍ଗାପୁର ସ୍ଥିତ ଓସିବିସି ଗ୍ରୁପ୍ ରିସର୍ଚ୍ଚର ଆକଳନ ଅନୁଯାୟୀ, ଜରୁରୀକାଳୀନ ମହଜୁଦକୁ ହିସାବକୁ ନେଲା ପରେ ମଧ୍ୟ ବିଶ୍ୱ ବଜାର ଦୈନିକ ପ୍ରାୟ ୧୦ ନିୟୁତ ବ୍ୟାରେଲ ତୈଳର ଭୟଙ୍କର ଅଭାବର ସମ୍ମୁଖୀନ ହେଉଛି । ଉଡ୍ ମାକେଞ୍ଜିର ବିଶ୍ଳେଷକମାନେ ସ୍ପଷ୍ଟ କରିଛନ୍ତି ଯେ ବ୍ରେଣ୍ଟ କ୍ରୁଡ୍ ଖୁବ୍ ଶୀଘ୍ର ୧୫୦ ଡଲାର ଛୁଇଁପାରେ ଏବଂ ବର୍ତ୍ତମାନର ସ୍ଥିତି ଲାଗିରହିଲେ ୨୦୦ ଡଲାର ଦର ସମ୍ଭାବନାର ପରିସର ବାହାରେ ନୁହେଁ । ଇରାନ ମଧ୍ୟ ନିଜର ଏକ ସାମରିକ ମୁଖପାତ୍ରଙ୍କ ମାଧ୍ୟମରେ ଚେତାବନୀ ଦେଇଛି ଯେ ବିଶ୍ୱ ଏହିପରି ଏକ ଐତିହାସିକ ମୂଲ୍ୟ ବୃଦ୍ଧି ପାଇଁ ପ୍ରସ୍ତୁତ ରହିବା ଉଚିତ୍ । ରିଗଜୋନ୍ ପତ୍ରିକାର ସଭାପତି ଚାଡ୍ ନରଭିଲ୍ଙ୍କ ମତରେ, ଯଦି ବଜାର ବିଶ୍ୱାସ କରେ ଯେ ଯୋଗାଣ ଖୁବ୍ ଶୀଘ୍ର ସ୍ୱାଭାବିକ ହେବ, ତେବେ ଷ୍ଟ୍ରାଟେଜିକ୍ ରିଜର୍ଭ ବ୍ୟବହାର କରି ମୂଲ୍ୟକୁ ସ୍ଥିର ରଖାଯାଇପାରିବ । କିନ୍ତୁ ଯଦି ହରମୁଜ୍ ଦେଇ ପ୍ରବାହ ଦୀର୍ଘ ସମୟ ଧରି ବାଧାପ୍ରାପ୍ତ ହୁଏ, ତେବେ ମୂଲ୍ୟ ୨୦୦ ଡଲାର ପାଖାପାଖି ପହଞ୍ଚିବା ଏକାନ୍ତ ଅନିବାର୍ଯ୍ୟ । ଗଲ୍ଫ ଯୁଦ୍ଧ ତୁଳନାରେ ବର୍ତ୍ତମାନର ପରିସ୍ଥିତି ଅଧିକ ଭୟାବହ, କାରଣ ବର୍ତ୍ତମାନ ବିଶ୍ୱ ଯୋଗାଣର ଏକ ବହୁତ ବଡ଼ ଅଂଶ ସିଧାସଳଖ ବିପଦରେ ଅଛି ଏବଂ ଯୋଗାଣ ଓ ଚାହିଦା ମଧ୍ୟରେ ଥିବା ଅସନ୍ତୁଳନ ବହୁତ ବ୍ୟାପକ ରହିଛି ।

ଯଦି ତୈଳ ଦର ପ୍ରକୃତରେ ୧୫୦ କିମ୍ବା ୨୦୦ ଡଲାର ସ୍ତରକୁ ଛୁଏଁ, ତେବେ ଏହା ସମଗ୍ର ବିଶ୍ୱ ଅର୍ଥନୀତି ଉପରେ ଏକ ବିନାଶକାରୀ ଏବଂ ସୁଦୂରପ୍ରସାରୀ ପ୍ରଭାବ ପକାଇବ । ଆନ୍ତର୍ଜାତିକ ମୁଦ୍ରା ପାଣ୍ଠିର ଗବେଷଣା ଅନୁଯାୟୀ, ତୈଳ ଦରରେ ପ୍ରତ୍ୟେକ ୧୦ ପ୍ରତିଶତ ବୃଦ୍ଧି ଯଦି ବର୍ଷେ ପର୍ଯ୍ୟନ୍ତ ବଜାୟ ରହେ, ତେବେ ଏହା ବିଶ୍ୱ ମୁଦ୍ରାସ୍ଫୀତିରେ ୦.୪ ପ୍ରତିଶତ ବୃଦ୍ଧି ଏବଂ ଅର୍ଥନୈତିକ ଅଭିବୃଦ୍ଧିରେ ୦.୧୫ ପ୍ରତିଶତ ହ୍ରାସ ଘଟାଇଥାଏ । ଏହି ହିସାବରେ ଯଦି ତୈଳ ଦର ଦ୍ୱିଗୁଣିତ ହୁଏ, ତେବେ ବିଶ୍ୱର ଜିଡିପି ଅଭିବୃଦ୍ଧି ସମ୍ପୂର୍ଣ୍ଣ ରୂପେ ଠପ୍ ହୋଇଯିବ ଏବଂ ମୁଦ୍ରାସ୍ଫୀତି ନିୟନ୍ତ୍ରଣ ବାହାରକୁ ଚାଲିଯିବ । ଅକ୍ସଫୋର୍ଡ ବିଶ୍ୱବିଦ୍ୟାଳୟର ଶକ୍ତି ବିଶେଷଜ୍ଞ ଆଦି ଇମସିରୋଭିକ୍ ସତର୍କ କରାଇ ଦେଇଛନ୍ତି ଯେ ବ୍ୟାରେଲ ପିଛା ୨୦୦ ଡଲାର ତୈଳ ବିଶ୍ୱ ଅର୍ଥନୀତି ପାଇଁ ଏକ ପ୍ରମୁଖ ବାଧକ ସାଜିବ ଏବଂ ଏହା ସମ୍ପୂର୍ଣ୍ଣ ରୂପେ ସମ୍ଭବ । ଏହା କେବଳ ମୁଦ୍ରାସ୍ଫୀତି, ଅଭିବୃଦ୍ଧି ଏବଂ ନିଯୁକ୍ତି ଉପରେ ପ୍ରଭାବ ପକାଇବ ନାହିଁ, ବରଂ କେତେକ କ୍ଷେତ୍ରରେ କେବଳ ଇନ୍ଧନ ନୁହେଁ, ବରଂ ସାର, ପ୍ଲାଷ୍ଟିକ୍ ଏବଂ ଅନ୍ୟାନ୍ୟ ସାମଗ୍ରୀର ତୀବ୍ର ଅଭାବ ମଧ୍ୟ ସୃଷ୍ଟି କରିବ । ୨୦୦୮ ମସିହାର ବିଶ୍ୱ ଆର୍ଥିକ ସଙ୍କଟ ସମୟରେ ବ୍ରେଣ୍ଟ କ୍ରୁଡ୍ ସର୍ବାଧିକ ୧୪୭.୫୦ ଡଲାରରେ ପହଞ୍ଚିଥିଲା, ଯାହାକି ମୁଦ୍ରାସ୍ଫୀତିକୁ ହିସାବକୁ ନେଲେ ଆଜିର ମୂଲ୍ୟରେ ପ୍ରାୟ ୨୨୪ ଡଲାର ସହିତ ସମାନ ଅଟେ । ତେଣୁ ବର୍ତ୍ତମାନର ପରିସ୍ଥିତିରେ ୨୦୦ ଡଲାରର ଆକଳନ କୌଣସି ଅତିରଞ୍ଜିତ ବିଷୟ ନୁହେଁ । ଏହି ତଥ୍ୟଗୁଡ଼ିକ ସ୍ପଷ୍ଟ କରୁଛି ଯେ ବିଶ୍ୱ ଅର୍ଥନୀତି ବର୍ତ୍ତମାନ ଏକ ଅତ୍ୟନ୍ତ ସମ୍ବେଦନଶୀଳ ସ୍ଥିତିରେ ଅଛି ଏବଂ ଏହି ଶକ୍ତି ସଙ୍କଟ ଏହାକୁ ଏକ ଗଭୀର ମାନ୍ଦାବସ୍ଥା ଆଡ଼କୁ ଠେଲି ଦେବା ଏକପ୍ରକାର ନିଶ୍ଚିତ ।

ଅବଶ୍ୟ, ଏହି ନୈରାଶ୍ୟଜନକ ଆକଳନ ମଧ୍ୟରେ କିଛି ବିଶ୍ଳେଷକ ଏକ ଭିନ୍ନ ମତ ମଧ୍ୟ ପୋଷଣ କରୁଛନ୍ତି ଏବଂ ବଜାରର ସ୍ୱୟଂକ୍ରିୟ ନିୟନ୍ତ୍ରଣ ବ୍ୟବସ୍ଥା ଉପରେ ଭରସା ରଖିଛନ୍ତି । ଲଣ୍ଡନ ସ୍ଥିତ ମାରେକ୍ସର ଶକ୍ତି ବଜାର ବିଶ୍ଳେଷକ ସାଶା ଫସ୍ ୨୦୦ ଡଲାର ବ୍ରେଣ୍ଟ କ୍ରୁଡର ସମ୍ଭାବନାକୁ ଅତ୍ୟନ୍ତ ଅସ୍ୱାଭାବିକ ବୋଲି କହିଛନ୍ତି । ସେ ଆମେରିକା, କାନାଡା, ଆର୍ଜେଣ୍ଟିନା, ବ୍ରାଜିଲ ଏବଂ ଗୁୟାନା ସମେତ ବିଭିନ୍ନ ଦେଶ ଦ୍ୱାରା ତୈଳ ଉତ୍ପାଦନରେ ହୋଇଥିବା ଉଲ୍ଲେଖନୀୟ ବୃଦ୍ଧି ଏବଂ ସାଉଦି ଆରବର ଇଷ୍ଟ-ୱେଷ୍ଟ ପାଇପଲାଇନ ପରି ବିକଳ୍ପ ଯୋଗାଣ ମାର୍ଗର ଉପଲବ୍ଧତାକୁ ଆଶାବାଦର କାରଣ ଭାବରେ ଦର୍ଶାଇଛନ୍ତି । ଋଷ-ୟୁକ୍ରେନ ଯୁଦ୍ଧ ସମୟରେ ଏହା ଦେଖାଯାଇଥିଲା ଯେ ଉଚ୍ଚ ମୂଲ୍ୟର ପ୍ରତିକାର ହେଉଛି ଉଚ୍ଚ ମୂଲ୍ୟ ନିଜେ, କାରଣ ଏହା ବିଶ୍ୱର ଅନ୍ୟାନ୍ୟ ଅଞ୍ଚଳରୁ ଉତ୍ପାଦନ ବୃଦ୍ଧିକୁ ପ୍ରୋତ୍ସାହିତ କରିଥାଏ । ଯେତେବେଳେ ମୂଲ୍ୟ ଏକ ନିର୍ଦ୍ଦିଷ୍ଟ ସ୍ତରରୁ ଅଧିକ ହୋଇଯାଏ, ସେତେବେଳେ ଦ୍ରବ୍ୟ ଏବଂ ସେବାର କ୍ରେତାମାନେ ବାଧ୍ୟ ହୋଇ ବ୍ୟବହାର ହ୍ରାସ କରିବା ଆରମ୍ଭ କରନ୍ତି, ଯାହାକୁ ଅର୍ଥନୀତିରେ ଚାହିଦା ବିନାଶ ବା ଡିମାଣ୍ଡ ଡେଷ୍ଟ୍ରକ୍ସନ୍ କୁହାଯାଏ । ରାପିଡାନ୍ ଏନର୍ଜି ଗ୍ରୁପର ସଭାପତି ବବ୍ ମ୍ୟାକନାଲିଙ୍କ ମତରେ ସେହି ସର୍ବୋଚ୍ଚ ସ୍ତରଟି କେତେ ତାହା କେହି ନିର୍ଦ୍ଦିଷ୍ଟ ଭାବରେ ଜାଣନ୍ତି ନାହିଁ, କିନ୍ତୁ ଏହା ପୂର୍ବର ନୋମିନାଲ ସର୍ବୋଚ୍ଚ ଦର ୧୪୭ ଡଲାରରୁ ନିଶ୍ଚିତ ଭାବରେ ଅଧିକ ହୋଇପାରେ । ମାସାଚୁସେଟ୍ସ ଆମହର୍ଷ୍ଟ ବିଶ୍ୱବିଦ୍ୟାଳୟର ସାର୍ବଜନୀନ ନୀତି ଏବଂ ଅର୍ଥନୀତିର ପ୍ରଫେସର ଗ୍ରେଗର ସେମିଏନିଉକ୍ ଦର୍ଶାଇଛନ୍ତି ଯେ ତୈଳ ଦର କେତେ ଅଧିକ ବୃଦ୍ଧି ପାଇବ ତାହା ଦୁଇଟି ପରସ୍ପର ବିରୋଧୀ ପ୍ରବୃତ୍ତି ଉପରେ ନିର୍ଭର କରିବ । ପ୍ରଥମଟି ହେଉଛି ଯେକୌଣସି ମୂଲ୍ୟ ଦେଇ କମ୍ ତୈଳ କିଣିବାକୁ ଚେଷ୍ଟା କରୁଥିବା କ୍ରେତା ଏବଂ ଦ୍ୱିତୀୟଟି ହେଉଛି ଅତ୍ୟଧିକ ମୂଲ୍ୟ କାରଣରୁ ବଜାରରୁ ବାହାରି ଯାଉଥିବା କ୍ରେତା । ଏହି ଦୁଇଟି ପ୍ରବୃତ୍ତି ମଧ୍ୟରେ ଥିବା ସନ୍ତୁଳନ ହିଁ ଶେଷରେ ବଜାରର ଦିଗ ନିର୍ଦ୍ଧାରଣ କରିବ ।

ଏହି ସମଗ୍ର ପରିପ୍ରେକ୍ଷୀରେ ବିକାଶଶୀଳ ରାଷ୍ଟ୍ରଗୁଡ଼ିକର ଭୂମିକା ଏବଂ ସେମାନଙ୍କ ଉପରେ ପଡ଼ିବାକୁ ଥିବା ଆର୍ଥିକ ପ୍ରଭାବକୁ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ବିଶ୍ଳେଷଣ କରିବାର ଆବଶ୍ୟକତା ରହିଛି । ତୈଳ ଆମଦାନୀକାରୀ ଦେଶମାନଙ୍କ ପାଇଁ ଏହି ସଙ୍କଟ ଏକ ଭୟଙ୍କର ଆର୍ଥିକ ଆହ୍ୱାନ ସୃଷ୍ଟି କରିଛି । ଆମଦାନୀ ଖର୍ଚ୍ଚ ବୃଦ୍ଧି ପାଇବା ଫଳରେ ଏହି ଦେଶଗୁଡ଼ିକର ବାଣିଜ୍ୟ ନିଅଣ୍ଟ ବହୁଗୁଣିତ ହେବ ଏବଂ ସ୍ଥାନୀୟ ମୁଦ୍ରାର ମୂଲ୍ୟ ଡଲାର ତୁଳନାରେ ଦ୍ରୁତ ଗତିରେ ହ୍ରାସ ପାଇବ । ଏହା ସିଧାସଳଖ ସାଧାରଣ ଜନତାଙ୍କ ଉପରେ ମୁଦ୍ରାସ୍ଫୀତିର ବୋଝ ପକାଇବ, କାରଣ ପରିବହନ ଖର୍ଚ୍ଚ ବୃଦ୍ଧି ପାଇବା ସହିତ ଅତ୍ୟାବଶ୍ୟକ ସାମଗ୍ରୀର ଦରଦାମ ମଧ୍ୟ ନିୟନ୍ତ୍ରଣ ବାହାରକୁ ଚାଲିଯିବ । ଏହାବ୍ୟତୀତ, ଉଚ୍ଚ ତୈଳ ଦର କାରଣରୁ କୃଷି କ୍ଷେତ୍ର ମଧ୍ୟ ବ୍ୟାପକ ଭାବରେ ପ୍ରଭାବିତ ହେବ, କାରଣ ସାର ଉତ୍ପାଦନ ପାଇଁ ପେଟ୍ରୋକେମିକାଲ୍ସର ବ୍ୟବହାର ଅପରିହାର୍ଯ୍ୟ । ସାମଗ୍ରିକ ଭାବରେ ବିଚାର କଲେ, ବିଶ୍ୱ ବର୍ତ୍ତମାନ ଏକ ଅଭୂତପୂର୍ବ ଶକ୍ତି ସଙ୍କଟର ଦ୍ୱାରଦେଶରେ ଛିଡ଼ା ହୋଇଛି ଯାହାକି ପ୍ରତ୍ୟେକ ଦେଶର ଅର୍ଥନୀତିକୁ ଦୋହଲାଇ ଦେବାର କ୍ଷମତା ରଖିଛି ।

ଏହି ସଙ୍କଟର ସମାଧାନ କେବଳ ଅର୍ଥନୈତିକ ସୂତ୍ରରେ ସୀମିତ ନୁହେଁ, ବରଂ ଏଥିପାଇଁ ଏକ ଦୃଢ଼ ରାଜନୈତିକ ଏବଂ କୂଟନୈତିକ ଇଚ୍ଛାଶକ୍ତିର ଆବଶ୍ୟକତା ରହିଛି । ଯଦିଓ କିଛି ବିକଳ୍ପ ଯୋଗାଣ ମାର୍ଗ ଏବଂ ଉତ୍ପାଦନ ବୃଦ୍ଧିର କ୍ଷୀଣ ଆଶା ରହିଛି, ତଥାପି ମଧ୍ୟପ୍ରାଚ୍ୟରେ ଲାଗିରହିଥିବା ଅସ୍ଥିରତା ଏବଂ ହରମୁଜ୍ ପ୍ରଣାଳୀର ଅବରୋଧ ଏକ ଗୁରୁତର ବିପଦ ସୃଷ୍ଟି କରିଛି । ମଧ୍ୟପ୍ରାଚ୍ୟର ଭୂ-ରାଜନୀତି ଅତ୍ୟନ୍ତ ଜଟିଳ ଏବଂ ଏଠାରେ ଗୋଟିଏ ଛୋଟ ଭୁଲ୍ ସମଗ୍ର ବିଶ୍ୱକୁ ଏକ ବଡ଼ ଯୁଦ୍ଧ ଆଡ଼କୁ ଠେଲି ଦେଇପାରେ । ନୀତି ନିର୍ଦ୍ଧାରକ ଏବଂ ବିଶ୍ୱ ନେତୃବୃନ୍ଦଙ୍କୁ ଏହି ପରିସ୍ଥିତିର ମୁକାବିଲା ପାଇଁ କେବଳ ଜରୁରୀକାଳୀନ ମହଜୁଦ ଉପରେ ନିର୍ଭର ନକରି ଦୀର୍ଘମିଆଦୀ ରଣନୀତି ଏବଂ କୂଟନୈତିକ ସମାଧାନ ଦିଗରେ ତୁରନ୍ତ ପଦକ୍ଷେପ ନେବାକୁ ପଡ଼ିବ ।



# ଚୈତ୍ର ନବରାତ୍ରୀରେ ନବଦୁର୍ଗାଙ୍କ ଉପାସନା



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଦୈବୀ ପୁରାଣରେ ରହିଥିବା ବର୍ଣ୍ଣନା ଅନୁଯାୟୀ ସୃଷ୍ଟି ଆରମ୍ଭରୁ ସମ୍ପୂର୍ଣ୍ଣ ବ୍ରହ୍ମାଣ୍ଡରେ ଅନ୍ଧକାର ବିରାଜମାନ କରୁଥିଲା । ସେହି ସମୟରେ ଆଦିଶକ୍ତିଙ୍କ ମନରେ ସୃଷ୍ଟି ନିର୍ମାଣ ଇଚ୍ଛା ପ୍ରକଟ ହେଲା । ଆଦିଶକ୍ତି, ଦେବୀ କୁଷ୍ମାଣ୍ଡାଙ୍କ ରୂପରେ ପୂର୍ବ ସୃଷ୍ଟିର ଅନ୍ତ ପୂର୍ବରୁ ହିଁ ବନସ୍ପତି ଏବଂ ସୃଷ୍ଟିର ରଚନା ନିମନ୍ତେ ଆବଶ୍ୟକ ସାମଗ୍ରୀ ସାଇତି ରଖି ସୂର୍ଯ୍ୟ ମଣ୍ଡଳର ମଧ୍ୟଭାଗରେ ବିରାଜମାନ କରିଥିଲେ । ସୃଷ୍ଟି ରଚନାରେ ସମୟ ଆସିବା ମାତ୍ରେ ସେ ବ୍ରହ୍ମା, ବିଷ୍ଣୁ ଏବଂ ଭଗବାନ ଶିବଙ୍କୁ ପ୍ରକଟ କଲେ । ଏହାପରେ ସତ୍ତ୍ୱ, ରଜ ଓ ତମୋ ଗୁଣ ସମ୍ପନ୍ନ ତ୍ରିଦେବୀ ସରସ୍ୱତୀ, ଲକ୍ଷ୍ମୀ ଏବଂ କାଳୀଙ୍କୁ ପ୍ରକଟ କଲେ । ସୃଷ୍ଟି ପରିଚାଳନାରେ ସହାୟତା ପ୍ରଦାନ କରିବା ନିମନ୍ତେ ଆଦି ଶକ୍ତି ବ୍ରହ୍ମାଙ୍କୁ ଦେବୀ ସରସ୍ୱତୀ, ବିଷ୍ଣୁଙ୍କୁ ଦେବୀ ଲକ୍ଷ୍ମୀ ଏବଂ ମହାଦେବଙ୍କୁ ଦେବୀ କାଳୀ ପ୍ରଦାନ କଲେ । ଆଦିଶକ୍ତିଙ୍କ କୃପାରୁ ବ୍ରହ୍ମଦେବ ସୃଷ୍ଟିର ରଚୟିତା ହେଲେ । ବିଷ୍ଣୁ ପାଳନ କର୍ତ୍ତା ଏବଂ ମହାଦେବ ହେଲେ ସଂହାରକର୍ତ୍ତା । ଶାସ୍ତ୍ରରେ ଥିବା ବର୍ଣ୍ଣନା ଅନୁଯାୟୀ, ଯେଉଁଦିନ ବ୍ରହ୍ମଦେବ ସୃଷ୍ଟି ନିର୍ମାଣ କାର୍ଯ୍ୟ ଆରମ୍ଭ କଲେ ସେଦିନ ଚୈତ୍ର ଶୁକ୍ଳ ପ୍ରତିପଦା ତିଥି ଥିଲା ।

ମାତା ଶୈଳପୁତ୍ରୀ : ନବରାତ୍ରୀର ପ୍ରଥମ ଦିନରେ ମା' ଶୈଳପୁତ୍ରୀଙ୍କ ଉପାସନା କରାଯାଇଥାଏ । ମାର୍କଣ୍ଡେୟ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ ପର୍ବତରାଜ ହିମାଳୟଙ୍କ ପୁତ୍ରୀ ରୂପରେ ଜନ୍ମ ନେଇଥିବାରୁ ଦେବୀଙ୍କ ନାମ ଶୈଳପୁତ୍ରୀ ହୋଇଥିଲା । ନବରାତ୍ରୀର ପ୍ରଥମ ଦିନରେ ଯୋଗୀ ଜନମାନେ ନିଜ ଶକ୍ତିକୁ ମୂଳାଧାରରେ ସ୍ଥିର କରି ଯୋଗ ସାଧନା କରିଥାନ୍ତି । ମନୁଷ୍ୟ ଜୀବନରେ ଦୃଢ଼ତା, ସ୍ଥିରତା ଏବଂ ଆଧାରର ବିଶେଷ ମହତ୍ତ୍ୱ ରହିଛି । ଏଣୁ ଏହି ଦିନରେ ନିଜ ସ୍ଥାୟିତ୍ୱ ବଜାୟ ରଖିବା ତଥା ଶକ୍ତି ହାସଲ କରିବା ନିମନ୍ତେ ମାତା ଶୈଳପୁତ୍ରୀଙ୍କ ପୂଜା କରାଯାଇଥାଏ । ମାତାଙ୍କ ଆରାଧନା ଦ୍ୱାରା ଜୀବନରେ ସ୍ଥିରତା ଆସିଥାଏ ।

ମାତା ବ୍ରହ୍ମଚାରିଣୀ : ନବରାତ୍ରୀର ଦ୍ୱିତୀୟ ଦିନରେ ମା' ବ୍ରହ୍ମଚାରିଣୀଙ୍କ ପୂଜା ହୋଇଥାଏ । ଦେବୀ ବ୍ରହ୍ମଚାରିଣୀ ବ୍ରହ୍ମ ଶକ୍ତି ଅର୍ଥାତ୍ ତପଶକ୍ତିର ପ୍ରତୀକ । ଏହାଙ୍କ ଆରାଧନା ଦ୍ୱାରା ଭକ୍ତ ଠାରେ ତପ ଶକ୍ତି ବୃଦ୍ଧି ହୋଇଥାଏ । ଏଥିସହିତ ସମସ୍ତ ମନୋସ୍କାମନା ପୂରଣ ହୋଇଥାଏ । ମା'ବ୍ରହ୍ମଚାରିଣୀ ସମଗ୍ର ସଂସାରକୁ ତପସ୍ୟାର ଶିକ୍ଷା ଦେଇଥାନ୍ତି । କଠିନ ତପସ୍ୟା ଅର୍ଥାତ୍ ପରିଶ୍ରମ ବିନା ସଫଳତା ପ୍ରାପ୍ତ କରିବା ଅସମ୍ଭବ । ବିନା ପରିଶ୍ରମରେ ସଫଳତା ଆଶା କରିବା ଈଶ୍ୱରଙ୍କ ବିଧିର ବୀପରିତ ।

ମାତା ଚନ୍ଦ୍ରଘଣ୍ଟା : ନବରାତ୍ରୀର ତୃତୀୟ ଦିନରେ ମାତା ଚନ୍ଦ୍ରଘଣ୍ଟାଙ୍କ ଉପାସନା କରାଯାଇଥାଏ । ଏହି ଦେବୀଙ୍କୁ ଶକ୍ତି ମାତାଙ୍କ ଶିବଦୂତୀ ସ୍ୱରୂପ କୁହାଯାଏ । ମାତାଙ୍କ ମସ୍ତକରେ ଘଣ୍ଟା ଆକାରର ଅର୍ଦ୍ଧଚନ୍ଦ୍ର ରହିଛି । ଏହି କାରଣରୁ ସେ ଦେବୀ ଚନ୍ଦ୍ରଘଣ୍ଟା ହୋଇଛନ୍ତି । ଅସୁରଙ୍କ ସହ ଯୁଦ୍ଧ ସମୟରେ ଦେବୀଙ୍କ ଚନ୍ଦ୍ରଘଣ୍ଟାର ଟଙ୍କାରରେ ଅସୁରଙ୍କ ନିପାତ ହୋଇଥିଲା । ନବରାତ୍ରୀର ତୃତୀୟ ଦିନରେ ଏହି ଦେବୀଙ୍କୁ ଉପାସନା କରାଯାଇଥାଏ । ଦେବୀ ପୂଜା ଦ୍ୱାରା ସାଧକର ମଣିପୁରଚକ୍ର ଜାଗ୍ରତ ହୋଇଥାଏ । ଫଳରେ ମନୁଷ୍ୟ ସ୍ୱୟଂ ସିଦ୍ଧି ପ୍ରାପ୍ତ କରି ସାଂସାରିକ କଷ୍ଟରୁ ମୁକ୍ତି ପ୍ରାପ୍ତ କରିଥାଏ ।

ଦେବୀ କୁଷ୍ମାଣ୍ଡା : ନବରାତ୍ରୀର ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କ ପୂଜା କରାଯାଇଥାଏ । ଦେବୀ କୁଷ୍ମାଣ୍ଡା ରୋଗରୁ ତୁରନ୍ତ ମୁକ୍ତି ଦେଇଥାନ୍ତି । ତାଙ୍କୁ ରୋଗ ନଷ୍ଟ କରିବାର ଦେବୀ ରୂପରେ ପୂଜା କରାଯାଇଥାଏ । ଦେବୀଙ୍କ ପୂଜା କରୁଥିବା ଶ୍ରଦ୍ଧାଳୁ ଧନଧାନ୍ୟ ଲାଭ କରିବା ସହ ଉତ୍ତମ ସ୍ୱାସ୍ଥ୍ୟ ଲାଭ କରିଥାଏ । ମା'ଦୁର୍ଗାଙ୍କ ଏହି ଚତୁର୍ଥ ରୂପ କୁଷ୍ମାଣ୍ଡା ନିଜ ଉଦରରୁ ଅଣ୍ଡ ତଥା ବ୍ରହ୍ମାଣ୍ଡର ଉତ୍ପନ୍ନ କରିଥିଲେ ବୋଲି ପୁରାଣରେ ବର୍ଣ୍ଣନା ରହିଛି । ସେଥିପାଇଁ ଦେବୀଙ୍କ ନାମ କୁଷ୍ମାଣ୍ଡା ହୋଇଛି । ନବରାତ୍ରୀର ଚତୁର୍ଥ ଦିନରେ ଦେବୀ କୁଷ୍ମାଣ୍ଡାଙ୍କ ପୂଜା କରିବା ଦ୍ୱାରା ମନୁଷ୍ୟ ଶରୀରରେ ଅନାହତ ଚକ୍ର ଜାଗ୍ରତ ହୋଇଥାଏ ।

ସ୍କନ୍ଧମାତା : ନବରାତ୍ରୀର ପଞ୍ଚମ ଦିନରେ ସ୍କନ୍ଧମାତାଙ୍କ ପୂଜା କରାଯାଇଥାଏ । ସ୍କନ୍ଧମାତା ଭକ୍ତଗଣଙ୍କୁ ସୁଖ-ଶାନ୍ତି ପ୍ରଦାନ କରିଥାନ୍ତି । ଦେବାସୁର ସଂଗ୍ରାମରେ ଭଗବାନ ସ୍କନ୍ଦ (କାର୍ତ୍ତିକେୟ) ଦେବତାମାନଙ୍କ ସେନାପତି ହୋଇଥିଲେ । ତାଙ୍କ ମାତା ହୋଇଥିବା କାରଣରୁ ଦେବୀ ଦୁର୍ଗାଙ୍କୁ ସ୍କନ୍ଧମାତା କୁହାଯାଏ । ପଞ୍ଚମ ଦିନରେ ଏହି ଶକ୍ତିସ୍ୱରୂପିଣୀଙ୍କ ଉପାସନା ଭକ୍ତକୁ ଅଶେଷ ସିଦ୍ଧି ପ୍ରଦାନ କରିଥାଏ । ଦେବାସୁର ସଂଗ୍ରାମ ଭଳି ଜୀବନରେ ଭଲ ଏବଂ ମନ୍ଦ ମଧ୍ୟରୁ ମନୁଷ୍ୟକୁ ସର୍ବଦା ଭଲର ପକ୍ଷରେ ରହିବା ଉଚିତ । ସ୍କନ୍ଧମାତାଙ୍କ ଆରାଧନା ଦ୍ୱାରା ମନୁଷ୍ୟ ସତ୍‌ମାର୍ଗରେ ଅଗ୍ରସର ହୋଇଥାଏ । ଦେବୀଙ୍କ ଉପାସନା ମାଧ୍ୟମରେ ମନୁଷ୍ୟର ମନ ବିଶୁଦ୍ଧଚକ୍ରରେ ଅବସ୍ଥିତ ହୋଇଥାଏ ।

ମା'କାତ୍ୟାୟିନୀ : ନବରାତ୍ରୀର ଷଷ୍ଠ ଦିନରେ ଆଦିଶକ୍ତି ଶ୍ରୀଦୁର୍ଗାଙ୍କ ଷଷ୍ଠ ସ୍ୱରୂପ ମା'କାତ୍ୟାୟିନୀଙ୍କ ପୂଜା କରାଯିବାର ନିୟମ ରହିଛି । ମହର୍ଷି କାତ୍ୟାୟନଙ୍କ ତପସ୍ୟାରେ ପ୍ରସନ୍ନ ହୋଇ ଆଦିଶକ୍ତି ତାଙ୍କ କନ୍ୟା ରୂପରେ ଜନ୍ମ ଗ୍ରହଣ କରିଥିଲେ । ସେଥିପାଇଁ ଦେବୀଙ୍କୁ କାତ୍ୟାୟିନୀ ରୂପରେ ପୂଜା କରାଯାଏ । ନବରାତ୍ରୀର ଷଷ୍ଠ ଦିନରେ ଦେବୀ କାତ୍ୟାୟିନୀଙ୍କ ପୂଜା କରିବା ଦ୍ୱାରା ଆଜ୍ଞା ଚକ୍ର ଜାଗ୍ରତ ହୋଇଥାଏ । ଏହାର ଫଳସ୍ୱରୂପ ସାଧକ ସ୍ୱୟମେବ ପ୍ରାପ୍ତ କରିଥାଏ ।

ଦେବୀ କାଳରାତ୍ରୀ : ମହାଶକ୍ତି ମା'ଦୁର୍ଗାଙ୍କ ସପ୍ତମ ସ୍ୱରୂପ ହେଉଛି କାଳରାତ୍ରୀ । ମାତା କାଳରାତ୍ରୀ କାଳର ନାଶ କରିଥାନ୍ତି । ଏହି କାରଣରୁ ତାଙ୍କ ନାମ କାଳରାତ୍ରୀ ହୋଇଛି । ନବରାତ୍ରୀର ସପ୍ତମ ଦିନରେ ଦେବୀ କଳରାତ୍ରୀଙ୍କର ପୂଜା କରାଯାଇଥାଏ । ମାତା କାଳରାତ୍ରୀଙ୍କ ଆରାଧନା ସମୟରେ ଭକ୍ତର ମନ ଭାନୁଚକ୍ରରେ କେନ୍ଦ୍ରିତ ହୋଇଥାଏ । ଏହି ଭାନୁ ଚକ୍ର ଲଲାଟ ଅର୍ଥାତ୍ ମସ୍ତିଷ୍କର ମଧ୍ୟ ଭାଗରେ କେନ୍ଦ୍ରୀତ ହୋଇଥାଏ । ଦେବୀଙ୍କ ଆରାଧନାର ଫଳସ୍ୱରୂପ ଭାନୁଚକ୍ରର ଶକ୍ତି ଜାଗ୍ରତ ହୋଇଥାଏ ।

ଦେବୀ ମହାଗୌରୀ : ନବରାତ୍ରୀର ଅଷ୍ଟମ ଦିନରେ ମାତା ମହାଗୌରୀଙ୍କୁ ପୂଜା କରାଯାଇଥାଏ । ଆଦିଶକ୍ତି ଶ୍ରୀଦୁର୍ଗାଙ୍କ ଅଷ୍ଟମ ସ୍ୱରୂପ ହେଉଛନ୍ତି ମହାଗୌରୀ । ମହାଗୌରୀଙ୍କ ବର୍ଣ୍ଣ ଅତ୍ୟନ୍ତ ଗୌର ହୋଇଥିବାରୁ ତାଙ୍କୁ ମହାଗୌରୀ ନାମରେ ଉପାସନା କରାଯାଇଥାଏ । ନବରାତ୍ରୀର ଅଷ୍ଟମ ଦିନରେ ମା'ଗୌରୀଙ୍କ ଉପାସନା ଦ୍ୱାରା ଶରୀରର ସୋମ ଚକ୍ର ଜାଗ୍ରତ ହୋଇଥାଏ । ଏହି ଚକ୍ର ଉର୍ଦ୍ଧ୍ୱ ଲଲାଟରେ ଅବସ୍ଥିତ । ଅଷ୍ଟମ ଦିନରେ ସାଧନା ପୂର୍ବକ ଏହି ଚକ୍ରରେ ଧ୍ୟାନ କେନ୍ଦ୍ରିତ କରିବା ଆବଶ୍ୟକ । ସୋମ ଚକ୍ରରେ ଧ୍ୟାନ କେନ୍ଦ୍ରିତ କରି ମହାଗୌରୀଙ୍କ ଉପାସନା ଦ୍ୱାରା ଶ୍ରଦ୍ଧାଳୁ ଏହି ଚକ୍ର ସମ୍ବନ୍ଧୀୟ ସମସ୍ତ ଶକ୍ତି ପ୍ରାପ୍ତ କରିଥାଏ ।

ମାତା ସିଦ୍ଧିଦାତ୍ରୀ : ଚୈତ୍ରମାସ ଶୁକ୍ଳ ପକ୍ଷ ନବମୀ ତିଥିରେ ଦେବୀ ଦୁର୍ଗାଙ୍କ ନବଦିନାତ୍ମକ ଉପାସନା ଶେଷ ହୋଇଥାଏ । ଏହି ଅନ୍ତିମ ଦିବସରେ ମାତା ସିଦ୍ଧିଦାତ୍ରୀଙ୍କ ପୂଜା କରାଯାଇଥାଏ । ମାତା ସିଦ୍ଧିଦାତ୍ରୀ ଭକ୍ତମାନଙ୍କୁ ସମସ୍ତ ସିଦ୍ଧି ପ୍ରଦାନ କରିଥାନ୍ତି । ଅନ୍ତିମ ଦିନରେ ଭକ୍ତମାନଙ୍କୁ ପୂଜା ସମୟରେ ନିଜର ସମସ୍ତ ଧ୍ୟାନ ନିର୍ବାଣ ଚକ୍ରରେ କେନ୍ଦ୍ରିତ କରିବାକୁ ହୋଇଥାଏ । ଏହି ଚକ୍ର କପାଳର ମଧ୍ୟ ଭାଗରେ ରହିଛି । ତେବେ ଏହି ଚକ୍ରରେ ଧ୍ୟାନ କେନ୍ଦ୍ରିତ କରିବାକୁ ହେଲେ ଅଧିକ ଦିନର ଅଭ୍ୟାସ ଆବଶ୍ୟକ । ଏପରି କରିବା ଦ୍ୱାରା ଦେବୀ ସିଦ୍ଧିଦାତ୍ରୀଙ୍କ ସମସ୍ତ ଶକ୍ତି ସ୍ୱତଃ ଭକ୍ତକୁ ପ୍ରାପ୍ତ ହୋଇଥାଏ । ସିଦ୍ଧିଦାତ୍ରୀଙ୍କ ଉପାସନା ଦ୍ୱାରା ଶ୍ରଦ୍ଧାଳୁ ପକ୍ଷେ କୌଣସି କାର୍ଯ୍ୟ ଅସମ୍ଭବ ରହିଥାଏ । ଶ୍ରଦ୍ଧାଳୁ ସୁଖ-ସୁବିଧା ପ୍ରାପ୍ତ କରିଥାଏ ।

ସେଥିପାଇଁ ଭାରତୀୟ ନବବର୍ଷର ଆରମ୍ଭ ଏହି ଦିନ ଠାରୁ ହୋଇଥାଏ । ଦେବୀଙ୍କ କୃପାରୁ ବ୍ରହ୍ମଦେବ ସୃଷ୍ଟି ନିର୍ମାଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିପାରିଥିବା ଯୋଗୁଁ ଏହି ଦିନ ଠାରୁ ନଅ ଦିନ ପର୍ଯ୍ୟନ୍ତ ଆଦିଶକ୍ତିଙ୍କ ନଅଟି ରୂପର ପୂଜା କରାଯାଇଥାଏ । ଯାହା ଚୈତ୍ର ନବରାତ୍ରୀ ପର୍ବ ଭାବେ ପ୍ରସିଦ୍ଧ । ସୃଷ୍ଟି ନିର୍ମାଣର କାର୍ଯ୍ୟ ସଫଳ ହେବା ପରି ନବବର୍ଷ ମଧ୍ୟ ସମସ୍ତଙ୍କ ପାଇଁ ସଫଳତା ଆଣୁ ବୋଲି ଏହି ଅବସରରେ ଦେବୀଙ୍କ ନିକଟରେ ପ୍ରାର୍ଥନା କରାଯାଇଥାଏ । ବର୍ଷରେ ଦୁଇଥର ଦୁର୍ଗାପୂଜା ପାଳନ କରାଯାଏ । ଶରତ ଋତୁରେ ଆଶ୍ୱିନ ଶୁକ୍ଳ ପକ୍ଷରେ ହେଉଥିବା ଶାରଦୀୟ ଦୁର୍ଗାପୂଜା ସାର୍ବଜନୀନ । ଆଉ ବସନ୍ତ ଋତୁରେ ଚୈତ୍ର ଶୁକ୍ଳ ପକ୍ଷରେ ବାସନ୍ତୀ ଦୁର୍ଗାପୂଜା ପାଳିତ ହୁଏ । ବାସନ୍ତୀ ଦୁର୍ଗା ସଂହାରକାରିଣୀ ନୁହନ୍ତି ସେ ଅନ୍ନଦାତ୍ରୀ ମାତା । ତାଙ୍କୁ ଧରଣୀ ମାତା ଭାବେ କଳ୍ପନା କରାଯାଇଛି । ଧରଣୀ ମାତାଙ୍କର ବୟଃପ୍ରାପ୍ତିରେ ଉତ୍‌ଫୁଲ୍ଲିତ ମଣିଷ କେଉଁ ପୁରୁଣା କାଳରୁ ବାସନ୍ତୀ ଦୁର୍ଗା ପୂଜା ପାଳନ କରିଆସୁଥିବା ଜଣାଯାଏ । ପୁରାଣ ଆନୁଯାୟୀ ଦୁର୍ଗାପୂଜା ବସନ୍ତ ଋତୁ କାଳୀନ ଉତ୍ସବ । ପ୍ରଭୁ ଶ୍ରୀରାମଙ୍କ ପୂର୍ବରୁ ଏହା ଥିଲା ମୁଖ୍ୟ ଦୁର୍ଗାପୂଜା, ଏଣୁ ପ୍ରାଚୀନତମ । ମହାପରାକ୍ରମୀ ଲଙ୍କାନରେଶ ରାବଣଙ୍କୁ ନିଧନ କରିବା ପାଇଁ ଲଙ୍କା ଯୁଦ୍ଧ ପୂର୍ବରୁ ଶ୍ରୀରାମ ଆଦ୍ୟାଶକ୍ତି ମାତା ଦୁର୍ଗାଙ୍କୁ ଆବାହନ କରିଥିଲେ । ମାତା ପ୍ରସନ୍ନ ହେଲେ ତାଙ୍କୁ ଆଶୀର୍ବାଦ ଦେବା ପରେ, ସେ ଯୁଦ୍ଧକୁ ବାହାରିଥିଲେ । ତାହା ଥିଲା ଶରତ ଋତୁ । ତେଣୁ ଶାରଦୀୟ ଦୁର୍ଗା ପୂଜା ପାଳନ କରାଯାଏ । ଶ୍ରୀରାମ ଅସମୟରେ ଦୁର୍ଗାପୂଜା କରିଥିବାରୁ ଏହାକୁ ଅକାଳ ବୋଧନ ମଧ୍ୟ କୁହାଯାଏ । ଶାରଦୀୟ ଦୁର୍ଗାପୂଜା ଏବଂ ବାସନ୍ତୀ ଦୁର୍ଗାପୂଜାର ରୀତି-ନୀତି ପ୍ରାୟ ଏକା ଭଳି । ଭକ୍ତ ଶ୍ରଦ୍ଧାଳୁମାନେ ଏହି ସମୟରେ ବସନ୍ତ ନବରାତ୍ରି ବ୍ରତ ପାଳନ କରନ୍ତି ।

ପ୍ରତିରଦ୍ଧିକ ଓ ଅବସରପ୍ରାପ୍ତ ପ୍ରଫେସର, ଲିଭର ବିଶେଷଜ୍ଞ,
କଟକ,
ମୋ: ୯୪୩୭୦୫୧୯୫୭

# ସ୍ୱାଦ ଓ ତୃପ୍ତିରେ ଅନୁପମ-ପଖାଳ



ପ୍ରେମାନନ୍ଦ ପାଣିଗ୍ରାହୀ



ସଂସ୍କୃତି ଗୋଟିଏ ଜାତିର ଆତ୍ମପରିଚୟ । ଏହା ସାମାଜିକ ଜୀବନର ପ୍ରବହମାନ ଧାରା । ଓଡିଶାର ଇତିହାସ, ପରମ୍ପରା ବହୁ ପୁରାତନ । ଚଳଣୀ, ପ୍ରଥା, ଧର୍ମଧାରଣା, ଖାଦ୍ୟପେୟ ସଂସ୍କୃତିର ଗୋଟିଏ ଗୋଟିଏ ବାହକ ଓ ରକ୍ଷକ । ସାରା ବିଶ୍ୱରେ ଓଡିଆମାନଙ୍କର ସ୍ୱତନ୍ତ୍ର ପରିଚୟ ସେମାନଙ୍କର ଖାଦ୍ୟକୁ ନେଇ । ଓଡିଶା ଏକ କୃଷିପ୍ରଧାନ ରାଜ୍ୟ । ଓଡିଶାର ମୁଖ୍ୟ ଉପାଦାନ ଧାନ ଫସଲ । ଧାନରୁ ଉତ୍ପନ୍ନ ହୁଏ ଚାଉଳ । ସେଥିରୁ ପ୍ରସ୍ତୁତ ହୁଏ ଅନ୍ନ । ଅନ୍ନ କହିଲେ ସାଧାରଣତଃ ରନ୍ଧାଖାଦ୍ୟ ବା ଭାତକୁ ବୁଝାଇଥାଏ । ଭାରତର ଅନେକ ରାଜ୍ୟରେ ଭାତ ମୁଖ୍ୟ ଖାଦ୍ୟର ମାନ୍ୟତା ପାଇଥିବା ବେଳେ ଓଡିଶାରେ ଭାତରୁ ପ୍ରସ୍ତୁତ ପଖାଳ ପାଇଛି ଲୋକ ଖାଦ୍ୟର ମାନ୍ୟତା । ଉତ୍କଳୀୟ ପରମ୍ପରାରେ ଖାଦ୍ୟର ଯେଉଁ ବିଶେଷତ୍ୱ ରହିଛି ତା ମଧ୍ୟରୁ ପଖାଳ ଅନ୍ୟତମ । ପଖାଳ ଓଡିଶାର ପରିଚୟ । କାହିଁ କେତେ କାଳରୁ ପଖାଳ ସହିତ ଓଡିଆ ମାନଙ୍କର ରହି ଆସିଛି ଭାବଗତ ସମ୍ପର୍କ । ପଖାଳ ଶବ୍ଦ ପାଲି ଭାଷା ପଖାଳିବାରୁ ଆସିଛି । ଯାହାର ଅର୍ଥ ଧୋଇବା । ଗରମ ଭାତ ଥଣ୍ଡା ହେବା ପରେ ତାକୁ ଧୋଇ ସେଥିରେ ପାଣି ମିଶାଇ ପ୍ରସ୍ତୁତ କରାଯାଉଥିବାରୁ ଏହାର ଏପରି ନାମକରଣ ହୋଇଛି । ବିଭିନ୍ନ ରାଜ୍ୟରେ ପଖାଳକୁ ଭିନ୍ନ ଭିନ୍ନ ନାମରେ ସମ୍ବୋଧନ କରାଯାଇଥାଏ । ଆସାମରେ ଏହାକୁ ପୋଇତାଭାତ, ଛତିଶଗଡରେ ପଖାଳ ବା ବୋରେ ଭାତ, ପଶ୍ଚିମବଙ୍ଗରେ ପାନ୍ତା ଭାତ କୁହାଯାଇଥାଏ । ଓଡିଆ ଓ ପଖାଳ ଅଭିନ୍ନ । ଏହା ଗୋଟିଏ ମୁଦ୍ରାର ଦୁଇ ପାର୍ଶ୍ୱ ସଦୃଶ ।

କବିଚନ୍ଦ୍ର କାଳି ଚରଣ ପଟ୍ଟନାୟକଙ୍କ ରଚିତ ଓ ସଙ୍ଗୀତ ସୁଧାକର ବାଳକୃଷ୍ଣ ଦାଶଙ୍କ କଣ୍ଠରୁ ନିସୃତ ଆସ ଜୀବନ ଧନ ମୋର ପଖାଳ କଂସା ଆଜିବି ସମସ୍ତ ଓଡିଆଙ୍କ ହୃଦୟରେ ଗୁଞ୍ଜରଣ ହେଉଛି । ଏହି ଗୀତରେ ଗୀତିକାର ପଖାଳକୁ ଜୀବନର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ବର୍ଣ୍ଣନା କରିଛନ୍ତି । ପଖାଳର ମହିମା ବର୍ଣ୍ଣନା କଲାବେଳେ ପିତା ଶୁଖୁଆ, ଭଜା, ପିଆଜ, ଆମ୍ବ ଛେଚା, ଶାଗ, ବଡିଚୁରାକୁ ଏପରି ବର୍ଣ୍ଣନା କରାଯାଇଛି ଯାହା ପଖାଳ ଖାଇବା ଲୋଭକୁ ଦ୍ୱିଗୁଣିତ କରିଥାଏ । ଉଷୁନା ଓ ଅରୁଆ ଭାତରେ ପଖାଳ ତିଆରି ହୁଏ । ଭାତ ରାନ୍ଧି ସେଥିରେ ପାଣି ଦେଇ ଦହି, ଲେମ୍ବୁପତ୍ର, ସୋରିଷ, ଲଙ୍କା ଓ ଭୃସୁଙ୍ଗା ପତ୍ର ଛୁଙ୍କ ଦେଇ ପଖାଳ ତିଆରି ହୁଏ । ଏବେ ବିଦେଶୀ ମଧ୍ୟ ପଖାଳର ମୋହରେ ପଡିଗଲେଣି । ଓଡିଶାର ପରିଚୟ ପଖାଳ ଅନେକ ଶୀତତାପ ନିୟନ୍ତ୍ରୀତ ପଞ୍ଚ ତାରକା ହୋଟେଲ ଗୁଡିକରେ ଖରାଦିନିଆ ମୁଖ୍ୟ ଖାଦ୍ୟ ପାଲଟିଛି । ହୋଟେଲଗୁଡିକରେ ଓଡିଆ ଘରର ପାରମ୍ପରିକ ବ୍ୟଞ୍ଜନ ସହ ପରଷା ଯାଉଥିବା ପଖାଳର ଚେହେରା ଓ ବାସ୍ନା ଗ୍ରାହକର ଭୋକ ବଢାଇ ଦେଉଛି । କୃଷକ ଭାଇମାନେ ସକାଳୁ ସକାଳୁ ଘରେ ପଖାଳ କଂସାଏ ଖାଇ ହାତରେ ପଖାଳ ଟିଫିନ ସାଙ୍ଗକୁ ପିଆଜ, ଶୁଖୁଆ ପୋଡା, କଞ୍ଚା ଲଙ୍କା, ଖଟା, ବଡିଚୁରା ନେଇ ବିଲ ହୁଡାରେ ଦ୍ୱିପହରେ ଖାଆନ୍ତି । ଏହା ଭାରି ଆତ୍ମ ତୃପ୍ତି ଦେଇଥାଏ ଚଷା ପୁଅକୁ । ଓଡିଆ ଘର ମାନଙ୍କରେ ପଖାଳ ସବୁ ଋତୁରେ ଖିଆ ଯାଉଥିବା ବେଳେ ଖରାଦିନେକି ଗରିବ କି ଧନୀ ପଖାଳ ତୋରାଣି ପ୍ରତି ରହିଥାଏ ସମସ୍ତଙ୍କର ଦୁର୍ବଳତା । ତୋରାଣିରେ ଆମ୍ବକଷିଆ ଅଦା, ଲଙ୍କା, ଲେମ୍ବୁର ମହମହ ବାସ୍ନା ଅନେକଙ୍କୁ ପଖାଳ କଂସା ଆଡକୁ ଟାଣିନିଏ । ସାଧାରଣ ଲୋକଟିଏ ଯେପରି ପଖାଳପ୍ରିୟ, ମହାପ୍ରଭୁ ଜଗନ୍ନାଥ ସେମିତି ପଖାଳପ୍ରିୟ । ମହାପ୍ରଭୁଙ୍କ ନିକଟରେ ଦୈନନ୍ଦିନ ଲାଗି ହେଉଥିବା ଛପନ ଭୋଗ ମଧ୍ୟରେ ପଖାଳ ଅନ୍ୟତମ । ମହାପ୍ରଭୁଙ୍କ ଉପାସନାରେ କେବଳ ଅରୁଆ ପଖାଳ ଲାଗି କରାଯାଏ। ଶୀଗୁଣ୍ଡିଚା ଠାରୁ ନୀଳାଦ୍ରି ବିଜେ ପର୍ଯ୍ୟନ୍ତ ସମୟକୁ ଛାଡି ଦେଲେ ବାକି ବର୍ଷର ସମସ୍ତ ଦିବସରେ ଶ୍ରୀମନ୍ଦିରରେ ପଖାଳ ଭୋଗ ଗ୍ରହଣ କରି ମହାପ୍ରଭୁ ଆତ୍ମସନ୍ତୋଷ ଲାଭ କରିଥାନ୍ତି । ପଖାଳ ପ୍ରସ୍ତୁତି ପାଇଁ ଶ୍ରୀମନ୍ଦିର ରୋଷ ଭିତରେ ସ୍ୱତନ୍ତ୍ର ପଥରରେ ଏକ ପଖାଳ କୁଣ୍ଡ ରହିଛି । ଏଥିରେ ଅନ୍ନ ଓ ପାଣି ପୂରାଯାଇ ମହାପ୍ରଭୁଙ୍କ ଲାଗି ପଖାଳ ପ୍ରସ୍ତୁତ କରାଯାଇଥାଏ ।

ଭୁଷଳ, ଭୁବନ, ଢେଙ୍କାନାଳ
ମୋ-୯୪୩୭୭୨୯୩୮୪




## କରନା ଆଉ ଯୁଦ୍ଧ

ରମେଶ ଚନ୍ଦ୍ର ନାୟକ



କୁନା କହଇ ଆଇ ଲୋ ଆଇ
ଯୁଦ୍ଧ ଲାଗୁଛି କିଆଁ
ଅକାରଣରେ ଧନ ଜୀବନ
ଜାଳି ଦେଉଛି ନିଆଁ ।।

ଜଳ ସ୍ଥଳରେ ଆକାଶ ପଥେ
ଗୋଳା ବାରୁଦ ଛୁଟେ
ଜୀବ ଜଗତେ ବାୟୁ ମଣ୍ଡଳେ
ବିଷ ବଳୟ ଘଟେ ।।

ରହି ହୁଏନା ସହି ପାରୁନା
ବଢି ଯାଉଛି ତାତି
ବଙ୍କର ଘରେ ରହୁଛି ଧନୀ
ଗରୀବ ମରେ ଏଠି ।।

ତେଲ ଡ଼ିଜେଲ ଆଉ ପେଟ୍ରୋଲ
ଆମଦାନୀ ତ ବନ୍ଦ
ଜାଳେଣି ପାଇଁ ଭାଳେଣି ପଡେ
ଘରେ ଶୁଭୁଛି କାନ୍ଦ ।।

ଇସ୍କୁଲ ଅଛି ତାଲା ପଡିଛି
ନାହିଁ ଯେ ପାଠପଢ଼ା
ଯୁଦ୍ଧ ଭୟରେ ରହୁଛୁ ଘରେ
ଭୋଗୁଛୁ କେତେ ପୀଡ଼ା ।।

ଖାଇବା ପାଇଁ ଜିନିଷ ନାହିଁ
ମିଳେନି ଦୋକାନର
ଯଦି କେଉଁଠି ମିଳି ଯାଉଛି
ଆକାଶ ଛୁଆଁ ଦର ।।

କହ ଲୋ ଆଇ କଅଣ ପାଇଁ
ଏତେଟା ପ୍ରତିବନ୍ଧ
ଘରୁ ବାହାରି କହ ତୁ ଯାଇ
କରନା ଆଉ ଯୁଦ୍ଧ ।।

ଝ ଝ ଝ

+କେଶରପୁର,
ବକ୍ସି ବଜାର, କଟକ
ମୋ : ୭୯୭୮୧୫୧୭୧୦

## ପଖାଳ ଦିବସ

ଅସୀମା ପ୍ରଧାନ

ମାର୍ଚ୍ଚ କୋଡ଼ିଏ ତ ପଖାଳ ଦିବସ
ଖାଇବ ଯଦି ଯିଏ ଆସିକି ବସ ।।
ପଖାଳ ସାଥିରେ ଲୁଣ ଲଙ୍କା ଦହି
ଖାଇଲେ ମନକୁ ନିଅଇ ତ ମୋହି ।।

କେତେ ଶାନ୍ତି ଲାଗେ ଖାଇଲେ ପଖାଳ
ଯିଏ ଖାଇଛି ସିଏ ଆସ ସଅଳ।।
ନିଦ ଯଦି କାହାକୁ ଲାଗୁ ନ ଥିବ
ପଖାଳ ଖାଇଲେ ଘୁଙ୍ଗୁଡ଼ି ମାରିବ ।।
ଖାଦ୍ୟସାର ରେ ଭରପୂର ପଖାଳ
ବୃଦ୍ଧି ଘଟଇ ପରା ଆୟୁଷ ବଳ ।।
ଧନ ଦଉଲତ ବେଶୀ ଲୋଡା ତ ନାହିଁ
କମ ଖର୍ଚ୍ଚରେ ହୁଏ ପଖାଳ ହୁଏ ।।
ଧନୀ ଗରିବ ସଭିଙ୍କର ପସନ୍ଦ
ପଖାଳ ରଖେ ନାହିଁ କିଛି ବି ଭେଦ ।।
ଆମ ଓଡ଼ିଶାର ଗର୍ବ ଓ ଗରବ
ପଖାଳ ଆମର ତ ପ୍ରିୟ ଦରବ ।।

ନ ଥାଉ ପଛେ ଘର ରାଜ ଉଆସ
ପଖାଳ ରେ ଥାଉ ଆମ୍ଭର ତ ଆଶା ।
ଆଶା ନାହିଁ କିଛି ସ୍ୱାଦିଷ୍ଟ ଖାଇବା
ପଖାଳ ଆମର ହୋଉଥାଉ ଲୋଡା ।।

ପଖାଳ ଖାଇ କେତେ ଓଡ଼ିଆ ବୀର
ଦେଖାଇ ଅଛନ୍ତି ଶୌର୍ଯ ତାଙ୍କର ।
ମଧୁବାବୁଙ୍କ ପ୍ରିୟ ଖାଦ୍ୟ ପଖାଳ
ଜୀବନ ଥିଲା ତାଙ୍କ ଅତି ସରଳ।।
ପଖାଳ ଦିବସ କୁ କରି ସ୍ୱାଗତ
ପଖାଳ ଖାଅ ମନ କରି ଉସତ ।।

ବୀରମହାରାଜପୁର,
ସୁବର୍ଣ୍ଣପୁର

ବିନୋଦନ ବିନୋଦନ ବିନୋଦନ



ସିନେମା ଓ ମନୋରଂଜନର ଫର୍ଦ୍ଦ

ଧ୍ୱନି ପ୍ରତିଧ୍ୱନି

୫ ଶୁକ୍ରବାର, ୨୦ ମାର୍ଚ୍ଚ ୨୦୨୬




# ପ୍ରଥମ ଚଳଚ୍ଚିତ୍ର ବିଫଳ ହେଲେ ବି ସନ୍ତୁଷ୍ଟ

ଅନୁଭବ ସିହ୍ନା ନିର୍ଦ୍ଦେଶିତ 'ଅଶୀ' ଚଳଚ୍ଚିତ୍ର ଜରିଆରେ ପହଲ ସାମୟାନୀ ବଲିଉଡ୍‌ରେ ପାଦ ଥାପିଛନ୍ତି। ଏଥିରେ ସେ ଶ୍ୱେତା ନାମ୍ନୀ ଏୟାର ହୋଷ୍ଟେସ୍ ଭୂମିକାରେ ଅଭିନୟ କରିଛନ୍ତି। ଏହି ପାର୍ଶ୍ୱ ଚରିତ୍ରରେ ତାଙ୍କ ପଦାର୍ପଣ ଅଭିନୟକୁ ସମୀକ୍ଷକଙ୍କ ଠାରୁ ଆରମ୍ଭ କରି ଦର୍ଶକମାନେ ଖୁବ୍ ପ୍ରଶଂସା କରୁଛନ୍ତି। ଯୌନ ହିଂସା ପରି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ଉତ୍‌ଥାପନ କରିଥିଲେ ହେଁ ଏହି ଚଳଚ୍ଚିତ୍ର ବ୍ୟାବସାୟିକ ଦୃଷ୍ଟିରୁ ବିଫଳ ହୋଇଛି। ଅଧିକ ଲୋକ ଏହି ଚଳଚ୍ଚିତ୍ର ଦେଖିଲେନି ବୋଲି ପହଲ କ୍ଷୋଭ ପ୍ରକାଶ କରିବା ସ୍ୱାଭାବିକ। ତେବେ ଅନୁଭବଙ୍କ ପରି ନିର୍ଦ୍ଦେଶକ ଓ ତାପସୀ ପନ୍ନୁଙ୍କ ପରି ଦକ୍ଷ ଅଭିନେତ୍ରୀଙ୍କ ସହିତ କାମ କରି ସେ ଖୁବ୍ ସନ୍ତୁଷ୍ଟ। ପ୍ରଥମ ଚଳଚ୍ଚିତ୍ର ବକ୍ସ ଅଫିସ ବିଫଳତା ଚାଖିଥିବାରୁ ତାଙ୍କ କ୍ୟାରିଅରକୁ ନେଇ ସେ ଚିନ୍ତିତ କି ବୋଲି ପଚାରାଯିବାରୁ ସେ କହିଛନ୍ତି ଯେ ସଂଖ୍ୟା ତାଙ୍କ ପାଇଁ ଗୁରୁତ୍ୱପୂର୍ଣ୍ଣ ନୁହେଁ। ମହିଳାଙ୍କ ସୁରକ୍ଷା ଓ ସାମାଜିକ ପରିବର୍ତ୍ତର ଆହ୍ୱାନ କରୁଥିବା ଏହି କାହାଣୀରେ କାମ କରିଥିବାରୁ ସେ ଗର୍ବିତ। ଏହି ଚଳଚ୍ଚିତ୍ର ଅଧିକ ଲୋକଙ୍କ ପାଖରେ ପହଞ୍ଚିଲେ ମହିଳାଙ୍କ ସୁରକ୍ଷା ପ୍ରସଙ୍ଗ ନେଇ ବ୍ୟାପକ ଆଲୋଚନା ହୁଅନ୍ତା ବୋଲି ସେ ଆଶା କରୁଥିଲେ। ୨୦ ବର୍ଷୀୟ ପହଲଙ୍କ ଜନ୍ମ ଦୁବାଇରେ। ସେ ଆଠ-ନଅ ବର୍ଷ ବୟସରୁ ମଞ୍ଚ ଅଭିନୟ କରିଆସୁଥିଲେ। ତାଙ୍କ ସ୍ୱପ୍ନ ଥିଲା ମୁମ୍ବାଇ ଆସି ଅଭିନୟରେ କ୍ୟାରିଅର ଗଢ଼ିବେ। କାଷ୍ଟିଂ ଡାଇରେକ୍ଟର ମୁକେଶ ଛାବ୍ରା ତାଙ୍କୁ 'ଅଶୀ'ରେ ଅଭିନୟ କରିବାକୁ ବାଛିଥିଲେ। 'ଅଶୀ' ପରେ ତାଙ୍କ ହାତ ଖାଲି। ଆଗକୁ କେଉଁଠି ସୁଯୋଗ ମିଳିବ ସେ ଅପେକ୍ଷାରେ ଅଛନ୍ତି।

# ନୂଆ ମାଇଲ୍‌ଖୁଣ୍ଟ ସ୍ଥାପନର ଲକ୍ଷ୍ୟ




ଧୁରନ୍ଧର ଚଳଚ୍ଚିତ୍ରର ଦ୍ୱିତୀୟ ଭାଗ 'ଧୁରନ୍ଧର: ଦି ରିଭେଞ୍ଜ' ପ୍ରେକ୍ଷାଳୟରେ ମୁକ୍ତିଲାଭ କରିବା ଆଗରୁ ବକ୍ସ ଅଫିସରେକର୍ଡ ଭାଙ୍ଗିବାର ଧାରା ଆରମ୍ଭ କରିସାରିଲାଣି। ମୁକ୍ତିଲାଭ କରିବା ପୂର୍ବ ଦିନର ପ୍ରିଭ୍ୟୁ ସୋ'ର ଟିକେଟ୍ ବିକ୍ରିରେ ଏହା 'ସ୍ତ୍ରୀ ୨' ଚଳଚ୍ଚିତ୍ରର ରେକର୍ଡ ଭାଙ୍ଗିଦେଇଛି। ପ୍ରିଭ୍ୟୁ ସୋ' ଦେଖିବା ପାଇଁ ଭାରତରେ ସାଢ଼େ ତିନି ଲକ୍ଷରୁ ଅଧିକ ଲୋକ ଆଗୁଆ ଟିକେଟ୍ କାଟିସାରିଲେଣି, ଯାହାର ବ୍ୟାବସାୟିକ ମୂଲ୍ୟ ୨୦ କୋଟି ଟଙ୍କା ଟପିଯାଇଛି। ଏହା ୩୫ କୋଟି ଟଙ୍କା ଛୁଇଁବ ବୋଲି ଆଶା କରାଯାଉଛି।

ତେବେ 'ଧୁରନ୍ଧର ୨' ଯେଉଁ ରେକର୍ଡ ଭାଙ୍ଗିବା ନେଇ ସବୁଠାରୁ ଅଧିକ ଉତ୍କଣ୍ଠା ଦେଖାଦେଇଛି ତାହା ହେଲା ଶାହରୁଖ ଖାଁଙ୍କ 'ଯବାନ' ଚଳଚ୍ଚିତ୍ର ନାମରେ ଥିବା ୧୩୦ କୋଟି ଟଙ୍କାର ପ୍ରଥମ ଦିନର ସର୍ବୋଚ୍ଚ ବ୍ୟବସାୟ ରେକର୍ଡ। 'ଧୁରନ୍ଧର ୨'କୁ ନେଇ ଲୋକଙ୍କ ଉତ୍ସାହ ଏବଂ ବକ୍ସ ଅଫିସ ବିଶେଷଜ୍ଞଙ୍କ ପୂର୍ବାନୁମାନରୁ ସ୍ପଷ୍ଟ ଜଣାପଡ଼ିଲାଣି ଯେ ଶୁଭମୁକ୍ତି ଦିନ ଏହି ଚଳଚ୍ଚିତ୍ର ବିଶ୍ୱବ୍ୟାପୀ ୨୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବ। ଏହା ହେଲେ 'ଧୁରନ୍ଧର ୨' ହିନ୍ଦୀ ଚଳଚ୍ଚିତ୍ର ଇତିହାସରେ ଏକ ନୂଆ ମାଇଲ୍‌ଖୁଣ୍ଟ ସ୍ଥାପନ କରିବ।

ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୁରନ୍ଧର ୨' ଆସନ୍ତା ୧୯ ତାରିଖ ମୁକ୍ତିଲାଭ କରିବାକୁ ଯାଉଛି। ପ୍ରଥମ ଦିନରେ ଏହା କେବଳ ଭାରତରେ ଶତାଧିକ କୋଟି ଟଙ୍କାର ବ୍ୟବସାୟ କରିବା ସୁନିଶ୍ଚିତ। ବିଦେଶରେ ମଧ୍ୟ ଏହାକୁ ନେଇ ଦର୍ଶକଙ୍କ ମଧ୍ୟରେ ପ୍ରବଳ ଉତ୍ସାହ ରହିଛି। ସେ ସୂତ୍ରରୁ ଆନୁମାନିକ ୫୦ କୋଟି ଟଙ୍କାର ଆୟ ହେବ। ପ୍ରିଭ୍ୟୁ ସୋ'ର ଆୟ ଯୋଡ଼ିଦେଲେ ଏହା ୨୦୦ କୋଟି ଟଙ୍କାରୁ ଅଧିକ ବ୍ୟବସାୟ କରିବାରେ କୌଣସି ସମସ୍ୟା ହେବ ନାହିଁ। ରଣବୀର ସିଂହଙ୍କ ଏହି ସିକ୍ୱେଲ୍ ଚଳଚ୍ଚିତ୍ର ପୂର୍ବ ଭାଗର ରୋମାଞ୍ଚ, ଆକ୍ସନ୍ ଓ ନାଟକୀୟତାକୁ ଟପିପାରୁଛି କି ନାହିଁ ତାହା ଉପରେ ଦର୍ଶକଙ୍କ ଦୃଷ୍ଟି ରହିବ।

# ହିରୋଇନ୍‌ଙ୍କ ଶାଢ଼ି ଇସ୍ତ୍ରୀ କରୁଥିଲେ ରୋହିତ



ବଲିଉଡ୍‌ରେ ଏମିତି ଅନେକ ବ୍ୟକ୍ତି ଅଛନ୍ତି, ଯେଉଁମାନେ ଛୋଟରୁ ଛୋଟ କାମ କରିଥିଲେ ମଧ୍ୟ ପରବର୍ତ୍ତୀ ସମୟରେ ନିଜ ପରିଶ୍ରମ ଓ ନିଷ୍ଠା ବଳରେ ଷ୍ଟାର ପାଲଟିଯାଇଛନ୍ତି। ସେମାନଙ୍କ ଭିତରୁ ଜଣେ ହେଉଛନ୍ତି ରୋହିତ ସେଟ୍ଟୀ। ଆକ୍ସନ୍ ଓ କମେଡି ଫିଲ୍ମ କଥା ପଡ଼ିଲେ, ରୋହିତଙ୍କ ନାଁ ଆସିବ ହିଁ ଆସିବ। ତେବେ ଆପଣ ଜାଣି ଆଶ୍ଚର୍ଯ୍ୟ ହେବେ ଯେ, ରୋହିତ ତାଙ୍କ କ୍ୟାରିୟରର ଆରମ୍ଭରେ ସାଧାରଣରୁ ଅତି ସାଧାରଣ କାମ ବି କରିଛନ୍ତି। ହେଲେ ଏବେ ଦେଶର ସବୁଠାରୁ ସଫଳ ଫିଲ୍ମ ନିର୍ମାତାଙ୍କ ଭିତରୁ ସେ ଜଣେ। ହେଲେ ଏମିତି ବି ସମୟ ଥିଲା, ଯେତେବେଳେ ସେ ଫିଲ୍ମ ସେଟ୍‌ରେ ହିରୋଇନ୍‌ଙ୍କ ଶାଢ଼ି ଇସ୍ତ୍ରୀ କରୁଥିଲେ।

କ୍ୟାରିୟରର ପ୍ରାରମ୍ଭିକ ପର୍ଯ୍ୟାୟରେ ରୋହିତ ଫିଲ୍ମସେଟ୍‌ରେ ଛୋଟମୋଟ କାମ କରୁଥିଲେ। ଫିଲ୍ମସେଟ୍‌ରେ ସେ ବାରଘଣ୍ଟାରୁ ଚଉଦ ଘଣ୍ଟା, ବେଳେବେଳେ ତା'ଠାରୁ ମଧ୍ୟ ଅଧିକ ସମୟ ଖଟିବାକୁ ପସନ୍ଦ କରୁଥିଲେ। ଏହିଭଳି ଦୀର୍ଘ ସମୟ କାଟି ସେ ଫିଲ୍ମ ନିର୍ମାଣ ସହ ଜଡ଼ିତ ପ୍ରାୟ ସବୁ କ୍ଷେତ୍ରରେ ଦକ୍ଷତା ଅର୍ଜନ କରିଥିଲେ। ଏବେ ସଫଳ ନିର୍ଦ୍ଦେଶକ ଭାବେ ରୋହିତ ପରିଚିତି ହାସଲ କରିପାରିଛନ୍ତି। ପୂରା ବଲିଉଡ ତାଙ୍କ କାମର ପ୍ରଶଂସା କରୁଥିବାବେଳେ ଏହା ପଛରେ ତାଙ୍କର ନିଷ୍ଠା ଓ ପରିଶ୍ରମ ହିଁ ରହିଛି।

୧୯୯୫ରେ ରୋହିତ ୧୭ ବର୍ଷର ହୋଇଥିବାବେଳେ ଫିଲ୍ମ 'ହକିକତ୍'ର ସେଟ୍‌ରେ କାମ କରୁଥିଲେ। ଏହି ସମୟରେ ତାଙ୍କ କାମଥିଲା ଏହି ଫିଲ୍ମର ହିରୋଇନ୍ ତବୁଙ୍କ ଶାଢ଼ି ଇସ୍ତ୍ରୀ କରିବା। ଏଥିପାଇଁ ତାଙ୍କୁ ମାସିକ ମାତ୍ର ୫୦ ଟଙ୍କା ପାରିଶ୍ରମିକ ମିଳୁଥିଲା। ଏଥିସହିତ ସେ କାଜଲଙ୍କ ସ୍ପଟ୍‌ବୟ ଭାବେ ମଧ୍ୟ କାମ କରିଥିଲେ। ଆଜି ସେହି ରୋହିତ ସେଟ୍ଟୀ ବଲିଉଡ୍‌ର ଜଣେ ସଫଳ ଓ ଚର୍ଚ୍ଚିତ ଫିଲ୍ମ ନିର୍ମାତା, ନିର୍ଦ୍ଦେଶକ ଓ ଟିଭି ଦୁନିଆର ନାଁକରା ହୋଷ୍ଟ ପାଲଟିଯାଇଛନ୍ତି।

# ବିଲୁପ୍ତପ୍ରାୟ ପରମ୍ପରାର ମର୍ମସ୍ପର୍ଶୀ ଦଲିଲ: କାନ୍ଦମାଷ୍ଟ୍ରେ



ନିୟମିତ ବ୍ୟବଧାନରେ ଏମିତି ଅନେକ 'ଭିନ୍ନ ସ୍ୱାଦର' ଚଳଚ୍ଚିତ୍ର ଆସେ ଯେଉଁଥିରେ ବାସ୍ତବରେ କୌଣସି ଭିନ୍ନତା ବା ଅଭିନବତ୍ୱ ନଥାଏ। 'କାନ୍ଦ ମାଷ୍ଟ୍ରେ' କିନ୍ତୁ ପ୍ରକୃତ ପକ୍ଷେ ଏକ ଭିନ୍ନ ସ୍ୱାଦର ଓଡ଼ିଆ ଚଳଚ୍ଚିତ୍ର। ଓଡ଼ିଶାର ଧୀରେ ଧୀରେ ହଜି ଯାଉଥିବା ସଂସ୍କୃତିର କଥା ଏଥିରେ ଚିତ୍ରିତ ହୋଇଛି। ବିବାହର ବିଦାୟ ସମୟରେ ଝିଅମାନଙ୍କ 'କାନ୍ଦଣା' ଉପରେ ଏହାର କାହାଣୀ ଆଧାରିତ। ଓଡ଼ିଶାରେ ଝିଅମାନେ ବିବାହ ବିଦାୟୀ ବେଳେ ବାପା, ମାଆ, ବନ୍ଧୁବାନ୍ଧବ ଓ ସାଇପଡ଼ିଶାର ଲୋକଙ୍କୁ ଧରି ବିଭିନ୍ନ କଥାକୁ ପଦ୍ୟରେ ଗାଇ କାନ୍ଦିଥା'ନ୍ତି। ଏ ପରମ୍ପରା ଧୀରେ ଧୀରେ ଗତ ନବମ ଦଶକଠୁ ଏକପ୍ରକାର ଲୋପ ପାଇ ବସିଲାଣି। ଏବେ ପ୍ରାୟତଃ ଆଉ କାନ୍ଦଣା ଦେଖିବାକୁ ମିଳୁ ନାହିଁ। ଏପରି ଏକ କାହାଣୀକୁ ନେଇ 'କାନ୍ଦ ମାଷ୍ଟ୍ରେ' ଚଳଚ୍ଚିତ୍ର ନିର୍ମିତ ହୋଇଛି। ଏହାସହ ଏଥିରେ ବିଧବା ପୁନଃବିବାହର ପ୍ରଗତିଶୀଳ କଥା ମଧ୍ୟ ସ୍ଥାନିତ ହେବା ଖୁବ୍ ସ୍ୱାଗତଯୋଗ୍ୟ। କଳା ବିନା କଳାକାରର ଯେ ଅସ୍ତିତ୍ୱ ନାହିଁ ସେ କଥା ମଧ୍ୟ ଏଥିରେ ପ୍ରତିଫଳିତ ହୋଇଛି। ଜଣାଶୁଣା ଲେଖକ ତଥା ସାହିତ୍ୟିକ ଜାକିର ଖାନ୍‌ଙ୍କ ସଫଳ ନାଟକକୁ ଉପଜୀବ୍ୟ କରି ଏହି ଚଳଚ୍ଚିତ୍ର ନିର୍ମାଣ କରାଯାଇଛି। ପ୍ରଯୋଜନା ସହିତ ନିର୍ଦ୍ଦେଶନା ଦେଇଛନ୍ତି ବିଶ୍ୱଜିତ ପଣ୍ଡା। କାହାଣୀ ଓ ସଂଳାପ ଜାକିର ଖାନ ଲେଖିଥିବା ବେଳେ ଚିତ୍ରନାଟ୍ୟ ରଚନା କରିଛନ୍ତି ଜାକିର ଖାନ ଓ ବିଶ୍ୱଜିତ ପଣ୍ଡା। ମୁଖ୍ୟ କଳାକାର ମଧ୍ୟରେ ଅଭିନେତ୍ରୀ ଲିପ୍ସା ମିଶ୍ର, ବିଭୁ ପ୍ରସାଦ, ପୃଥ୍ୱୀରାଜ ନାୟକ, ଧରିତ୍ରୀ ଖଣ୍ଡୁଆଳ, ଶ୍ୱେତାଶ୍ରୀ ପାଢ଼ୀ ପ୍ରମୁଖ ଅଭିନୟ କରି ନିଜ ନିଜ ଚରିତ୍ରକୁ ଯଥାର୍ଥ ନ୍ୟାୟ ଦେଇଛନ୍ତି। ଚିତ୍ରୋତ୍ତୋଳନ ସ୍ୱର୍ଣ୍ଣପ୍ରସାଦ, ସମ୍ପାଦନା କୃତାର୍ଥ ଚିତ୍ତରଞ୍ଜନ ନାଟେକର ଓ ମଣ୍ଟୁ ଏବଂ ସଙ୍ଗୀତ ନିର୍ଦ୍ଦେଶନା ଦେଇଛନ୍ତି ବିକାଶ ଦାସ ଓ ଶାନ୍ତନୁ ନାୟକ। ଗୀତ ରଚନା କରିଛନ୍ତି ବାପୁ ଗୋସ୍ୱାମୀ ଓ ସନ୍ତୋଷ ନାୟକ। ପ୍ରାୟ ବିଲୋପ ହେଇ ଯାଇଥିବା ଓଡ଼ିଆ ପରମ୍ପରାକୁ ପୁନର୍ଜୀବନ ଦେଇଛି ଏହି ସିନେମା। ଏହି ଚଳଚ୍ଚିତ୍ର ଆମକୁ ସ୍ମରଣ କରାଏ ଯେ ସଂସ୍କୃତି କେବଳ ପାଳନ କରାଯାଏ ନାହିଁ, ଏହା ହୃଦୟରେ ଗଭୀର ଭାବରେ ଅନୁଭବ କରାଯାଏ। 'କାନ୍ଦ ମାଷ୍ଟ୍ରେ' ଓଡ଼ିଆ କଥା ଓ ଗାଥାରେ ସମୃଦ୍ଧ ଓ ଭାବନାର ପ୍ରଭାବିତ ଏକ ପ୍ରଭାବଶାଳୀ ଚଳଚ୍ଚିତ୍ର, ଯାହା ଓଡ଼ିଆ ଐତିହ୍ୟର ଏକ ମୂଲ୍ୟବାନ ଅଂଶକୁ ସୁରକ୍ଷିତ ରଖିବାରେ ସଫଳ ହୋଇଛି। ଗାଁଗାଁ ବୁଲି ବିବାହଯୋଗ୍ୟା କନ୍ୟାମାନଙ୍କୁ କାନ୍ଦଣା ଶିଖାଉଥିବା ଜଣେ କାନ୍ଦୁରା ମାଷ୍ଟ୍ରଙ୍କ ଦୁଃଖଦ ଜୀବନବୃତ୍ତାନ୍ତ ଚିତ୍ରିତ ହୋଇଛି ଏହି କଳାତ୍ମକ ଚଳଚ୍ଚିତ୍ରରେ। ନିର୍ଦ୍ଦେଶନା, କଳା ସମ୍ପାଦନା, ଆଲୋକ, ସଙ୍ଗୀତ ଓ ଅଭିନୟ ଅନେକ ସ୍ଥାନରେ ପ୍ରଶଂସନୀୟ। 'କାନ୍ଦ ମାଷ୍ଟ୍ରେ' ଦର୍ଶକଙ୍କୁ ଭାବପ୍ରବଣ କରିବା ନିଶ୍ଚିତ। ମନେ ରଖିବାକୁ ହେବ ଯେ ଏହା ଏକ କଳାତ୍ମକ ଚଳଚ୍ଚିତ୍ର। ତେବେ କମର୍ସିଆଲ ଫିଲ୍ମ ଭଳି ଏଥିରେ ଥିବା ଗୀତଗୁଡ଼ିକ ଅନାବଶ୍ୟକ ମନେ ହେଲା। ସିନେମାରେ କେତେକ ସ୍ଥାନରେ ସଂଳାପ ନାଟକ ଭଳି ଥିଲା, ଯାହାକୁ ଅଧିକ ସ୍ୱଭାବସୁଲଭ ଢଙ୍ଗରେ ଉପସ୍ଥାପନ କରିଥିଲେ ଦୃଶ୍ୟଗୁଡ଼ିକ ଅଧିକ ପ୍ରଭାବଶାଳୀ ହୋଇପାରନ୍ତା। ସେହିପରି ସିନେମାରେ ଗ୍ରାମବାସୀଙ୍କ ଅଭାବ, ସମୂହ କାନ୍ଦଣା ଦୃଶ୍ୟର ଅଭାବ ଅନୁଭୂତ ହେଲା। ତେବେ ମୋଟାମୋଟି ସିନେମାଟି ଦେଖିବା ଯୋଗ୍ୟ।




ଦକ୍ଷିଣ ଭାରତୀୟ ଚଳଚ୍ଚିତ୍ର ଜଗତର ସବୁଠାରୁ ଲୋକପ୍ରିୟ ଅଭିନେତ୍ରୀ ଅନୁଷ୍କା ଶେଟ୍ଟୀଙ୍କ ବିବାହକୁ ନେଇ ପୁଣି ଥରେ ଚର୍ଚ୍ଚା ଜୋର ଧରିଛି। ଅନୁଷ୍କା କେବେ ଏବଂ କାହାକୁ ବିବାହ କରିବେ, ସେ ନେଇ ତାଙ୍କ ପ୍ରଶଂସକମାନେ ଦୀର୍ଘ ଦିନରୁ ଅପେକ୍ଷା କରି ରହିଛନ୍ତି। ସାମ୍ନାକୁ ଆସୁଥିବା ନୂଆ ରିପୋର୍ଟ ଅନୁଯାୟୀ, ଅନୁଷ୍କା ଖୁବଶୀଘ୍ର ଜଣେ ବ୍ୟବସାୟୀଙ୍କ ହାତ ଧରିପାରନ୍ତି। ବିଭିନ୍ନ ଗଣମାଧ୍ୟମର ରିପୋର୍ଟ ଅନୁଯାୟୀ, ଅନୁଷ୍କା ଯେଉଁ ବ୍ୟକ୍ତିଙ୍କୁ ବିବାହ କରିବାକୁ ଯାଉଛନ୍ତି, ସେ ଫିଲ୍ମ ଇଣ୍ଡଷ୍ଟ୍ରି ସହ ଜଡ଼ିତ ନୁହନ୍ତି। ସେ ଜଣେ ପ୍ରତିଷ୍ଠିତ ବ୍ୟବସାୟୀ ପରିବାରରୁ ଆସିଛନ୍ତି। କୁହାଯାଉଛି ଯେ, ଉକ୍ତ ବ୍ୟକ୍ତିଙ୍କର ଅନୁଷ୍କାଙ୍କ ପରିବାର ସହ ଉତ୍ତମ ସମ୍ପର୍କ ରହିଛି ଏବଂ ଉଭୟଙ୍କ ମଧ୍ୟରେ ଭଲ ବଣ୍ଡିଂ ମଧ୍ୟ ଅଛି। ତେବେ ଏହି ଖବରକୁ ନେଇ ଅନୁଷ୍କା କିମ୍ବା ତାଙ୍କ ପରିବାର ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ବୟାନ ଜାରି କରାଯାଇ ନାହିଁ। ଦିନେ ଅନୁଷ୍କା ଶେଟ୍ଟୀଙ୍କ ନାମ ସାଉଥ ସୁପରଷ୍ଟାର ପ୍ରଭାସଙ୍କ ସହ ବେଶ ଚର୍ଚ୍ଚାରେ ରହିଥିଲା। 'ବିଲ୍ଲା', 'ମିର୍ଚି' ଏବଂ ପରେ 'ବାହୁବଳୀ' ସିରିଜ୍‌ର ଅପାର ସଫଳତା ପରେ ଏହି ଯୋଡ଼ି ସାରା ବିଶ୍ୱରେ ଫେମସ ହୋଇଥିଲେ। ପରଦା ଉପରେ ଏହି ଦୁଇ ଜଣଙ୍କ କେମିଷ୍ଟ୍ରିକୁ ଦେଖି ସେମାନେ ପ୍ରେମ ସମ୍ପର୍କରେ ଥିବା ନେଇ ଚର୍ଚ୍ଚା ହେଉଥିଲା। କିନ୍ତୁ ଉଭୟ ପ୍ରଭାସ ଏବଂ ଅନୁଷ୍କା ସବୁବେଳେ ପରସ୍ପରକୁ କେବଳ "ଭଲ ସାଙ୍ଗ" ବୋଲି କହି ଆସିଛନ୍ତି। ଅନୁଷ୍କା ନିଜର ଶକ୍ତିଶାଳୀ ଅଭିନୟ ଏବଂ 'ଅରୁନ୍ଧତୀ' ଓ 'ଦେବସେନା' ଭଳି ଚରିତ୍ର ପାଇଁ ଘରେ ଘରେ ପରିଚିତ। ଯଦିଓ ସେ ଏବେ ଫିଲ୍ମରୁ ସାମାନ୍ୟ ଦୂରେଇ ରହିଛନ୍ତି, ତଥାପି ତାଙ୍କର ବ୍ୟକ୍ତିଗତ ଜୀବନକୁ ନେଇ ପ୍ରଶଂସକଙ୍କ ମଧ୍ୟରେ ସବୁବେଳେ ଉତ୍ସାହ ଦେଖିବାକୁ ମିଳେ।




ବଲିଉଡ୍ ଅଭିନେତା ସଞ୍ଜୟ ଦତ୍ତଙ୍କ ଅଭିନିତ ଆଗାମୀ ସିନେମା 'କେଡି : ଦ ଡେଭିଲ୍' ର ନୂଆ ଗୀତ ରିଲିଜ୍ ହେବା ପରଠାରୁ ଖୁବ୍ ଚର୍ଚ୍ଚାରେ ରହିଛି । ଗୀତଟି ସୋସିଆଲ୍ ମିଡିଆରେ ଚର୍ଚ୍ଚାର ବିଷୟ ହେବା ପଛର କାରଣ ହେଉଛି ଏହାର ଅଶ୍ଳୀଳ ଲିରିକ୍ସ । ସଞ୍ଜୟ ଦତ୍ତ ଏବଂ ନୋରା ଫତେହୀଙ୍କ ଉପରେ ନିର୍ମିତ ଏହି ଗୀତ ସୋସିଆଲ୍ ମିଡିଆରେ ହଙ୍ଗାମା ସୃଷ୍ଟି କରିବା ପରେ ଏହାକୁ ୟୁଟ୍ୟୁବ୍ ପ୍ଲାଟଫର୍ମରୁ ହଟାଇ ଦିଆଯାଇଛି । ଲଗାତାର ଟ୍ରୋଲିଂ ଏବଂ ଇଣ୍ଟରନେଟରେ ପ୍ରବଳ ବିରୋଧ ଦେଖିବା ପରେ ନିର୍ମାତା 'ସରକେ ଚୁନର ତେରୀ ସରକେ' ଗୀତଟିକୁ ୟୁଟ୍ୟୁବରୁ ହଟାଇ ଦେଇଛନ୍ତି । କେବଳ ଲିରିକ୍ସ ନୁହେଁ ଗୀତର ଭିଜୁଆଲକୁ ନେଇ ମଧ୍ୟ ନିର୍ମାତା କଡ଼ା ସମାଲୋଚନାର ଶିକାର ହୋଇଥିଲେ । କେବଳ ୟୁଜର୍ସ ନୁହେଁ ବଲିଉଡ୍ ଏବଂ ଅନ୍ୟ ଇଣ୍ଡଷ୍ଟ୍ରିରେ ମଧ୍ୟ ଏହି ଗୀତଟି ଟ୍ରୋଲିଂର ଶିକାର ହୋଇଛି । ବଲିଉଡ ଅଭିନେତ୍ରୀ କଙ୍ଗନା ରଣାୱତ ଗୀତଟିକୁ ନେଇ କଡ଼ା ପ୍ରତିକ୍ରିୟା ଦେଇଛନ୍ତି । ଗାୟକ ଅରମାନ ମଲ୍ଲିକ ମଧ୍ୟ ସୋସିଆଲ୍ ମିଡିଆରେ ଗୀତ ଉପରେ ପ୍ରତିକ୍ରିୟା ଦେଇ କହିଛନ୍ତି ଯେ ଏହା ଗୀତ ଲେଖା କ୍ଷେତ୍ରରେ 'ଅଧପତନର ଏକ ନୂତନ ଉଦାହରଣ ।' ପୂର୍ବତନ କ୍ରିକେଟର ହରଭଜନ ସିଂ ମଧ୍ୟ ଗୀତଟିକୁ ଖୁବ୍ ସମାଲୋଚନା କରିଛନ୍ତି । ଏମିତିକି ଏହି ଗୀତ ବିରୋଧରେ ସୂଚନା ଏବଂ ପ୍ରସାରଣ ମନ୍ତ୍ରଣାଳୟରେ ଏକ ଅଭିଯୋଗ ଦାଖଲ ମଧ୍ୟ କରାଯାଇଥିଲା । ଗୀତର ଡବଲ୍ ମିନିଂ, ନୋରାଙ୍କ ବେଶଭୂଷା ଏବଂ ହୁକ୍ ଷ୍ଟେପକୁ ଦେଖି ୟୁଜର୍ସ ତୀବ୍ର ପ୍ରତିକ୍ରିୟା ଦେଇଥିଲେ । ଯାହାପରେ ବଢ଼ୁଥିବା ଉତ୍ତେଜନାକୁ ଦୃଷ୍ଟିରେ ରଖି ନୋରା ଫତେହିଙ୍କ ଏହି ଆଇଟମ୍ ସଙ୍ଗକୁ ୟୁଟ୍ୟୁବରୁ ହଟାଇ ଦିଆଗଲା । ରକିବ ଆଲମ ଏହି ଗୀତକୁ ଲେଖିଥିବା ବେଳେ ସଞ୍ଜୟ ଦତ୍ତ ମଧ୍ୟ ଗୀତରେ ଡ୍ୟାନ୍ସ କରୁଥିବା ନଜର ଆସିଛନ୍ତି । ତେବେ କେବଳ ଏହି ଗୀତ ନୁହେଁ ଏହା ପୂର୍ବରୁ ସିଙ୍ଗର୍ ଏବଂ ରାପର୍ ବାଦଶାହଙ୍କ ହରିୟାଣଭି ଗୀତ ତେତରି ମଧ୍ୟ ବିବାଦର ସମ୍ମୁଖୀନ ହୋଇଥିଲା । ଯାହାପରେ ବାଦଶାହ ଏହି ଗୀତଟିକୁ ୟୁଟ୍ୟୁବରୁ ହଟାଇ ଦେଇଥିଲେ । ଗୀତର ଲିରିକ୍ସ ମହିଳାଙ୍କ ମର୍ଯ୍ୟାଦା ହାନି କରୁଥିବା ନେଇ ଅଭିଯୋଗ ହେବା ପରେ ଏବଂ ହରିୟାଣା ରାଜ୍ୟ ମହିଳା କମିଶନ ଏହି ଗୀତରେ ଆପତ୍ତି ଉଠାଇବା ପରେ ଗୀତଟିକୁ ୟୁଟ୍ୟୁବରୁ ହଟାଇ ଦିଆଯାଇଥିଲା । କିନ୍ତୁ କମିଶନ ପୁଲିସରେ ସିଙ୍ଗରଙ୍କ ବିରୋଧରେ ଏନେଇ ଅଭିଯୋଗ କରିଛନ୍ତି । ଯଦି ବାଦଶାହ ତଦନ୍ତରେ ସହଯୋଗ ନ କରନ୍ତି ତା'ହେଲେ ତାଙ୍କୁ ଗିରଫ କରିବା ପାଇଁ ଏବଂ ପାସପୋର୍ଟ ଜବତ କରିବା ପାଇଁ ପୁଲିସକୁ କହିଛନ୍ତି କମିଶନ । ଏମିତିକି ଏହି ମାମଲାରେ ସିଙ୍ଗରଙ୍କୁ ବିଦେଶ ଯାତ୍ରା ନକରିବାକୁ ମଧ୍ୟ ସମନ କରାଯାଇଛି । ତେବେ ଗୀତ ମାଧ୍ୟମରେ କାହାର ମନକୁ ଆଘାତ ଦେଇଥିଲେ କ୍ଷମାପ୍ରାର୍ଥୀ ବୋଲି ପୂର୍ବରୁ ଏକ ଭିଡିଓ କରି ପୋଷ୍ଟ୍ କରିଥିଲେ ବାଦଶାହା । ଏହି ଭିଡିଓରେ ସ୍କୁଲ୍ ୟୁନିଫର୍ମ ପିନ୍ଧିଥିବା ଝିଅମାନେ ହରିୟାଣା ରୋଡୱେଜ୍ ବସରେ ନାଚୁଥିବା ବେଳେ ଆପତ୍ତିଜନକ ଇଙ୍ଗିତ ଏବଂ ଶବ୍ଦ ବ୍ୟବହାର କରୁଥିବା ନଜର ଆସିଥିଲେ ।

# ଗରିବ, ଚାଷୀ ଏବଂ ଆଦିବାସୀଙ୍କ ଅଧିକାର ପାଇଁ ସଂଘର୍ଷ ଜାରି ରଖିବାକୁ ନିରଞ୍ଜନ ବିଶିଙ୍କ ପ୍ରତିଶ୍ରୁତି

ବଲାଙ୍ଗୀର, ୧୯/୩ (ନି.ପ୍ର): ରାଜ୍ୟସଭା ସାଂସଦ ଶ୍ରୀ ନିରଞ୍ଜନ ବିଶି ଉଚ୍ଚ ସଦନରେ ଏକ ଭାବପ୍ରବଣ ବିଦାୟୀ ଭାଷଣ ଦେଇ ଦେଶ ସେବା କରିବାର ସୁଯୋଗ ପାଇଁ ଗଭୀର କୃତଜ୍ଞତା ପ୍ରକାଶ କରିଛନ୍ତି ଏବଂ ସାମ୍ବିଧାନିକ ମୂଲ୍ୟବୋଧ, ସାମାଜିକ ନ୍ୟାୟ ଏବଂ ଗରିବ, ଚାଷୀ, ଶ୍ରମିକ ଏବଂ ଅବହେଳିତଙ୍କ କଲ୍ୟାଣ ପାଇଁ ଜୀବନସାରା କାର୍ଯ୍ୟ ଜାରି ରଖିବାର ତାଙ୍କର ସଂକଳ୍ପକୁ ପୁନରାବୃତି କରିଛନ୍ତି।

ଗୃହକୁ ସମ୍ବୋଧିତ କରି ଶ୍ରୀ ବିଶି କହିଛନ୍ତି ଯେ ଭାରତୀୟ ସଂସଦ କେବଳ ବିତର୍କ ଏବଂ ଆଲୋଚନା ପାଇଁ ଏକ ମଂଚ ନୁହେଁ, ବରଂ ଗଣତନ୍ତ୍ରର ଏକ ପବିତ୍ର ମନ୍ଦିର। ସେ କହିଛନ୍ତି ଯେ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ଦେଶ ଭାରତରେ, ସମ୍ବିଧାନର ପ୍ରସ୍ତାବନାରେ ଉଲ୍ଲେଖିତ 'ଆମେ ଭାରତର ଲୋକମାନେ'ଙ୍କ ଆକାଂକ୍ଷା ସଂସଦରେ ସ୍ୱର, ଦିଗଦର୍ଶନ ଏବଂ କାର୍ଯ୍ୟାନ୍ୱୟନ ପାଇଥାଏ। ସେ କହିଛନ୍ତି ଯେ ରାଜ୍ୟସଭାରେ ସେବା କରିବା ତାଙ୍କ ଜୀବନର ସର୍ବୋତମ ସମ୍ମାନ।

ଡକ୍ଟର ଭୀମରାଓ ରାମଜୀ ଆମ୍ବେଦକରଙ୍କ ନେତୃତ୍ୱରେ ପ୍ରସ୍ତୁତ ଭାରତୀୟ ସମ୍ବିଧାନର ନୀତିଗୁଡ଼ିକ ଭାରତୀୟ ସମ୍ବିଧାନର ଆଦର୍ଶକୁ ମନେପକାଇ ଶ୍ରୀ ବିଶି କହିଛନ୍ତି ଯେ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ସେ ନ୍ୟାୟ, ସ୍ୱାଧୀନତା, ସମାନତା ଏବଂ ଭ୍ରାତୃତ୍ୱର ନୀତିକୁ ଆଗକୁ ବଢ଼ାଇବା ପାଇଁ ପ୍ରୟାସ କରିଥିଲେ ଏବଂ ବିଶେଷକରି ଗୃହରେ ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି, କୃଷକ, ଶ୍ରମିକ, ମହିଳା ଏବଂ ଅନ୍ୟାନ୍ୟ ପଛୁଆ ବର୍ଗର ସ୍ୱର ଉଠାଇଥିଲେ। ଓଡ଼ିଶାର ଆଦିବାସୀ ଅଂଚଳର ନେତା ଭାବରେ, ସେ କହିଥିଲେ ଯେ ସଂସଦରେ ତାଙ୍କର ଉପସ୍ଥିତି ଗ୍ରାମ, ଜଙ୍ଗଲ ଏବଂ ଦୁର୍ଗମ ଅଂଚଳରେ ବାସ କରୁଥିବା ଲକ୍ଷ ଲକ୍ଷ ଲୋକଙ୍କ ଆଶା ଏବଂ ଆକାଂକ୍ଷାକୁ ପ୍ରତିନିଧିତ୍ୱ କରୁଥିଲା ଯାହାଙ୍କ ସ୍ୱର ଦୀର୍ଘ ଦିନ ଧରି ଅଶୁଣା ହୋଇ ରହିଥିଲା। ତାଙ୍କ ରାଜ୍ୟସଭା କାର୍ଯ୍ୟକାଳ ମଧ୍ୟରେ, ସେ ଆଦିବାସୀ ଅଧିକାରର ସୁରକ୍ଷା, ଜନଜାତି ଭାଷା ଏବଂ ସଂସ୍କୃତିର ସଂରକ୍ଷଣ, ପଛୁଆ ଅଞ୍ଚଳର ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ, କୃଷି ଏବଂ କଲ୍ୟାଣକାରୀ ଯୋଜନାର ସୁଦୃଢ଼ୀକରଣ ଏବଂ ଓଡ଼ିଶାରେ ରେଳପଥ ଏବଂ ଭିତିଭୂମିର ବିକାଶ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକୁ ନିରନ୍ତର ଉଠାଇଥିଲେ। ସେ ଅନୁସୂଚିତ ଜନଜାତି ର ସାମ୍ବିଧାନିକ ଅଧିକାରକୁ ସମର୍ଥନ କରିଥିଲେ। ନିରନ୍ତର ଉଠାଯାଇଛି। ସେ ଅନୁସୂଚିତ ଜନଜାତିଙ୍କ ସାମ୍ବିଧାନିକ ଅଧିକାରର ସୁରକ୍ଷା ପାଇଁ ମଧ୍ୟ ଦୃଢ଼ ସମର୍ଥନ କରିଥିଲେ। ଶ୍ରୀ ବିଶି କହିଥିଲେ ଯେ ରାଜ୍ୟ ପରିଷଦ ଭାବରେ ରାଜ୍ୟସଭା ଭାରତର ସଂଘୀୟ ବ୍ୟବସ୍ଥାକୁ ସୁଦୃଢ଼ କରିବାରେ ଏବଂ ଦେଶର ପ୍ରତ୍ୟେକ ଅଂଚଳର ସ୍ୱର ଜାତୀୟ ନୀତି ନିର୍ଦ୍ଧାରଣ ରେ ଶୁଣାଯିବା ନିଶ୍ଚିତ କରିବାରେ ଗୁରୁତ୍ୱ ପୂର୍ଣ୍ଣ ଭୂମିକା ଗ୍ରହଣ କରେ।

ଏହି ଅବସରରେ, ସେ ବିଜୁ ଜନତା ଦଳ(ବିଜେଡି), ଓଡ଼ିଶା ପ୍ରତି ଗଭୀର କୃତଜ୍ଞତା ପ୍ରକାଶ କରିଥିଲେ ଏବଂ ତାଙ୍କୁ ରାଜ୍ୟସଭାକୁ ପଠାଇବା ପାଇଁ ଧନ୍ୟବାଦ ଦେଇଥିଲେ। ସେ ବିଜେଡି ସଭାପତି ଏବଂ ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୂରଦୃଷ୍ଟି ସମ୍ପନ୍ନ ନେତୃତ୍ୱ, ସ୍ୱଚ୍ଛ ପ୍ରଶାସନ ଏବଂ ଜନ କଲ୍ୟାଣ ପ୍ରତି ସମର୍ପଣ ପାଇଁ ପ୍ରଶଂସା କରିଥିଲେ।

ଶ୍ରୀ ବିଶି ଅଧ୍ୟକ୍ଷ, ଉପସଭାପତି, ଉପସଭାପତିଙ୍କ ପ୍ୟାନେଲ, ସମସ୍ତ କେନ୍ଦ୍ର ମନ୍ତ୍ରୀ, ବିଭିନ୍ନ ରାଜନୈତିକ ଦଳର ନେତା, ସାଂସଦ, ରାଜ୍ୟସଭାର ମହାସଚିବ ଏବଂ ସଚିବାଳୟର ଅଧିକାରୀ ଏବଂ କର୍ମଚାରୀ ମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ଧନ୍ୟବାଦ ଜଣାଇଥିଲେ। ସେ କହିଥିଲେ ଯେ ସଂସଦର କାର୍ଯ୍ୟକାଳ ଶେଷ ହେବା ସହିତ ଜନସେବା ଶେଷ ହୁଏ ନାହିଁ, ଏବଂ ସେ ଗରିବ, ଚାଷୀ, ଅନୁସୂଚିତ ଜାତି ଏବଂ ଜନଜାତି, ଅବହେଳିତଙ୍କ ସଶକ୍ତିକରଣ ଏବଂ ଓଡ଼ିଶା ଏବଂ ଦେଶର ଅନ୍ତର୍ଭୁକ୍ତ ବିକାଶ ପାଇଁ କାର୍ଯ୍ୟ ଜାରି ରଖିବେ। ତାଙ୍କ ଅଭିଭାଷଣ ଶେଷ କରି ସେ କହିଥିଲେ ଯେ ଭାରତର ପ୍ରକୃତ ଶକ୍ତି ଏହାର ଗ୍ରାମ, ଯୁବକ, କୃଷକ, ଶ୍ରମିକ ଏବଂ ଜନଜାତି ସମ୍ପ୍ରଦାୟରେ ନିହିତ, ଏବଂ ସମ୍ବିଧାନର ପ୍ରତିଷ୍ଠାତା ପୂର୍ବପୁରୁଷଙ୍କ ଆତ୍ମା ଅନୁଯାୟୀ, ବିକାଶ ଏବଂ ନ୍ୟାୟ ସମାଜର ଶେଷ ବ୍ୟକ୍ତି ପର୍ଯ୍ୟନ୍ତ ପହଂଚିବା ଆବଶ୍ୟକ।

# ଜିଲ୍ଲାସ୍ତରୀୟ ଶିଶୁ ସୁରକ୍ଷା ଓ ମିଶନ ବାତ୍ସଲ୍ୟ ଯୋଜନା ପ୍ରଶିକ୍ଷଣ ଶିବିର

ସମ୍ବଲପୁର, ୧୯/୩ (ନି.ପ୍ର): ସମ୍ବଲପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସମ୍ମିଳନୀ କକ୍ଷଠାରେ ଶିଶୁ ସୁରକ୍ଷା ଏବଂ 'ମିଶନ ବାତ୍ସଲ୍ୟ' ଯୋଜନାର ସଫଳ ରୂପାୟନ ନେଇ ଏକ ଦିନିକିଆ ଜିଲ୍ଲା ସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସମ୍ବଲପୁର ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରିଣୀ ସୁଚିସ୍ମିତା ପଟ୍ଟନାୟକ, ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଆନୁଷ୍ଠାନିକ ଭାବେ ଶୁଭାରମ୍ଭ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ୟୁନିସେଫ୍ ର ଶିଶୁ ସୁରକ୍ଷା ପରାମର୍ଶଦାତା ଘସିରାମ ପଣ୍ଡା ମୁଖ୍ୟ ସମ୍ପାଦକ ମୁଖ୍ୟ ଆଲୋଚକ ଭାବେ ଯୋଗଦେଇ 'ମିଶନ ବାତ୍ସଲ୍ୟ' ଯୋଜନାର ବିଭିନ୍ନ ଦିଗ ଏବଂ ଶିଶୁମାନଙ୍କ ଅଧିକାର ସୁରକ୍ଷା କ୍ଷେତ୍ରରେ ଏହାର ଗୁରୁତ୍ୱ ଉପରେ ବିସ୍ତୃତ ଆଲୋଚନା କରିଥିଲେ। ଏହାପରେ ପୋଷ୍ୟ ସନ୍ତାନ ଅଧିନିୟମ ୨୦୨୨ ଏବଂ ବେଆଇନ ପୋଷ୍ୟତାକୁ ରୋକିବା ପାଇଁ ରହିଥିବା ସରକାରୀ ନିୟମାବଳୀ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ରାଜ୍ୟ ପରାମର୍ଶଦାତା(ୟୁନିସେଫ) ଘାସିରାମ ପଣ୍ଡା ଓ ଏଡ୍ ଆଣ୍ଡ ଆକ୍ସନ ପକ୍ଷରୁ ପରାମର୍ଶଦାତ୍ରୀ ସୁନୀତା ତ୍ରିପାଠୀ ସମ୍ପଦ ବ୍ୟକ୍ତି ଭାବେ ଯୋଗଦେଇ 'କିଶୋର ନ୍ୟାୟ (ଶିଶୁଙ୍କ ଯତ୍ନ ଓ ସୁରକ୍ଷା) ଆଇନ ) ଜୁଭେନାଇଲ୍ ଜଷ୍ଟିସ୍(କେୟାର ଏଣ୍ଡ ପ୍ରୋଟେକ୍ସନ୍ ଅଫ୍ ଚିଲଡ୍ରେନ୍)',ଶିଶୁମାନଙ୍କୁ ଯୌନ ଅପରାଧରୁ ସୁରକ୍ଷା ଆଇନ" ଏବଂ ୧୦୯୮ ଚାଇଲ୍ଡ ହେଲ୍ପଲାଇନ୍ ସମ୍ପର୍କରେ ସମସ୍ତଙ୍କୁ ସଚେତନ କରିଥିଲେ। ଏହି ଅବସରରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରିଣୀ ସରୋଜା ବେହେରା, ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରିଣୀ ସଞ୍ଜୁକ୍ତା କୁଲୁ, ସୋସିଆଲ୍ ୱେଲଫେର ଅଧିକାରିଣୀ ପ୍ରତିମା ତାନ୍ତିଙ୍କ ସହ ଅନ୍ୟାନ୍ୟ ଗରିମାମୟ ବ୍ୟକ୍ତିବିଶେଷ ଉପସ୍ଥିତ ଥିଲେ। ଏହି ପ୍ରଶିକ୍ଷଣରେ ସମସ୍ତ ସିଡିପିଓ, ପ୍ରୋଗ୍ରାମ ଅଫିସର, ସୁପରଭାଇଜର, ସିଡବ୍ଲୁସି ଅଧ୍ୟକ୍ଷ ଓ ସଦସ୍ୟମାନଙ୍କ ସହିତ ବିଭିନ୍ନ ଶିଶୁ ଯତ୍ନ ସଂସ୍ଥା, ଶକ୍ତି ସଦନ, ଓନ୍ ଷ୍ଟପ୍ ସେଂଟରର କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମ ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଦ୍ୱାରା ଆୟୋଜିତ ହୋଇଥିଲା।

# ଖଜୁରୀବନ୍ଧ ପାର୍କରେ ତାଲା: ବଢୁଛି ଅସନ୍ତୋଷ

ଜୟପୁର, ୧୯/୩ (ନି.ପ୍ର): ଜୟପୁର ସହର ଖଜୁରିବନ୍ଧ ନିକଟରେ ରହିଛି ବିଜୁ ପଟ୍ଟନାୟକ ଶାନ୍ତି ଉଦ୍ୟାନ। ସକାଳୁ ଖୋଲା ଯାଉନି ପାର୍କ ତାଲା। ବୟସ୍କ ଠାରୁ ଆରମ୍ଭ କରି ମହିଳା ମାନେ ମର୍ଣ୍ଣିଙ୍ଗ୍ ୱାକ କରିବା ପାଇଁ ଯିବା ସମୟରେ ତାଲା ଦେଖି ନିରାଶ ହୋଇ ଫେରୁଛନ୍ତି। ଉଦ୍ୟାନର ରକ୍ଷଣାବେକ୍ଷଣ କରାଯାଉନଥିବାରୁ ଅସ୍ୱାସ୍ଥ୍ୟକର ପରିବେଶ ସୃଷ୍ଟି ହେଉଛି। ଜିଲ୍ଲା ପ୍ରଶାସନକୁ ଲିଖିତ ଭାବେ ଜଣାଇବା ପରେ ମଧ୍ୟ କୌଣସି ସୁଫଳ ମିଳୁନି। ପୂର୍ବରୁ ପୌରପାଳିକା ପକ୍ଷରୁ ଏହାର ରକ୍ଷଣା ବେକ୍ଷଣ କରାଯାଉଥିଲା। ଏସଏଚଜି ଦାୟୀତ୍ୱ ନେବା ପରେ ସମସ୍ୟା ଆରମ୍ଭ ହୋଇଛି। ଉଦ୍ୟାନ ପରିସରରେ ଅବର୍ଜନା ଭର୍ତି ରହୁଛି। ଗଛଗୁଡିକରେ ନିୟମିତ ପାଣି ଦିଆଯାଉନାହିଁ। ଆଜିସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ପଦକ୍ଷେପ ନିଆଯାଇନାହି। ଶେଷରେ ବାଧ୍ୟ ହୋଇ ଉଦ୍ୟାନ ସମ୍ମୁଖରେ ବୟସ୍କ ଓ ମହିଳା ମାନେ ବିକ୍ଷୋଭ କରିଛନ୍ତି। ବୟସ୍କ ବ୍ୟକ୍ତିଙ୍କ କହିବା କଥା ହେଲା ପୌରପାଳିକାର ନିର୍ଦ୍ଦେଶ ଅନୁସାରେ ବୁଧବାର ସକାଳୁ ଗେଟ ଖୋଲାଯିବ ବୋଲି ଏହର ଦାୟୀତ୍ୱରେ ଥିବା ଏସଏଚଜିର ମହିଳା ମାନେ ପ୍ରତିଶୃତି ଦେଇଥିଲେ। କିନ୍ତୁ ସମସ୍ତେ ଆଜି ସକାଳୁ ଯିବା ସମୟରେ ଗେଟରେ ତାଲା ପଡିଥିବା ଦେଖି ଏହା ହେଉଛି ସମସ୍ତଙ୍କ ସମ୍ପତି। ଏଥିରେ ସମସ୍ତଙ୍କ ଅଧିକାର ରହିଛି। ଏଠାରେ ଉଦ୍ୟାନ ପ୍ରତିଷ୍ଠା ହେବା ପରେ ବୟସ୍କଙ୍କ ଲାଗି ସୁବିଧା ହୋଇଛି। ସକାଳେ ଗେଟ ଖୋଲାଯାଉଥିବାରୁ ସେମାନେ ଏଠାକୁ ଆସୁଥିଲେ। ନିଜକୁ ସୁସ୍ଥ ରଖିବା ଲାଗି ଓପନଜିମରେ ବ୍ୟାୟାମ କରିବା ସହ ପ୍ରାତଃ ଭ୍ରମଣ କରୁଥିଲେ। ଗତ ୧୩ ତାରିଖରୁ ଗେଟ ଖୋଲାଯାଉନି। ଏହାର ରକ୍ଷଣାବେକ୍ଷଣ ଦାୟୀତ୍ୱ ନେଇଥିବା ଏସଏଚଜି ତାଲା ଖୋଲୁନି। ୫ଦିନ ହେବ ଗେଟ୍ ବନ୍ଦ ହୋଇ ରହିଛି।

ପାର୍କରେ ତାଲାପଡିଥିବା ଖବର ପାଇ ପୌରାଧକ୍ଷ ଏସଏଚଜି ଗ୍ରୁପର ମହିଳାଙ୍କୁ ଡାକି ଗେଟ ଖୋଲିବା ପାଇଁ ପରାମର୍ଶ ଦେଇଥିଲେ। ଅଫିସ ଆସି ଏଗ୍ରିମେଂଟ କରିବାକୁ କହିଥିଲେ। ଯଦି ଦୁଇଦିନ ମଧ୍ୟରେ ସମସ୍ୟାର ସମାଧାନ ନହେଲେ ଏହି ଏସଏଚଜି ଗ୍ରୁପକୁ ବ୍ଲାକ ଲିଷ୍ଟ କରାଯିବ ବୋଲି କହିଛନ୍ତି। ଏନେଇ ଜୟପୁରର ଜ୍ୟୋତି ଏସଏଚଜି ଗ୍ରୁପ ମହିଳା ସଦସ୍ୟା କହିଛନ୍ତି ଏହି ପାର୍କ ଚଲାଇବା ପାଇଁ ଜାନୁଆରୀ ୧୬ ତାରିଖରେ ପ୍ରତିମାସରେ ୫୫ହଜାର ୫୫୫ଟଙ୍କା ପୌରପାଳିକାକୁ ଦେବା ପାଇଁ ରାଜିନାମା ହୋଇଥିଲା। ଏହି ପାର୍କରେ ୭ଦିନ ମଧ୍ୟରେ ଲାଇଟ ବ୍ୟବସ୍ଥା ସହ ଶୌଚାଳୟ, କରିବା ପାଇଁ ପୌର ପ୍ରଶାସନ ପ୍ରତିଶୃତି ଦେଇଥିଲେ କିନ୍ତୁ କିଛି କରିନାହାନ୍ତି। ଖରାଦିନକୁ ଛାଡିଦେଲେ ବର୍ଷା ଏବଂ ଶୀତ ଦିନରେ ପାର୍କରେ ଲୋକଙ୍କ ସଂଖ୍ୟା କମିଯାଉଥିବା ଯୋଗୁଁ ଏତେ ଟଙ୍କା ଦେବା ସମ୍ଭବ ନୁହେଁ।

## ଶ୍ରୀମନ୍ଦିର ପ୍ରକଳ୍ପ ସାଂସ୍କୃତିକ ଓ ବୈଷୟିକ ସବ-କମିଟି ବୈଠକ

ପୁରୀ, ୧୯/୩ (ନି.ପ୍ର): ଶ୍ରୀମନ୍ଦିର ପ୍ରକଳ୍ପ ସାଂସ୍କୃତିକ ଓ ବୈଷୟିକ ସବ-କମିଟି ବୈଠକ ବୁଧବାର ପୂର୍ବାହ୍ନ ଘ.୧୧.୦୦ ଟିକା ସମୟରେ ଶ୍ରୀମନ୍ଦିର କାର୍ଯ୍ୟାଳୟ ସଭାକକ୍ଷ ଠାରେ ଗଜପତି ମହାରାଜା ଦିବ୍ୟସିଂହ ଦେବ ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି । ସବ୍- କମିଟିର ଯୁଗ୍ମ ବୈଠକ ପରେ ଶ୍ରୀମନ୍ଦିର ଉପ ମୁଖ୍ୟ ପ୍ରଶାସକ ତଥା ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଗଣମାଧ୍ୟମକୁ ସଂବୋଧନ କରି କହିଛନ୍ତି ଯେ ଅନେକ ପ୍ରକଳ୍ପ ଅଟକି ରହିଛି ସେଗୁଡିକ ପୂର୍ଣ୍ଣାଙ୍ଗ କରାଯିବ । ଡ୍ରଇଂ, ଡିଜାଇନ କାର୍ଯ୍ୟର ସମୀକ୍ଷା କରାଯାଇଥିଲା । ଶ୍ରୀମନ୍ଦିର ସାଂସ୍କୃତିକ କେନ୍ଦ୍ର,ରଘୁନନ୍ଦନ ଲାଇବ୍ରେରି, ଶ୍ରୀଗୁଣ୍ଡିଚା ମନ୍ଦିର ଉନ୍ନତିକରଣ, ଜଗନ୍ନାଥ ବଲ୍ଲଭ ପ୍ରମୋଦ ଉଦ୍ୟାନ, ଆଦର୍ଶ ଗୁରୁକୁଳ, ନୀଳାଚଳ ଭକ୍ତନିବାସ ଓ ବଡଦାଣ୍ଡ ଉନ୍ନତିକରଣ ସମ୍ପର୍କରେ ଆଲୋଚନା ହୋଇଥିଲା । ଗୁଣ୍ଡିଚା ମନ୍ଦିର ର ପ୍ରାୟ କାମ ଗୁଣ୍ଡିଚା ଯାତ୍ରା ପୂର୍ବରୁ ଶେଷ ହେବ । ବାସେଲୀ ସାହି ଧର୍ମଶାଳା କାମ ଶେଷ ହେବା ଉପରେ ରହିଛି। ଏହି ବୈଠକ ରେ ସବକମିଟି ସଦସ୍ୟ ମାନେ ଯୋଗ ଦେଇଥିଲେ ।

# ମହିଳା ଏବଂ ଶିଶୁ ବିକାଶ ବିଭାଗର କମିଶନରଙ୍କ କୋରାପୁଟ ଜିଲ୍ଲା ପରିଦର୍ଶନ

ଜୟପୁର, ୧୯/୩ (ନି.ପ୍ର): ମହିଳା ଏବଂ ଶିଶୁ ବିକାଶ ବିଭାଗର କମିଶନର ତଥା ସଚିବ ଡଃ ମୃଣାଳିନୀ ଦର୍ସ୍ୱାଲ, କୋରାପୁଟ ଜିଲ୍ଲା ପରିଦର୍ଶନରେ ଆସିଥିଲେ। ପ୍ରଥମେ ସେ ସୁପୋଷିତ ଓଡିଶା ମିଶନ ଜିଲ୍ଲାସ୍ତରୀୟ କର୍ମଶାଳାକୁ ଉଦଘାଟନ କରିଥିଲେ। ମହିଳା ଏବଂ ଶିଶୁ ବିକାଶ ତରଫରୁ ନୂଆକରି ଆରମ୍ଭ ହୋଇଥିବା ମହିଳା ମାନଙ୍କ ସୁରକ୍ଷା ସମୃଦ୍ଧି ଏବଂ ଅର୍ଥନୈତିକ ପ୍ରଗତି ପାଇଁ ରାଜ୍ୟ ମହିଳା ହବ ଏବଂ ଜିଲ୍ଲା ମହିଳା ହବ ଗଠନ ହୋଇଥିବା ସମ୍ପର୍କରେ ସମ୍ୟକ ଧାରଣା ଦେଇଥିଲେ। ସୁଭଦ୍ରା ଯୋଜନା, ମମତା ଯୋଜନା, ପୋଷଣ ଅଭିଯାନ, ମୁଖ୍ୟମନ୍ତ୍ରୀ ସମ୍ପୂର୍ଣ୍ଣ ପୁଷ୍ଟି ଯୋଜନା, ପୂର୍ଣ୍ଣ ଆହାର ଯୋଜନାରେ ହିତାଧିକାରୀ ମାନେ ଲାଭବାନ ହୋଇପାରୁଛନ୍ତି କି ନାହିଁ ତୃଣମୂଳ ସ୍ତରରେ ଅଙ୍ଗନ୍ୱାଡି କର୍ମୀ ମାନଙ୍କୁ ମହିଳା ପରିଦର୍ଶିକାମାନଙ୍କୁ ପଚାରି ବୁଝିଥିଲେ। ଏହା ପରେ ୱାନ ଷ୍ଟପ ସେଣ୍ଟର, ପୁଷ୍ଟି ପୁନର୍ବାସ କେନ୍ଦ୍ର, ଦୁଇଟି ଶକ୍ତି ସଦନ ସେଣ୍ଟରକୁ ଗସ୍ତ କରିଥିଲେ। ସେଠାରେ ଉପସ୍ଥିତ ମା ମାନଙ୍କ ସହିତ, ହିତାଧିକାରୀ ମାନଙ୍କ ସୁବିଧା, ସରକାରଙ୍କ ତରଫରୁ ସହାୟତା ଠିକ ସମୟରେ ପାଉଛନ୍ତି କି ନାହିଁ ପଚାରି ବୁଝିଥିଲେ। ପୁଷ୍ଟି ପୁର୍ନବାସ କେନ୍ଦ୍ରରେ ଥିବା ମାମାନେ ସୁଭଦ୍ରା ଯୋଜନାରେ ହିତାଧିକାରୀ ଭାବେ ପ୍ରାପ୍ୟ ପାଇଛନ୍ତି କି ନାହିଁ ପଚାରି ବୁଝିଥିଲେ। ଏବଂ ଅପରାହ୍ନରେ ଜିଲ୍ଲା ସ୍ତରୀୟ ସମସ୍ତ ଅଧିକାରୀ, ଶିଶୁ ବିକାଶ ଯୋଜନା ଅଧିକାରୀ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀଙ୍କ ସହ ବୈଠକ କରିଥିଲେ। ଏହି ଗ୍ରସ୍ତ ସମୟରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟୱାନ ମହାଜନ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ମହିଳା ସୁରକ୍ଷା ଅଧିକାରୀ ତଥା ଜିଲ୍ଲାର ସମାଜ ମଙ୍ଗଳ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

# କୃତ୍ରିମ ବୁଦ୍ଧିମତା ଦକ୍ଷତା ବିକାଶ କର୍ମଶାଳା

ପୁରୀ, ୧୯/୩ (ନି.ପ୍ର): ପୁରୀ ଜିଲ୍ଲାର ସ୍ଥାନୀୟ ସ୍ୱତନ୍ତ୍ର ପରିକ୍ରମା ଗୃହରେ ଜିଲ୍ଲା ପ୍ରଶାସନ ତରଫରୁ ଏଆଇ କୃତିମ ବୁଦ୍ଧିମତା ସମ୍ବନ୍ଧରେ , ଦିନିକିଆ ଦକ୍ଷତା ବିକାଶ କର୍ମଶାଳା ଅନୁଷ୍ଠିତ ହୋଇଅଛି। ଅତିରିକ୍ତ ଜିଲ୍ଲାପାଳ ଶରତ ଚନ୍ଦ୍ର ବେହେରାଙ୍କ ଅଧ୍ୟକ୍ଷତାରେ ଏହି କର୍ମଶାଳାଟି ଉଦ୍ଘାଟନ ହୋଇଅଛି। ଉପରୋକ୍ତ ଏଆଇ କ୍ଷମତା ବିକାଶ କର୍ମଶାଳାଟି ଓକେସିଏଲ ଦ୍ୱାରା ପରିଚାଳନା କରାଯାଇଥିଲା ଏବଂ ଓକାକ ତଥା ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତିବିଦ୍ୟା ବିଭାଗ ଏହାକୁ ପ୍ରଯୋଜକ ହିସାବରେ ଆୟୋଜନ କରିଥିଲେ। ଡିଇ ଜିଏମ ପିୟୁଷ ଚକ୍ରବର୍ତୀ ,କର୍ମଶାଳାର ଉଦ୍ଦେଶ୍ୟ ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ଟ୍ରେନିଂ କିଟ୍ ବଂଟନ,ସହିତ ଉଦ୍ଘାଟନୀ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ପରବର୍ତୀ ଅଧିବେଶନରେ କୃତ୍ରିମ ବୁଦ୍ଧିମତାର ମୂଳ ଧାରଣା, ପ୍ରଶାସନିକ କାର୍ଯ୍ୟରେ ଏହାର ପ୍ରାସଙ୍ଗିକତା ଓ ଶାସନ କାର୍ଯ୍ୟରେ ବ୍ୟବହାରର ବିଭିନ୍ନ ଉଦାହରଣ ପ୍ରଦର୍ଶନ କରାଯାଇଥିଲା। ଓକେସିଏଲରୁ ଆସିଥିବା ଟ୍ରେନର ଜୟଶ୍ରୀ ଦେହେରୀ ଏବଂ ଇପ୍ସିତା ମିଶ୍ର, ଏ ବିଷୟରେ ବିସ୍ତୃତ ଭାବେ ବିବରଣୀ ଦେଇଥିଲେ। ସୁରକ୍ଷା ସମ୍ବନ୍ଧୀୟ ଏସଓପି, ଡାଟା ପରିଚାଳନା , ନୈତିକ ଏଆଇ ବ୍ୟବହାର ଓ ପ୍ରଶାସନିକ ବିଷୟରେ ଆଲୋଚନା କରାଯାଇଥିଲା। ଏହି କର୍ମଶାଳାରେ ଡେପୁଟି କଲେକ୍ଟର ଇମରଜେନ୍ସି, ,ଡେପୁଟି କଲେକ୍ଟର ଏଷ୍ଟାବ୍ଲିଶମେଂଟ ତଥା ପୁରୀ ଜିଲ୍ଲାର ବିଭିନ୍ନ ସରକାରୀ ବିଭାଗର ଅଧିକାରୀବୃନ୍ଦ ଯୋଗ ଦେଇଥିଲେ।

# ସୋସାଇଟି ପଞ୍ଜିକରଣ ନିମନ୍ତେ ସାର୍ବଜନୀନ ସଚେତନତା

ସମ୍ବଲପୁର, ୧୯/୩ (ନି.ପ୍ର): ଜିଲ୍ଲାର ସମସ୍ତ ସର୍ବସାଧାରଣଙ୍କ ପାଇଁ ଜିଲ୍ଲା ପ୍ରଶାସନ ପକ୍ଷରୁ ସୂଚିତ କରାଯାଇଛି ଯେ' ସୋସାଇଟି ପଞ୍ଜିକରଣ (ଓଡିଶା ସଂଶୋଧନ) ଆଇନ, ୨୦୨୧ର ଧାରା ୩ (୨) ଅନୁଯାୟୀ ୨୧ ମେ, ୨୦୨୧ ପରେ ପଞ୍ଜିକୃତ ସୋସାଇଟି ଗୁଡିକ ପଞ୍ଜିକରଣ ପ୍ରମାଣପତ୍ର ପ୍ରଦାନ ତାରିଖରୁ ୫ ବର୍ଷ ପାଇଁ ବଳବତର ରହିବ। ଏଥିସହ ସୋସାଇଟି ପଞ୍ଜିକରଣ ଆଇନ, ୧୮୬୦ ଏବଂ ସୋସାଇଟି ପଞ୍ଜିକରଣ (ଓଡିଶା ସଂଶୋଧନ) ଆଇନ, ୨୦୨୧ ଅଧୀନରେ ୨୧ ମେ, ୨୦୨୧ କିମ୍ବା ପୂର୍ବରୁ ପଞ୍ଜିକୃତ ସୋସାଇଟିଗୁଡ଼ିକ ୫ ବର୍ଷ ପାଇଁ (ଅର୍ଥାତ୍ ୨୦ ମେ, ୨୦୨୬ ପର୍ଯ୍ୟନ୍ତ) ବଳବତର ରହିବ। ତେଣୁ, ପଞ୍ଜିକୃତ ସୋସାଇଟିର ପଦାଧିକାରୀ/ ଅଧିକୃତ ଅଧିକାରୀମାନେ ସେମାନଙ୍କ ପଞ୍ଜୀକୃତ ସମ୍ପୃକ୍ତ ସୋସାଇଟି ର ବୈଧତା ନବୀକରଣ ପାଇଁ ନିମ୍ନଲିଖତ ପ୍ରକ୍ରିୟା ଅନୁସରଣ କରି ଆବଶ୍ୟକୀୟ ପଦକ୍ଷେପ ନେଇପାରିବେ।

୧. ବୈଧତା ଅବଧି ସମାପ୍ତ ହେବା ପୂର୍ବରୁ ନବୀକରଣ ଧାରା ୩-ବି ର ଉପ-ଧାରା (୧) ଅନୁଯାୟୀ ୫ ବର୍ଷ ବୈଧ ଅବଧି ସମାପ୍ତ ହେବା ର ଏକ ମାସ ପୂର୍ବରୁ ପଞ୍ଜିକରଣ ପ୍ରମାଣପତ୍ର ନବୀକରଣ ପାଇଁ ପ୍ରତ୍ୟେକ ଆବେଦନ ପାଇଁ, ନିର୍ଦ୍ଧାରିତ ଫି ହେବଳ ୫୦୦/- (ପାଂଚଶହ ଟଙ୍କା)

୨. ବୈଧତା ଅବଧି ସମାପ୍ତ ହେବା ପରେ ନବୀକରଣ ଧାରା ୩-ବି ର ଉପ-ଧାରା (୨) ଅନୁଯାୟୀ ପାଂଚ ବର୍ଷ ବୈଧ ଅବଧି ସମାପ୍ତ ହେବାର ୬ ମାସ ପର୍ଯ୍ୟନ୍ତ ପଞ୍ଜିକରଣ ପ୍ରମାଣପତ୍ର ନବୀକରଣ ପାଇଁ ପ୍ରତ୍ୟେକ ଆବେଦନ ପାଇଁ, ଅନ୍ତିମ ଅବଧି ସମାପ୍ତ ହେବାର ଗୋଟିଏ ମାସ ମଧ୍ୟରେ – ୧,୦୦୦ ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଦୁଇ ମାସ ମଧ୍ୟରେ – ୧୫୦୦ ଟଙ୍କା, ଅନ୍ତିମ ଅବରଧି ସମାପ୍ତ ହେବାର ତିନି ମାସ ମଧ୍ୟରେ – ୨୦୦୦ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଚାରି ମାସ ମଧ୍ୟରେ – ୨୫୦୦ ଟଙ୍କା, ଅନ୍ତିମ ଅବଧ ସମାପ୍ତ ହେବାର ପାଂଚମାସ ମଧ୍ୟରେ – ୩୦୦୦ ଟଙ୍କା, ଅନ୍ତିମ ଅବଧି ସମାପ୍ତ ହେବାର ଛଅ ମାସ ମଧ୍ୟରେ – ୩୫୦୦ ଟଙ୍କା ଫି' ପ୍ରଯୁଜ୍ୟ ହେବ,।ନବୀକରଣ ପାଇଁ ଆବଶ୍ୟକୀୟ ଡକ୍ୟୁମେଣ୍ଟ- ଆବେଦନ ସହିତ ପଞ୍ଜିକରଣ ପ୍ରମାଣପତ୍ରର ସର୍ବଶେଷ ପ୍ରମାଣିତ କପି (ସି.ସି.), ସଂଘର ସ୍ମାରକପତ୍ରର ସର୍ବଶେଷ ପ୍ରମାଣିତ କପି (ସି.ସି.), ଉପ-ଆଇନର ସର୍ବଶେଷ ପ୍ରମାଣିତ କପି (ସି.ସି ), ଗତ ପାଂଚ ବର୍ଷର ଅଡିଟ୍ ରିପୋର୍ଟ, ଗତ ପାଂଚ ବର୍ଷର କାର୍ଯ୍ୟକଳାପ ରିପୋର୍ଟ, ସମାପ୍ତିର ନବୀକରଣ ସମ୍ପର୍କରେ ସାଧାରଣ ପରିଷଦର ନିଷ୍ପତି ଡକ୍ୟୁମେଣ୍ଟଗୁଡ଼ିକ ଦାଖଲ କରିବାକୁ ପଡିବ ବୋଲି ଆଜି ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରିଣୀ ସଂଯୁକ୍ତା କୁଲୁ ଗଣମାଧ୍ୟମକୁ ଜଣାଇଛନ୍ତି ।

# ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀ ପୀଠରେ ନବ ଦିନାତ୍ମକ ବାସନ୍ତିକ ପୂଜା ପ୍ରସ୍ତୁତି

ବଲାଙ୍ଗୀର, ୧୯/୩ (ନି.ପ୍ର): ପାଟଣା ରାଜ୍ୟର ଅଧିଷ୍ଠାତ୍ରୀ ଦେବୀ ମା' ପାଟଣେଶ୍ୱରୀ ପୀଠରେ ନବ ଦିନାତ୍ମକ ବାସନ୍ତିକ ପୂଜା ଆସନ୍ତା ୧୯ ତାରିଖରୁ ୨୭ ପର୍ଯ୍ୟନ୍ତ ୯ ଦିନ ବ୍ୟାପି ଦେବୀଙ୍କର ପ୍ରତିଦିନ ଚଣ୍ଡିପାଠ ଓ ହୋମଯଜ୍ଞ ଅନୁଷ୍ଠିତ ହେବ। ଗୁରୁବାର ଦିନ କଳସ ସ୍ଥାପନ, ନବ ଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ଜଳନ ପ୍ରତିପଦ ବହିତ ଶୈଳପୁତ୍ରୀ ଦେବୀ ପୂଜା, ଶୁକ୍ରବାର ଦିନ ଦ୍ୱିତୀୟା ବିହିତ ବ୍ରହ୍ମଚାରିଣୀ ଦେବୀ ପୂଜା, ଶନିବାର ତୃତୀୟା ବହିତ ଚନ୍ଦ୍ରଘଂଟା ଦେବୀ ପୂଜା, ରବିବାର ଚତୁର୍ଥୀ ବହିତ କୁଷ୍ମାଣ୍ଡା ଦେବୀ ପୂଜା, ସୋମବାର ପଂଚମୀ ବହିତ ସ୍କନ୍ଦମାତା ଦେବୀ ପୂଜା, ଷଷ୍ଠୀ ବହିତ କାତ୍ୟାୟନୀ ଦେବୀ ପୂଜା, ମଙ୍ଗଳବାର ସପ୍ତମୀ ବିହିତ କାଳରାତ୍ର ଦେବୀପୂଜା, ତ୍ରିଦିନାତ୍ମକ ଅଖଣ୍ଡ ଦୀପ ପ୍ରଜ୍ଜଳନ, ବୁଧବାର ପୀଠେ ମହାଷ୍ଟମୀ ମହାଗୌରୀ ଦେବୀ ପୂଜା, ଗୁରୁବାର ଦିବା ଘ.୧୧.୨୪ମି. ରୁ ଘ.୧୨.୧୨ମି. ମଧ୍ୟ ସନ୍ଧିପୂଜା ପୀଠେ ମହାନବମୀ ବହିତ ସିଦ୍ଧିଦାତ୍ରୀ ଦେବୀ ପୂଜା, ଶୁକ୍ରବାର ପୀଠେ ଦଶମୀ ପୂଜା , ହୋମ ଓ ପୂର୍ଣ୍ଣାହୁତି ଅନୁଷ୍ଠିତ ହେବ। ପ୍ରତିଦିନ ମହାଆଳତି ଏବଂ ଭକ୍ତମାନଙ୍କର କିଭଳି ଦର୍ଶନ କରିପାରିବେ ତାହା ନେଇ ଦେବାଳୟ ସୁରକ୍ଷା କମିଟି ନିଷ୍ପତି ନେଇଥିବା ବେଳେ ମନ୍ଦିର ପୂଜକ ମଳୟ ଦିଶ୍ରୀ, ଅଭିନାଶ ଦିଶ୍ରୀ ଓ ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର, ସଂପାଦକ ପ୍ରଶାନ୍ତ ମହାକୁର, କୋଷାଧ୍ୟକ୍ଷ ରଂଟୁ ସାହୁ, ସହ-ସଂପାଦକ ଶମ୍ଭୁ ଶତପଥି ଉପସ୍ଥିତ ଥିଲେ।

## ବିଶ୍ୱବିଦ୍ୟାଳୟ କୋଠା ନିର୍ମାଣ ନିମନ୍ତେ ଏନବିସିସି ସହ ଚୁକ୍ତିନାମା

ଜୟପୁର, ୧୯/୩ (ନି.ପ୍ର): ପ୍ରଧାମନ୍ତ୍ରୀ ଉଚ୍ଚତର ଶିକ୍ଷାଅନୁଷ୍ଠାନ ଉଷା ଅଧିନରେ ଏକାଡେମିକ ବ୍ଲକ ନିମନ୍ତେ ୮.୪ କୋଟି, ସେମିନାର ହଲ ନିମନ୍ତେ ୧.୫ କୋଟି, ବଳିକା କମନ ରୁମ ନିମନ୍ତେ ୦.୫ କୋଟି, ଶେ ?ଚାଳୟ ବ୍ଲକ ଏବଂ ବାଣିଜ୍ୟ ବ୍ଲକ, ଦ୍ୱୋନି ବଙ୍ଗଳା, ପ୍ରଶାସନିକ ବ୍ଲକ ଏବଂ ନୂତନ ଏକାଡେମିକ ବ୍ଲକର ମରାମତି ଏବଂ ନବୀକରଣ ପାଇଁ ମୋଟ ୧୪ କୋଟି ଟଙ୍କାର ବ୍ୟୟ ବରାଦ ସରକାରୀ କ୍ଷେତ୍ରର ଉଦ୍ୟୋଗ, ପ୍ରୋଜେକ୍ଟ ମନିଟରିଂ ୟୁନିଟ ଏନବିସିସି ଇଣ୍ଡିଆ ଲିମିଟେଡ ସହ ଚୁକ୍ତିନାମା କରାଯାଇଛି। ଆସନ୍ତା ଏପ୍ରିଲ ମାସରୁ କାର୍ଯ୍ୟ ଆରମ୍ଭ କରାଯିବ ବୋଲି ଚୁକ୍ତିନାମାରେ ଉଲ୍ଲେଖ କରାଯାଇଛି। ଚୁକ୍ତିନାମା ସମୟରେ ଏନବିସିସି କର୍ମକର୍ତାଙ୍କ ସହ ବିକ୍ରମଦେବ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ମହେଶ୍ୱର ନାୟକ ଉପସ୍ଥିତ ଥିଲେ।

# ପୋଲ ତଳୁ ମୃତଦେହ ଉଦ୍ଧାର ଘଟଣା: ଉତ୍ୟକ୍ତ ଲୋକେ ସୁରପ୍ରତାପପୁର ଫାଣ୍ଡି ଘେରାଉ କଲେ

ଭୁବନ, ୧୯/୩ (ନି.ପ୍ର): ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ସୁରପ୍ରତାପପୁର ଗ୍ରାମର ଜନୈକ ବ୍ୟକ୍ତି ଙ୍କ ମୃତଦେହ ଓଡଣା ପୋଲ ତଳୁ ଉଦ୍ଧାର ହେବା ଘଟଣାକୁ ନେଇ ଅଭିଯୁକ୍ତ ର ଗିରଫ ଦାବିରେ ଉତ୍ୟକ୍ତ ଲୋକେ ଆଜି ବୁଧବାର ସୁରପ୍ରତାପ ପୁର ଫାଣ୍ଡି ଘେରାଉ କରିଥିଲେ । ପ୍ରାପ୍ତ ଖବରରୁ ପ୍ରକାଶ ଯେ, ଗତ ରବିବାର ଅପରାହ୍ନ ରେ ସୁରପ୍ରତାପ ପୁର ଦଳିତ ସାହିର ବିମଳ ମଲିକ ( ୩୫) ଙ୍କୁ ତାଙ୍କ ଶଳା ସିପୁନ ମଲିକ (୨୫) ଓ ତାଙ୍କ ବନ୍ଧୁ ଅଚ୍ୟୁତ ହାତୀ (୪୫) ଭୋଜି କରିବା ପାଇଁ ଘରୁ ଡାକି ନେଇଥିଲେ। ବିଳମ୍ବିତ ରାତି ପର୍ଯ୍ୟନ୍ତ ବିମଳ ଘରକୁ ଫେରି ନଥିବା ବେଳେ ତାଙ୍କ ଶଳା ଓ ବନ୍ଧୁ ଅଚ୍ୟୁତ ଗାଁ ରେ ବୁଲୁଥିଲେ। ବିମଳ ଙ୍କ ପରିବାର ସିପୁନ କୁ ପଚାରିବାରୁ ବିମଳ କେତେବେଳୁ ଆସିଲାଣି ବୋଲି କହିଥିଲା। ବହୁ ଖୋଜାଖୋଜି କରିବା ପରେ ବିମଳଙ୍କ ର କୌଣସି ସନ୍ଧାନ ମିଳି ନଥିଲା। ସୋମବାର ସକାଳେ ବିମଳଙ୍କ ବାଇକ ଟି ଏକ ଗଛରେ ଡେରା ହୋଇଥିବା ବେଳେ ତାଙ୍କ ମୃତଦେହ ଓଡଣା ପୋଲ ତଳେ ପଡିଥିବା ଦେଖିବାକୁ ମିଳିଥିଲା। ପରିବାର ଲୋକେ ପୋଲିସ କୁ ଖବର ଦେବା ପରେ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ଭୁବନ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପଠାଇ କେଶ୍ ନଂ ୧୩୯/ ୨୦୨୬ ରେ ମାମଲା ରୁଜୁ କରିଥିଲା । ପୋଲିସ ଅଚ୍ୟୁତ ହାତୀ କୁ ଗିରଫ କରିଥିବା ବେଳେ ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ସିପୁନ ମଲିକ ଫେରାର ହୋଇଯାଇଥିଲା। ମୁଖ୍ୟ ଅଭିଯୁକ୍ତଙ୍କ ଗିରଫ ଦାବିରେ ଶତାଧିକ ମହିଳା ପୁରୁଷ ଦୀର୍ଘ ସମୟ ଧରି ସୁରପ୍ରତାପ ପୁର ଫାଣ୍ଡି ଘେରାଉ କରିଥିଲେ। ଏ ସମ୍ପର୍କରେ ଖବର ପାଇ କାମାକ୍ଷା ନଗର ଏସ ଡି ପି ଓ ରଜନୀକାନ୍ତ ସାମଲ ପହଂଚି ଲୋକଙ୍କୁ ବୁଝାଶୁଝା କରିଥିଲେ।

# ଏଚଆଇଭି/ଏଡସ ନିରାକରଣ ପାଇଁ ସାମ୍ବାଦିକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ: କୋରାପୁଟରେ ଅନୁଷ୍ଠିତ ସ୍ୱତନ୍ତ୍ର କର୍ମଶାଳା ଯୋଗଦେଲେ ମାଲକାନଗିରି ସାମ୍ବାଦିକ

ମାଲକାନଗିରି , ୧୯/୩ (ନି.ପ୍ର): କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଗଣମାଧ୍ୟମ ପ୍ରତିନିଧିମାନଙ୍କ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ସମ୍ବେଦନଶୀଳତା ଏବଂ ସଚେତନତା କାର୍ଯ୍ୟକ୍ରମ ଆଜି ଆୟୋଜିତ ହୋଇଯାଇଛି। କୋରାପୁଟ ସ୍କିଲ୍ ଡେଭଲପମେଂଟ ଇନଷ୍ଟିଚ୍ୟୁଟ୍ ପରିସରରେ ଏଚଆଇଭି /ଏଡସ ଏବଂ ଯୌନ ସଂକ୍ରମିତ ରୋଗ ର ନିରାକରଣ ଓ ସଠିକ୍ ତଥ୍ୟ ପ୍ରସାର ପାଇଁ ଏହି ଦିନିକିଆ କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ମାଲକାନଗିରି ଜିଲ୍ଲା ଏମୟୁଜେ ସାମ୍ବାଦିକ ସଂଘ, ଉତ୍କଳ ସାମ୍ବାଦିକ ସଂଘ ଏବଂ ମାଲ୍ୟବନ୍ତ କାର୍ଯ୍ୟରତ ସାମ୍ବାଦିକ ସଂଘ ଆଦି ଜିଲ୍ଲା ସାମ୍ବାଦିକ ସଂଘର ବହୁ ମନୋନୀତ ଗଣମାଧ୍ୟମ ପ୍ରତିନିଧି ଯୋଗଦେଇ ନିଜର ଦକ୍ଷତା ପ୍ରଦର୍ଶନ କରିଥିଲେ। ସମାଜରେ ବ୍ୟାପୁଥିବା ଭୁଲ୍ ତଥ୍ୟ ଓ କୁସଂସ୍କାରକୁ ଦୂର କରି ସଠିକ୍ ସୂଚନା ପ୍ରସାର କରିବାରେ ଏହି ସଂଘଗୁଡ଼ିକର କାର୍ଯ୍ୟଶୈଳୀ ଏବଂ ପ୍ରତିବଦ୍ଧତା ଉପରେ ଏଠାରେ ଆଲୋଚନା ହୋଇଥିଲା। ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମାଲକାନଗିରି ଏବଂ ନବରଙ୍ଗପୁର ଜିଲ୍ଲାରୁ ମନୋନୀତ ଗଣମାଧ୍ୟମ ପ୍ରତିନିଧି (ପ୍ରିଂଟ, ଇଲେକ୍ଟ୍ରୋନିକ ଏବଂ ୱେବ୍ ମିଡିଆ) ଅଂଶଗ୍ରହଣ କରିଥିଲେ। ଅନେକ ସମୟରେ ବୈଷୟିକ ଜ୍ଞାନର ଅଭାବ ଏବଂ ଭୁଲ୍ ତଥ୍ୟ ଯୋଗୁଁ ସମାଜରେ ଏହି ରୋଗକୁ ନେଇ ଅନେକ କୁସଂସ୍କାର ଦେଖାଯାଏ। ସାମ୍ବାଦିକମାନେ କିପରି ତ୍ରୁଟିହୀନ ଓ ସମ୍ବେଦନଶୀଳ ରିପୋର୍ଟ ପ୍ରସ୍ତୁତ କରିବେ, ସେଥିପାଇଁ ବିଶେଷଜ୍ଞମାନେ ତାଲିମ ପ୍ରଦାନ କରିଥିଲେ।ଏହି କର୍ମଶାଳାର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ୨୦ ମାର୍ଚ୍ଚ (ଶୁକ୍ରବାର) ଦିନ ଅନୁଷ୍ଠିତ ହେବ। ଏଥିରେ ରାୟଗଡ଼ା ଏବଂ କୋରାପୁଟ ଜିଲ୍ଲାର ପ୍ରତିନିଧିମାନଙ୍କୁ ସମାନ ପ୍ରକାରର ପ୍ରଶିକ୍ଷଣ ପ୍ରଦାନ କରାଯିବ।ଏହି ସମ୍ମିଳନୀରେ ଜିଲ୍ଲାପାଳ, ସି ଡି ଏମ ଏବଂ ପି ଏସ ଓ, ଏ ଡି ପି ଏସ ଓ ଏବଂ ରାଜ୍ୟ ଓଏସଏସିଏସ୍ ରୁ ଆସିଥିବା ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହିଥିଲେ। ଏହି କର୍ମଶାଳା ମାଧ୍ୟମରେ ସାମ୍ବାଦିକମାନଙ୍କ ଦକ୍ଷତା ବୃଦ୍ଧି କରାଯିବା ସହ ଜନସାଧାରଣଙ୍କ ନିକଟରେ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସଠିକ୍ ବାର୍ତା ପହଂଚାଇବାକୁ ଲକ୍ଷ୍ୟ ରଖାଯାଇଛି।

# ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ ତରଫରୁ ଆୟୋଜିତ ପ୍ରାଗଐତିହାସିକ ଯୁଗୀୟ ଆଠ ଦିନିଆ କର୍ମଶାଳା ଉଦ୍‌ଯାପିତ




ବାରିପଦା, ୧୯/୩ (ନି.ପ୍ର): ପ୍ରଧାନମନ୍ତ୍ରୀ ଉଚ୍ଚତର ଶିକ୍ଷା ଅଭିଯାନ ସହାୟତାରେ ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଜ୍ଞାନ ଓ ଜନଜାତି ଅଧ୍ୟୟନ ବିଭାଗ ତରଫରୁ ଏକ ପ୍ରାଗଐତିହାସିକ ଯୁଗୀୟ ଆଠ ଦିନିଆ କର୍ମଶାଳା କୁଳିଅଣା ଠାରେ ଆୟୋଜିତ ହୋଇଥିଲା । ଏହି କର୍ମଶାଳାକୁ ରେଭେନ୍ସା ବିଶ୍ୱବିଦ୍ୟାଳୟ, ଶର୍ମା ସେଣ୍ଟର ଫୋର୍ ହେରିଟେଜ ଏଜୁକେସନ ସେଣ୍ଟର ଏବଂ ଭାରତୀୟ ପ୍ରତ୍ନତତ୍ତ୍ୱ ସର୍ବେକ୍ଷଣ ପୁରୀ ସର୍କଲ ମିଳିତ ସହଯୋଗରେ ଆୟଜିତ କରିଥିଲେ। ଆଜି ଏହି ଆଠ ଦିନିଆ କର୍ମଶାଳା ଉଦଯାପିତ ହୋଇଥିଲା ଏଥିରେ ଜାତୀୟ ମନୁମେଣ୍ଟ ଓଥିରିଟିର ପୂର୍ବତନ ଚେୟାରମେନ ତଥା ମହାରାଜା ଶ୍ରୀରାମ ଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ପୂର୍ବତନ କୁଳପତି ପ୍ରଫେସର କିଶୋର କୁମାର ବାସା,ବୀରବଲ ସାହାନୀ ପାଲିଓସାଇନ୍ସ ଅନୁଷ୍ଠାନ ର ବୈଜ୍ଞାନିକ ଡ଼ଃ ଅଞ୍ଜଳୀ ତ୍ରିବେଦୀ, ଓଡ଼ିଶା ସରକାରଙ୍କ ସଂସ୍କୃତି ବିଭାଗର ଉପ-ନିର୍ଦ୍ଦେଶକ ଡ଼ଃ ଦେବଜାନୀ ଭୂୟାଁ , ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରମୋଦ କୁମାର ଶତପଥୀ, ବିଶ୍ୱବିଦ୍ୟାଳୟ ପିଏମ୍ ଉଷା ନୋଡାଲ ଅଫିସର ପ୍ରଫେସର ଇନ୍ଦ୍ରଜିତ ନାଏକ, ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଏବଂ ଜନଜାତି ବିଭାଗ ର ଆସୋସିଏଟ ପ୍ରଫେସର ଡଃ ବସନ୍ତ କୁମାର ମହାନ୍ତ ଏବଂ ଡ଼ଃ ଭୁବନେଶ୍ୱର ଶବର ଯୋଗଦାନ କରି କର୍ମଶାଳାକୁ ଉଦଯାପିତ କରିଥିଲେ। ଏଥିରେ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ଏବଂ ଜନଜାତି ବିଭାଗ, ଇତିହାସ ବିଭାଗ, ମହାରାଜା ପୂର୍ଣ୍ଣଚନ୍ଦ୍ର ସ୍ୱୟଂଶାସିତ ମହାବିଦ୍ୟାଳୟ ନୃତତ୍ତ୍ୱ ବିଭାଗ, ରେଭେନ୍ସା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଗଙ୍ଗାଧର ବିଶବବିଦ୍ୟାଳୟର ଛାତ୍ରଛାତ୍ରୀ, ଗବେଷକ, ଅଧ୍ୟାପକ ଏବଂ ଅଧ୍ୟାପିକା ମାନେ ଅଂଶଗ୍ରହଣ କରିଥିଲେ। ଏହି ସପ୍ତାହବ୍ୟାପୀ କର୍ମଶାଳାରେ ଯୋଗଦେଇ , ପ୍ରଫେସର ଶାନ୍ତି ପାପୁ ତାମିଲନାଡୁର ପ୍ରାଗଐତିହାସିକ ସଂସ୍କୃତି ସହିତ କୁଳିଅଣାର ପ୍ରାଗଐତିହାସିକ ସଂସ୍କୃତିର ସମାନତା ଥିବାର ମତ ପ୍ରକାଶ କରିଥିଲେ। ପୁରାସଂସ୍କୃତିୟ ଉଦ୍ଭିଦ ବିଜ୍ଞାନୀ ଡ଼ଃ ଅଞ୍ଜଳୀ ତ୍ରିବେଦୀଙ୍କ ମତାନୁସାରେ, ପୁରାସଂସ୍କୃତିୟ ଉଦ୍ଭିଦର ପ୍ରମାଣ ମିଳିବା ଉଦ୍ଦେଶ୍ୟରେ ଅଠକରା (କୁଳିଅଣା) ଅଞ୍ଚଳରୁ ମାଟିର ନମୁନା ପରୀକ୍ଷା ପାଇଁ ସଂଗ୍ରହ କରାଯାଇଛି। ଉତ୍କଳ ବିଶ୍ୱବିଦ୍ୟାଳୟସ୍ଥିତ ଭୂତତ୍ତ୍ୱ ବିଜ୍ଞାନୀ ପ୍ରଫେସର ଶ୍ରୀରୂପ ଗୋସ୍ୱାମୀଙ୍କ ଅନୁସାରେ, କୁଳିଅଣା ଅଞ୍ଚଳରେ ଏକ ପ୍ରାଚୀନ ଲୁପ୍ତ ନଦୀ କିମ୍ବା ଜଳସ୍ରୋତର ପ୍ରମାଣ ଥିବାର ସମ୍ଭାବନା ରହିଛି। ଏହି ଅଞ୍ଚଳରୁ ପ୍ରାଚୀନ ଯୁଗୀୟ ସଂସ୍କୃତିର ସମୟକାଳ ତଥା ଗଛପତ୍ର, ପରିବେଶ ଓ ପାରିବେଶିକ ପରିସ୍ଥିତିର ବୈଜ୍ଞାନିକ ପ୍ରମାଣ ପାଇବା ଉଦ୍ଦେଶ୍ୟରେ କାମତାସ୍ଥିତ ପୁରାତତ୍ତ୍ୱ ଉତ୍ଖନନ ସ୍ଥଳରୁ ବିଭିନ୍ନ ନମୁନା ସଂଗ୍ରହ କରାଯାଇଛି, ଯାହାକୁ ଭାରତର ବିଭିନ୍ନ ବୈଜ୍ଞାନିକ ସଂସ୍ଥାମାନଙ୍କ ପାଖକୁ ପଠାଇବା ପାଇଁ ଯୋଜନା କରାଯାଇଛି। ଏହି ଆଠଦିନିଆ କର୍ମଶାଳା ମାଧ୍ୟମରେ ମୟୂରଭଞ୍ଜ ଜିଲ୍ଲା କୁଳିଅଣା ଠାରେ ଲୁଚି ରହିଥିବା ପ୍ରାଗଐତିହାସିକ ଯୁଗର ସାମଗ୍ରୀର ପୁନଃଜୀବିତ ଉପରେ ଗୁରୁତ୍ୱ ଦିଆଯାଇଥିଲା। କୁଳିଅଣା ଠାରେ ୧୯୪୮ ମସିହାରେ ପ୍ରସ୍ତର ଯୁଗର ପ୍ରଥମେ କୋଲକାତା ବିଶ୍ୱବିଦ୍ୟାଳୟର ନିର୍ମଳ ବୋଷ ଓ ଧରଣୀ ସେନ ଉତଖନନ କରିଥିଲେ, ଯାହାକି ମୟୂରଭଞ୍ଜ ଓଡ଼ିଶାର ପୁରାତତ୍ତ୍ୱ ଇତିହାସରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ। ପୂର୍ବରୁ ଏଠାରେ ସାର୍କ ପୋସିଲ୍ ଇତ୍ୟାଦି ମିଳିଥିବାବେଳେ ପ୍ରସ୍ତର ଯୁଗର ରହସ୍ୟ ଉନ୍ମୋଚିତ ହୋଇଥିଲା । ମୟୂରଭଞ୍ଜର ବିଭିନ୍ନ ସ୍ଥାନ ବିଶେଷକରି ଶିମିଳିପାଳର ଆଖପାଖ ଅଞ୍ଚଳ, କୁଳିଅଣା ଓ ବୁଢାବଳଙ୍ଗ ନଦୀ ଅବବାହିକାରୁ ମିଳିଥିବା ପ୍ରସ୍ତର ହତିଆର ଓ ଅନ୍ୟାନ୍ୟ ଅବଶେଷ ନିମ୍ନ ପ୍ରସ୍ତର ଯୁଗରୁ ଆରମ୍ଭ କରି ମଧ୍ୟପ୍ରସ୍ତର ଯୁଗ ଓ କେତେକ ସ୍ଥଳରେ ଉଚ୍ଚ ପ୍ରସ୍ତର ଯୁଗ ଓ ମେସୋଲିଥିକ୍ ଯୁଗ ସହିତ ନୂତନ ପ୍ରସ୍ତର ଯୁଗ ସମ୍ପର୍କିତ ବୋଲି ପୁରାତତ୍ତ୍ୱବିଦ ମତ ରଖୁଛନ୍ତି । ଏହି ଅବଶେଷର ଆନୁମାନିକ ବୟସ ପ୍ରାୟ ଅଢେଇ ଲକ୍ଷ ବର୍ଷର ବୋଲି କୁହାଯାଉଛି। ଏହା ଏହି ଅଞ୍ଚଳରେ ମାନବ ବାସର ଦୀର୍ଘ ଐତିହାସିକ ପରମ୍ପରାକୁ ସ୍ପଷ୍ଟ ପ୍ରମାଣିତ କରୁଛି। ପ୍ରାଚୀନ କାଳରେ ଶିମିଳିପାଳ, କୁଳିଅଣା ତଥା ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଅବବାହିକା ଓ ମଧ୍ୟଭାଗରେ ପ୍ରାଗ୍-ଐତିହାସିକ ମାନବ ବାସ ପାଇଁ ବିଶେଷ ଭାବେ ଉପଯୁକ୍ତ ଥିଲା । ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ଜଳ ସମ୍ପଦ, ଘନ ଜଙ୍ଗଲ, ଶିକାର ଯୋଗ୍ୟ ପଶୁପକ୍ଷୀ ଓ ପ୍ରସ୍ତର ହତିଆର ତିଆରି ପାଇଁ ଆବଶ୍ୟକ କ୍ୱାର୍ଟଜାଇଟ୍, କ୍ୱାର୍ଟଜ୍ ପରି କଞ୍ଚାମାଲ ସହଜରେ ମିଳିପାରୁଥିଲା ।

# ଜଳେଶ୍ୱର ଜଗନ୍ନାଥ ଡିଗ୍ରୀ ମହାବିଦ୍ୟାଳୟରେ ଗୃହ ବିଜ୍ଞାନ ପକ୍ଷରୁ ପଖାଳ ଦିବସ




ଜଳେଶ୍ୱର, ୧୯/୩ (ନି.ପ୍ର): ଆଜି ପଖାଳ ଦିବସ ।ପ୍ରତି ଓଡିଆଙ୍କ ଗର୍ବ, ଗୌରବ ଆଉ ପରିଚୟ ଆମ ପଖାଳ ।ପଖାଳର ନିବିଡ଼ତା ଓଡ଼ିଆ ଜାତି ସହ କାହିଁ କେଉଁ କାଳରୁ ଯୋଡ଼ି ହୋଇରହିଛି ।ପ୍ରତି ଓଡ଼ିଆଙ୍କର ପସନ୍ଦର ଖାଦ୍ୟ ହେଉଛି ପଖାଳ ।ଖରାଦିନ ଆସିଲେ ଖୋଜାପଡ଼େ ପଖାଳ କଂସା ।ଛୋଟ ଠୁ ବଡ଼ ଗରିବ ଠୁ ଧନୀ ଏଠି ସମସ୍ତଙ୍କ ପ୍ରିୟ ପଖାଳ ।ଯେତେ ଯାହା ଖାଇଲେ ବି ପଖାଳ ମୁଠେ ପେଟରେ ପଡ଼ିଗଲେ ମନ ଓ ଦେହକୁ ଶାନ୍ତି ମିଳେ। ଆମ ଆରାଧ୍ୟ ଦେବତା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ପ୍ରିୟ ଖାଦ୍ୟ ପଖାଳ ।ଶ୍ରୀମନ୍ଦିରର ଟଙ୍କ ତୋରାଣି ଏହାର ପ୍ରମାଣ ।ଖରାଦିନେ ପଖାଳ କଂସାରେ ହିଁ ଓଡ଼ିଆଙ୍କୁ ଶାନ୍ତି ମିଳିଥାଏ ।ଓଡ଼ିଶାରେ ପଖାଳର ଏକ ସ୍ୱତନ୍ତ୍ର ପରିଚୟ ରହିଛି । ଏଥିପାଇଁ ଓଡ଼ିଆ ଜାତିର ଏକ ଅନନ୍ୟ ବିଶେଷତ୍ୱ ହେଉଛି ପଖାଳ ।ଯେତେ ଯାହା ଖାଇଲେ ବି ପଖାଳ ଟିକେ ଖାଇଦେଲେ ମନକୁ ଶାନ୍ତି ଓ ତୃପ୍ତି ମିଳିଥାଏ। ଖରାଦିନ ହେଉ ଅବା ଅନ୍ୟଦିନ,ଗରିବ ହେଉ ବା ଧନୀ ସମସ୍ତଙ୍କ ଲୋଡ଼ା ପଖାଳ କଂସା ।ଓଡ଼ିଶାର ପରମ୍ପରା ଓ ସଂସ୍କୃତି ସହିତ ଜଡ଼ିତ 'ପଖାଳ'କୁ ପରିଚିତ କରାଇବା ଏହି ଦିବସ ପାଳନର ଉଦ୍ଦେଶ୍ୟ ବୋଲି ଆଜି ଜଳେଶ୍ୱର ଜଗନ୍ନାଥ୍ ଡିଗ୍ରୀ ମହାବିଦ୍ୟାଳୟ ଗୃହ ବିଜ୍ଞାନ ବିଭାଗ ପକ୍ଷରୁ ଅଧକ୍ଷ ସରୋଜ କୁମାର ମାହାନ୍ତି ଙ୍କ ସଭାପତିତ୍ୱରେ ମହାବିଦ୍ୟାଳୟ ର ସମ୍ମିଳନୀ ଗୃହରେ ପଖାଳ ଦିବସ ପାଳନ ହୋଇଯାଇଛି ।ଅଧ୍ୟାପକ ଶ୍ରବଣ କୁମାର ନାଥ,ଅଶୋକ କୁମାର ରଥ,ନିଷ୍କଳ କୁମାର ଘଡ଼େଇ ସମ୍ମାନିତ ଅତିଥି ଭାବେ ଯୋଗଦେଇ ପଖାଳ ଦିବସ ଓ ପଖାଳର ଗୁରୁତ୍ୱ ସଂପର୍କ ରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଇପ୍ସିତା ଦାସ ମଞ୍ଚ ଆହ୍ୱାନ ସହ ଅତିଥି ପରିଚୟ ପ୍ରଦାନ କରିଥିଲା ବେଳେ ଅଧ୍ୟାପିକା ରଶ୍ମୀରେଖା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଦର୍ଶ ଦେ, ସୁନୀତା ରାଉଳ,ନମିତା ବେହେରା, ସ୍ମାରକୀ ଦାସ, ରାଜଲକ୍ଷ୍ମୀ ଦତ୍ତ, ସସ୍ମିତା ପାଳ ପ୍ରମୁଖ ଛାତ୍ର ଛାତ୍ରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ପାନ୍ଥ ନିବାସରେ ପଖାଳ ପର୍ବ ୨୦୨୬ ଉଦ୍‌ଘାଟିତ

ଭୁବନେଶ୍ୱର, ୧୯/୩ (ନି.ପ୍ର): ଓଡ଼ିଶାର ସମୃଦ୍ଧ ରୋଷେଇ ଶୈଳୀ ଓ ପରମ୍ପରାକୁ ସମ୍ମାନ ଜଣାଇ ଗୁରୁବାର ଭୁବନେଶ୍ୱରସ୍ଥିତ ପାନ୍ଥନିବାସଠାରେ ଦୁଇ ଦିନିଆ 'ପଖାଳ ପର୍ବ' ଉଦଘାଟିତ ହୋଇଯାଇଛି। ପର୍ଯ୍ୟଟନ ବିଭାଗର ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଏହି ଉଦଘାଟନୀ ଅଧିବେଶନକୁ ସମ୍ବୋଧିତ କରିଥିଲେ। ଆସନ୍ତାକାଲି ମୁଖ୍ୟମନ୍ତ୍ରୀ ଶ୍ରୀ ମୋହନ ଚରଣ ମାଝୀ ଏବଂ ଉପ-ମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କ ସମେତ ଅନ୍ୟାନ୍ୟ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମର ଶୋଭା ବର୍ଦ୍ଧନ କରିବେ। ଉଦଘାଟନୀ ଅଧିବେଶନରେ ପଦ୍ମଶ୍ରୀ ଡକ୍ଟର ଅଶୋକ କୁମାର ମହାପାତ୍ର, ପଖାଳର ଔଷଧୀୟ ଗୁଣ ସମ୍ପର୍କରେ ଆଲୋକପାତ କରିବା ସହିତ ଜଗନ୍ନାଥ ସଂସ୍କୃତିରେ ଏହାର ଅନନ୍ୟ ମହତ୍ତ୍ୱକୁ ସେ ସୁନ୍ଦର ଭାବେ ଉପସ୍ଥାପନ କରିଥିଲେ।

# କୃତ୍ରିମ ବୁଦ୍ଧିମତା ଆଧାରିତ ଉପଯୋଗକାରୀମୁଖୀ ପୁସ୍ତକାଗାର ଉନ୍ନତି ବିଷୟରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ




ବାଲେଶ୍ୱର, ୧୯/୩ (ନି.ପ୍ର): ଫକୀରମୋହନ ବିଶ୍ୱବିଦ୍ୟାଳୟରେ "କୃତ୍ରିମ ବୁଦ୍ଧିମତା ସହିତ ଉପଯୋଗକାରୀମୁଖୀ ପୁସ୍ତକାଗାର ଉନ୍ନତିର ଆଧୁନିକ ପଦ୍ଧତି" ବିଷୟରେ ଦୁଇଦିନିଆ ଜାତୀୟ ସମ୍ମିଳନୀ ଆରମ୍ଭ ହୋଇଛି। ଏହାକୁ ବିଶ୍ୱବିଦ୍ୟାଳୟର ପୁସ୍ତକାଗାର ଓ ସୂଚନା ବିଜ୍ଞାନ ସ୍ନାତକୋତ୍ତର ବିଭାଗ ଓ ଓଡ଼ିଶା ଲାଇବ୍ରେରୀ ଏକାଡେମୀ ମିଳିତଭାବେ ଆୟୋଜନ କରିଛନ୍ତି। ଉଦଘାଟନୀ ସଭାରେ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ନିଜର ମୂଲ୍ୟବାନ ଅଭିଭାଷଣ ପ୍ରଦାନ କରି କହିଥିଲେ ଯେ, 'ଏକ ଅନୁଷ୍ଠାନର ପୁସ୍ତକାଗାର, ଏହାର ମୁଖଶାଳା ହୋଇଥାଏ। ପୁସ୍ତକାଗାର ସମସ୍ତଙ୍କ ପାଇଁ ଜ୍ଞାନ ଆହରଣର ସ୍ଥଳୀ ଭାବେ ପରିଚିତ ହେବା ଆବଶ୍ୟକ'। ଏହି କାର୍ଯ୍ୟକ୍ରମରେ ସ୍ନାତକୋତ୍ତର ପରିଷଦ ଅଧ୍ୟକ୍ଷ ପ୍ରଫେସର ଭାସ୍କର ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନିଜର ଉଦବୋଧନ ରଖିଥିଲେ। ଏଥିସହିତ ଓଡ଼ିଶା ପୁସ୍ତକାଗାର ଏକାଡେମୀ, ଭୁବନେଶ୍ୱର ର ସେକ୍ରେଟେରୀ ଶ୍ରୀ ବିଜୟ କେତନ ପଣ୍ଡା ଓ ଅଧ୍ୟକ୍ଷ ଡ଼କ୍ଟର ବିଭୂତି ଭୂଷଣ ସାହୁ ଛାତ୍ରଛାତ୍ରୀମାନଙ୍କୁ ସମ୍ବୋଧନ କରି, ଆଧୁନିକ ପୁସ୍ତକାଗାର ସେବାରେ କୃତ୍ରିମ ବୁଦ୍ଧିମତାର ଭୂମିକା ବିଷୟରେ ସଂପର୍କରେ ଅବଗତ କରାଇବା ସହ ଏହାର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନେଇ ଆଲୋଚନା କରିଥିଲେ। ଲାଇବ୍ରେରୀ ଓ ଇନଫରମେସନ ସାଇନ୍ସ ବିଷୟର ପାଠ୍ୟକ୍ରମରେ କ୍ୟାରିୟର ଗଠନ, ଉନ୍ନତ ମାନର ଲାଇବ୍ରେରୀ ର ଆବଶ୍ୟକତା ଇତ୍ୟାଦି ସଂପର୍କରେ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ବିଦ୍ୟାସାଗର ବିଶ୍ୱବିଦ୍ୟାଳୟର ପ୍ରଫେସର ଦୁର୍ଗା ଶଙ୍କର ରଥ ଯୋଗଦେଇ, "ପ୍ରଣାଳୀଗତ ସମୀକ୍ଷା ଓ ପ୍ରମାଣ ଆଧାରିତ ଅଧ୍ୟୟନରେ କୃତ୍ରିମ ବୁଦ୍ଧିମତାର ବ୍ୟବହାର" ବିଷୟରେ ନିଜର ଉଦବୋଧନ ଦେଇଥିଲେ। ଏହି ସମ୍ମିଳନୀରେ ଦୁଇଟି ପ୍ରାୟୋଗିକ ଅଧିବେଶନରେ ମୋଟ ୬ଟି ଆମନ୍ତ୍ରିତ ବ୍ୟାଖ୍ୟାନ ଅନୁଷ୍ଠିତ ହେବ। ନାଇଜର ଅନୁଷ୍ଠାନ-ଭୁବନେଶ୍ୱର, ଆଇଆଇଟି-ଖଡ଼ଗପୁର, କଲକତା ବିଶ୍ୱବିଦ୍ୟାଳୟ ଓ ସିଏସଆଇଆର - ଆଇଏମଏମଟି ଭୁବନେଶ୍ୱର ଭଳି ପ୍ରମୁଖ ସଂସ୍ଥାର ଶିକ୍ଷାବିତ୍ ଓ ବିଶେଷଜ୍ଞମାନେ ଯୋଗଦେଇ ମୁଖ୍ୟ ବିଷୟରେ ଆଲୋଚନା କରିବେ। ଦେଶର ବିଭିନ୍ନ ସ୍ଥାନରୁ ଆସିଥିବା ଗବେଷକ ଓ ବ୍ୟବହାରକାରୀମାନଙ୍କ ଦ୍ୱାରା ୫୦ରୁ ଅଧିକ ଗବେଷଣା ପତ୍ର ପ୍ରସ୍ତୁତ କରାଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ସମ୍ମିଳନୀ ନିର୍ଦ୍ଦେଶକ ଡ଼କ୍ଟର ଜଗନ୍ନାଥ ବେହେରା ସ୍ୱାଗତ ଭାଷଣ ଦେଇଥିଲେ। ଏହାପରେ ଆୟୋଜନ ସଚିବ ଡ଼କ୍ଟର ମନୋଜ କୁମାର ଆଚାର୍ଯ୍ୟ ସମ୍ମିଳନୀର ଉଦ୍ଦେଶ୍ୟ ଓ ମୁଖ୍ୟ ଆଲୋଚ୍ୟ ବିଷୟରେ ସରଳ ଭାବେ ଜଣାଇଥିଲେ। ସହାୟକ ଅଧ୍ୟାପକ ବିଶ୍ୱଜିତ ସାହୁ କାର୍ଯ୍ୟକ୍ରମକୁ ସମନ୍ୱୟ କରିଥିଲେ ଓ ଶେଷରେ ସହାୟକ ଅଧ୍ୟାପକ ଚିନ୍ମୟ କୁମାର ଦାସ ଧନ୍ୟବାଦ ଜଣାଇଥିଲେ। ଏହି ସମ୍ମିଳନୀ ପୁସ୍ତକାଗାରଗୁଡ଼ିକୁ ଆଧୁନିକ ପ୍ରଯୁକ୍ତି ସହାୟତାରେ ଉପଯୋଗକାରୀ ମୁଖୀ ଜ୍ଞାନ କେନ୍ଦ୍ରରେ ପରିଣତ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଭାବେ ପରିଗଣିତ ହେବାନେଇ ଆଶାବ୍ୟକ୍ତ କରାଯାଇଛି।

# ଯୁବନେତା ଦେବାଶିଷ ଆଚାର୍ଯ୍ୟ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋନୀତ

ନୀଳଗିରି , ୧୯/୩ (ନି.ପ୍ର): ଓଡ଼ିଶାରାଜ୍ୟ ବିଜେପି ସଭାପତି ମନମୋହନ ସାମଲଙ୍କ ଅନୁମୋଦନ କ୍ରମେ ଭାରତୀୟ ଜନତା ଯୁବମୋର୍ଚ୍ଚାର ରାଜ୍ୟସଭାପତି ଅଭିଲାଷ ପଣ୍ଡା ଆଜି ଭାରତୀୟ ଜନତାପାର୍ଟି ଯୁବମୋର୍ଚ୍ଚା, ଓଡ଼ିଶାର ରାଜ୍ୟପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ସ୍ୱତନ୍ତ୍ର ନିମନ୍ତ୍ରିତ ସଦସ୍ୟ ଏବଂ ବିଭିନ୍ନ ବିଭାଗ ପାଇଁ ସଂଯୋଜକଙ୍କ ନାମ ତାଲିକା ଘୋଷଣା କରିଛନ୍ତି । ଏହି କ୍ରମରେ ନୀଳଗିରି ନିର୍ବାଚନ ମଣ୍ଡଳୀର ନୀଳଗିରିର ଯୁବନେତା ଦେବାଶିଷ ଆଚାର୍ଯ୍ୟଙ୍କୁ ରାଜ୍ୟକାର୍ଯ୍ୟକାରିଣୀ ସଦସ୍ୟଭାବେ ମନୋନୀତ କରଯାଇଛି। ଦେବାଶିଷ ଆଚାର୍ଯ୍ୟ ବାଲେଶ୍ୱର ଜିଲ୍ଲା ଯୁବମୋର୍ଚ୍ଚାର ଉପ ସଭାପତି ଭାବେ ଏବେ କାର୍ଯ୍ୟରତ ଅଛନ୍ତି। ତେବେ ଏହି ଖବରପ୍ରଚାରିତ ହେବାପରେ ବାଲେଶ୍ୱର ତଥା ନୀଳଗିରି ଅଞ୍ଚଳର ବହୁ ସମର୍ଥକ ଦେବାଶିଷ ଆଚାର୍ଯ୍ୟଙ୍କୁ ଶୁଭେଚ୍ଛା ଜଣାଇବା ସହିତ ଦଳପ୍ରତି ସମର୍ପିତ ମନୋଭାବ ରଖି ଆଗକୁ ବଢିବାକୁ ପ୍ରେରଣାଦେଉଥିବା ପରିଲକ୍ଷିତ ହୋଇଛି। ତାଙ୍କ ଉପରେ ଦଳ ଭରଷାକରି ଏହି ଗୁରୁଦାୟିତ୍ୱ ଦେଇଥିବାରୁ ଶ୍ରୀଯୁକ୍ତ ଆଚାର୍ଯ୍ୟ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ,ରାଜ୍ ବିଜେପି ଯୁବମୋର୍ଚ୍ଚା ସଭାପତି ଅଭିଲାଷ ପଣ୍ଡା,ମାନ୍ୟବର ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ,ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା,ନୀଳଗିରି ବିଧାୟକ ସନ୍ତୋଷ ଖଟୁଆଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

### ଚକ୍ରବ୍ୟୁହରେ ଫସିଲା ଆମେରିକାର...

ବୈଦେଶିକ ମନ୍ତ୍ରୀ ଆବାସ ଆରାଘଚି ଇସ୍ରାଏଲ-ପ୍ରଥମେ ଏଜେଣ୍ଡା ପୂରଣ କରିବା ପାଇଁ ନିଜ ନାଗରିକଙ୍କ ଉପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ବୋଝ ଲଦିଛନ୍ତି । କିଛି ଦିନତଳେ ଆରାଘଚି ଯୁଦ୍ଧରେ ସାମିଲ ହେବା ପାଇଁ ଆମେରିକା ଉପରେ କହିଥିଲେ, ଯୁଦ୍ଧରେ ଯୋଗଦେବା ପାଇଁ ଆମେରିକାର ସ୍ପଷ୍ଟ ଉଦ୍ଦେଶ୍ୟ ନାହିଁ ଏବଂ ଇସ୍ରାଏଲର ପ୍ରଧାନମନ୍ତ୍ରୀ ବେଞ୍ଜାମିନ ନେତାନ୍ୟାହୁ ହିଁ ଆମେରିକାକୁ ଏଥିରେ ଟାଣି ନେଇଛନ୍ତି । ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଚାଲିଥିବା ଯୁଦ୍ଧ ଏବେ ଏକ ଭୟଙ୍କର ରୂପ ନେଇଛି । ଇସ୍ରାଏଲ ପ୍ରତିରକ୍ଷା ବାହିନୀ ଦାବି କରିଛି, ଇରାନର ପଶ୍ଚିମ ଭାଗରେ ଥିବା ଏୟାର ଡିଫେନ୍ସ ସିଷ୍ଟମକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଛି । ଏହି ଅପରେସନ୍ ସମୟରେ ହାମାଦାନର ସାନାଯାଜ୍ ବିମାନବନ୍ଦରରେ ଛିଡ଼ା ହୋଇଥିବା ଇରାନର ଶକ୍ତିଶାଳୀ ଏମଆଇ-୧୭ ମିଲିଟାରୀ ହେଲିକପ୍ଟରକୁ ମିସାଇଲ ମାଡ଼ କରି ଧ୍ୱଂସ କରାଯାଇଛି । ଇସ୍ରାଏଲ୍ ବାୟୁସେନା ଅନୁଯାୟୀ, ସେମାନେ ସଠିକ୍ ଗୁପ୍ତଚର ସୂଚନା ଆଧାରରେ ଏହି ଟାର୍ଗେଟ୍ କରିଥିଲେ। ଏହି ଆକ୍ରମଣ ଫଳରେ ଇରାନର ରିଭଲ୍ୟୁସନାରୀ ଗାର୍ଡସ୍ର ସାମରିକ ଶକ୍ତିକୁ ଏକ ଶକ୍ତ ଧକ୍କା ଲାଗିଛି ।

### ସରକାରୀ ...

ସେମାନଙ୍କ ଉପରେ ବସ ମାଡ଼ି ଯିବାରୁ ଘଟଣା ସ୍ଥଳରେ ହିଁ ସେମାନଙ୍କ ମୃତ୍ୟୁ ହୋଇ ଯାଇଥିଲା। ବସ୍‌ର ସାମ୍ନା ପଟ ମଧ୍ୟ ସାମାନ୍ୟ କ୍ଷତିଗ୍ରସ୍ତ ହୋଇଛି। ଖବର ପାଇ ଅଗ୍ନିଶମ ବାହିନୀ ଓ ସୋରଡ଼ା ପୁଲିସ୍ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚି ମୃତଦେହଗୁଡ଼ିକୁ ଜବତ କରିଥିଲା। ମୃତ ଦେହକୁ ଉଦ୍ଧାର କରି ସୋରଡ଼ା ମେଡିକାଲରେ ଭର୍ତ୍ତି କରାଯାଇଛି। ତେବେ ଦୁର୍ଘଟଣାର ପ୍ରତିବାଦ ଓ କ୍ଷତିପୂରଣ ଦାବି ନେଇ ସ୍ଥାନୀୟ ଲୋକମାନେ ଘଟଣା ସ୍ଥଳରେ ବେଶ କିଛି ସମୟ ରାସ୍ତା ରୋକ କରିଥିଲେ। ଏହାକୁ ନେଇ ଘଟଣା ସ୍ଥଳରେ କିଛି ସମୟ ପାଇଁ ଚାପା ଉତ୍ତେଜନା ମଧ୍ୟ ଦେଖିବାକୁ ମିଳିଥିଲା। ପୁଲିସ୍ ଉତ୍ତ୍ୟକ୍ତ ଲୋକଙ୍କୁ ଦୀର୍ଘ ସମୟ ଧରି ବୁଝାସୁଝା କରିବା ପରେ ସ୍ଥିତି ନିୟନ୍ତ୍ରଣକୁ ଆସିଛି। ଅନ୍ୟପକ୍ଷରେ ହସ୍ପିଟାଲରେ ଥିବା ମୃତଦେହକୁ ଆସନ୍ତାକାଲି ସକାଳେ ବ୍ୟବଚ୍ଛେଦ କରାଯିବ। ବ୍ୟବଚ୍ଛେଦ ହେବା ପରେ ମାଣିଆକାଟିରେ ରହୁଥିବା ୩ ଯୁବକଙ୍କ ପରିବାର ଲୋକଙ୍କୁ ମୃତଦେହ ହସ୍ତାନ୍ତର କରାଯିବ ବୋଲି ଜଣାପଡ଼ିଛି। ଦୁର୍ଘଟଣାରେ ଗାଁର ୩ ଯୁବକ ପ୍ରାଣ ହରାଇବା ପୂରା ଅଞ୍ଚଳରେ ଶୋକର ଛାୟା ଖେଳାଇ ଦେଇଛି।

### ଓଡ଼ିଶାର ମାଟି ତଳେ ଲୁଚିଛି ...

ସ୍ଥାନରୁ ଅଳ୍ପ କିଛି ହୀରା ପାଇଥିବା ଚର୍ଚ୍ଚା ହୋଇଥିଲା । ପରେ ପ୍ରଶାସନର କଟକଣା ସହ ସେହି ଅଞ୍ଚଳରେ ସର୍ଭେ କାମ କିଛି ବର୍ଷ ହେବ ବନ୍ଦ ରହିଛି । ତେବେ ଆଜି ପୁଣି ସରକାର ହୀରା ଖଣି ପ୍ରସଙ୍ଗ ଉଠାଇବା ସହ ଏହାର ବୈଷୟିକ, ଅର୍ଥନୈତିକ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମୂଲ୍ୟାୟନ କାର୍ଯ୍ୟ ଚାଲୁଅଛି ବୋଲି ଜଣାଇଛନ୍ତି । ଫଳରେ ଚାଷବାସ କରି ଚଳୁଥିବା ଏହି ଲୋକଙ୍କ ମନରେ ନୂଆ ଆଶା ସଞ୍ଚାର ହୋଇଛି ।

### ୩ ଦିନ ଧରି ଅଚଳ...

ଆଗକୁ ଆଉ କାହାର ମୁଣ୍ଡ ଗଡ଼ିବ ? ସେନେଇ ନାନା ଚର୍ଚ୍ଚା ଭିତରେ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ଆଡ଼କୁ ବି ଅଙ୍ଗୁଳି ଉଠିଛି। ଏଣେ ଏସସିବି ନିଆଁକୁ ନେଇ ପଲିଟିକାଲ୍ ମୈଦାନରେ ଥମୁନି ଘମାସାନ, ଜାରି ରହିଛି ସରକାର ବିରୋଧୀ ବୟାନବାଜି। ରାଜ୍ୟସଭା ସାଂସଦ ସଂତୃପ୍ତ ମିଶ୍ର ଝଉଇକୁ ଯାଇ ଘଟଣାସ୍ଥଳ ପରିଦର୍ଶନ କରିବା ସହ ଆଇସିୟୁ ଭଳି ଗୁରୁତ୍ୱପୂର୍ଣ୍ଣ ଜାଗାରେ ଇମର୍ଜେନସୀ ଏଗଜିଟ୍ ବ୍ୟବସ୍ଥା ନଥିବା ଅଭିଯୋଗ ଆଣିବା ସହ ମେଡ଼ିକାଲ କର୍ତ୍ତୃପକ୍ଷଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଣେ ଆଜିକୁ ୩ଦିନ ହେଲା ବିଧାନସଭାରେ ଅସ୍ଥିରତା। ଝଉଇ ଅଗ୍ନିକାଣ୍ଡରେ ତଳତଳିଆ ନୁହେଁ ବରଂ ସ୍ୱାସ୍ଥ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କରି ଉଭୟ ବିଜେଡି ଏବଂ କଂଗ୍ରେସ ଗୃହରେ ହଙ୍ଗାମା କରିବାରୁ ଆଜି ବି ଅଚଳ ହୋଇଛି ଗୃହ। ବିଜେଡି କହିଛି, ଆମ ସରକାରବେଳେ ଏକ ଘରୋଇ ହସ୍ପିଟାଲ ଅଗ୍ନିକାଣ୍ଡରେ ସ୍ୱାସ୍ଥ୍ୟମନ୍ତ୍ରୀ ଇସ୍ତଫା ଦେଇଥିଲେ, ମାଲିକ ବି ଗିରଫ ହୋଇଥିଲେ। ତେଣୁ ବର୍ତ୍ତମାନର ସ୍ୱାସ୍ଥ୍ୟମନ୍ତ୍ରୀ ନୀତି ଓ ନୈତିକତା ଦୃଷ୍ଟିରୁ ପଦ ଛାଡ଼ନ୍ତୁ ଏବଂ ମେଡ଼ିକାଲ୍ ଅଧକ୍ଷ ବି ଗିରଫ ହୁଅନ୍ତୁ। ନଚେତ ଗୃହରେ ପ୍ରତିବାଦ ଜାରି ରହିବ। ଜବାବରେ ବିଜେପି କହିଛି, ନିଜ ବିଫଳତାକୁ ଲୁଚାଇବାକୁ ଯାଇ ମିଛ ଡ୍ରାମା କରୁଛନ୍ତି ବିରୋଧୀ। ବିଜୁ-ନବୀନ ଫାଉଣ୍ଡେସନ କଥାକୁ ଲୁଚାଇବା ପାଇଁ ବିଜେଡି ମିଛ ସୁଆଙ୍ଗ କରୁଛି। ଆଜି ଝଉଇ ନିଆଁ ସହ ମେଡ଼ିକାଲରେ ରୋଗୀ ସୁରକ୍ଷା ପ୍ରସଙ୍ଗରେ ମୁଲତବୀ ପ୍ରସ୍ତାବ ଥିଲା, ସ୍ୱାସ୍ଥ୍ୟମନ୍ତ୍ରୀ ଉତ୍ତର ରଖିଥାନ୍ତେ। କିନ୍ତୁ ବିଜେଡ଼ି ଓ କଂଗ୍ରେସ ଗୃହ ଚଳାଇବା ମାନସିକତାରେ ନାହାଁନ୍ତି। ତେଣେ ରାଜ୍ୟର ସବୁ ମେଡିକାଲ କଲେଜ ଏବଂ ହସ୍ପିଟାଲ ଗୁଡ଼ିକରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା ଏବଂ ବୈଦ୍ୟୁତିକ ସୁରକ୍ଷା ଯାଞ୍ଚ ପାଇଁ ନିର୍ଦ୍ଦେଶ ଜାରି କରିଛି ପୂର୍ତ୍ତ ବିଭାଗ। କୌଣସି ତ୍ରୁଟି ଥିଲେ ତୁରନ୍ତ ସଜାଡ଼ିବାକୁ ପୂର୍ତ୍ତ ବିଭାଗ, କୋଠାବାଡ଼ି ମୁଖ୍ୟଯନ୍ତ୍ରୀଙ୍କୁ ନିର୍ଦ୍ଦେଶ ଦେଇଛି।

### ହକ୍ ପାଇଁ ଲୋୟର...

ଚଳିବା କଷ୍ଟକର ହେଲାଣି । ଦରମା ବଢାଇବା ସହ ବାକି ଦରମା ଦାବି କରି ଭୁବନେଶ୍ୱରରେ ଧାରଣାରେ ବସିଛନ୍ତି ପାଚିକା । ବୁଧବାର ଠାରୁ ବିଧାନସଭା ସମ୍ମୁଖ ଲୋୟର ପିଏମଜିରେ ଅହୋରାତ୍ର ଧାରଣା ଦେଇଛନ୍ତି । ରାସ୍ତାରେ ହିଁ ବିତୁଛି ରାତି ଆଉ ଭୀଷଣ ଗରମରେ ଦିନ ତମାମ ବସିଛନ୍ତି ପାଚିକାମାନେ । ହୋଟେଲରୁ କିଣି ଖାଇବା ସମ୍ଭବ ହେଉନଥିବାରୁ କିଏ ସାଥିରେ ପଖାଳ ଓ ମୁଢି ଧରି ଆସିଛି ତ ଆଉ କିଏ ତୋରାଣି ପିଇ ଓ ମୁଢି ଖାଇ ଧାରଣାରେ ବସିଛନ୍ତି । ଗତବର୍ଷ ବି ଏଭଳି ଧାରଣାରେ ବସିଥିଲେ ପାଚିକାମାନେ । ନୂଆ ବର୍ଷରେ ନୂଆ ବ୍ୟବସ୍ଥା ହେବ ବୋଲି ପ୍ରତିଶ୍ରୁତି ପାଇଥିଲେ । କିନ୍ତୁ ପ୍ରତିଶ୍ରୁତି କେବଳ ପ୍ରତିଶ୍ରୁତିରେ ରହିଯାଇଥିବାରୁ ସରକାରଙ୍କୁ ଘେରିଛି ବିରୋଧୀ ବିଜେଡି । ପାଚିକାଙ୍କ ଦାବି କେବେ ପୂରଣ ହେବ ? ସେ ଉତ୍ତର କାହାରି ପାଖରେ ନାହିଁ । କିନ୍ତୁ ସରକାର ନଶୁଣିଲେ ଧାରଣାସ୍ଥଳ ନଛାଡିବାକୁ ନିଷ୍ପତ୍ତି ନେଇଛନ୍ତି ପାଚିକା ସଂଘ ।

### ଋଣଭାରରେ...

ଧାରା ଆମେରିକୀୟମାନଙ୍କୁ ଲାଭଦାୟକ କରିବ ନାହିଁ । ଭବିଷ୍ୟତରେ ସେମାନେ ଆହୁରି କଠୋର ଆର୍ଥିକ ନିଷ୍ପତ୍ତିର ସମ୍ମୁଖୀନ ହୋଇପାରନ୍ତି । ଆମକୁ ଏହି ଚିନ୍ତାଜନକ ଅଭିବୃଦ୍ଧି ହାର ଏବଂ ଏହା ପରବର୍ତ୍ତୀ ପିଢ଼ି ଉପରେ ପକାଇବ ପ୍ରଚୁର ଆର୍ଥିକ ବୋଝକୁ ଚିହ୍ନିବାକୁ ପଡିବ ବୋଲି ଆମେରିକାର ଦୀର୍ଘକାଳୀନ ଆର୍ଥିକ ଚ୍ୟାଲେଞ୍ଜ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ କାର୍ଯ୍ୟ କରୁଥିବା ଏକ ଅଣଲାଭକାରୀ ସଂଗଠନ ପିଟର ଜି. ପିଟରସନ ଫାଉଣ୍ଡେସନର ଅଧ୍ୟକ୍ଷ ଏବଂ ସିଇଓ ମାଇକେଲ ପିଟରସନ ଏକ ବିବୃତିରେ କହିଛନ୍ତି । ଏହା ଆମେରିକା ପାଇଁ ଚିନ୍ତାର ବିଷୟ । ରିପବ୍ଲିକାନ୍ ଏବଂ ଡେମୋକ୍ରାଟିକ୍ ରାଷ୍ଟ୍ରପତିଙ୍କ ଅଧୀନରେ ସଂଘୀୟ ଋଣ ଯଥେଷ୍ଟ ବୃଦ୍ଧି ପାଇଛି । ଆମେରିକାର ଋଣରେ ସମ୍ପ୍ରତି ବୃଦ୍ଧିର ମୁଖ୍ୟ କାରଣ ହେଉଛି ଯୁଦ୍ଧ, କୋଭିଡ଼-୧୯ ମହାମାରୀ ସମୟରେ ବିପୁଳ ଖର୍ଚ୍ଚ ଏବଂ ଗୁରୁତ୍ୱପୂର୍ଣ୍ଣ ଟିକସ ହ୍ରାସ । ପାଞ୍ଚ ମାସ ପୂର୍ବେ, ଆମେରିକାର ଋଣ ୩୮ ଟ୍ରିଲିୟନ ଡଲାରରେ ପହଞ୍ଚିଥିଲା, ଯାହା ମାତ୍ର ଦୁଇ ମାସ ପୂର୍ବେ ୩୭ ଟ୍ରିଲିୟନ ଡଲାର ଥିଲା । ପିଟରସନ୍ ଦାବି କରନ୍ତି, ବର୍ତ୍ତମାନର ଅଭିବୃଦ୍ଧି ହାରରେ, ଚଳିତ ବର୍ଷର ନିର୍ବାଚନ ପୂର୍ବରୁ ଆମର ଜାତୀୟ ଋଣ ଆଶ୍ଚର୍ଯ୍ୟଜନକ ଭାବରେ ୪୦ ଟ୍ରିଲିୟନ ଡଲାରରେ ପହଞ୍ଚିବ । ହ୍ୱାଇଟ୍ ହାଉସର ଅର୍ଥନୈତିକ ପରାମର୍ଶଦାତା କେଭିନ୍ ହାସେଟ୍ ସମ୍ପ୍ରତି ଆକଳନ କରିଛନ୍ତି ଯେ ଇରାନ ସହିତ ଚାଲିଥିବା ଯୁଦ୍ଧ ପାଇଁ ଆମେରିକାକୁ ଏପର୍ଯ୍ୟନ୍ତ ୧୨ ବିଲିୟନ ଡଲାରରୁ ଅଧିକ କ୍ଷତି ସହିବାକୁ ପଡ଼ିଛି । ଏହି ଯୁଦ୍ଧ କେବେ ଶେଷ ହେବ ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ନୁହେଁ । ହ୍ୱାଇଟ୍ ହାଉସର ମୁଖପାତ୍ର କୁଶ ଦେଶାଇ ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱିତୀୟ କାର୍ଯ୍ୟକାଳର ପ୍ରଥମ ବର୍ଷରେ ସଂଘୀୟ ନିଅଣ୍ଟ ହ୍ରାସ କରିବାକୁ ସଙ୍କେତ ଦେଇଛନ୍ତି । ଆମେରିକାର ଟ୍ରେଜେରୀ ବିଭାଗର ଆର୍ଥିକ ତଥ୍ୟ ୱେବସାଇଟ୍ ଅନୁଯାୟୀ, ୨୦୨୫ ଆର୍ଥିକ ବର୍ଷରେ ମୋଟ ସରକାରୀ ଖର୍ଚ୍ଚ ୭.୦୧ ଟ୍ରିଲିୟନ ଡଲାର ଥିଲା । ଯେତେବେଳେ ରାଜସ୍ୱ ମାତ୍ର ୫.୨୩ ଟ୍ରିଲିୟନ ଡଲାର ଥିଲା । ଏହା ଫଳରେ ଆମେରିକାର ନିଅଣ୍ଟ ୧.୭୮ ଟ୍ରିଲିୟନ ଡଲାର ହୋଇଥିଲା, ଯଦିଓ ଏହା ପୂର୍ବ ଆର୍ଥିକ ବର୍ଷ ତୁଳନାରେ ୪୧ ବିଲିୟନ ଡଲାର କମ୍ ଥିଲା ବୋଲି ସେ କହିଛନ୍ତି ।

### ପାକିସ୍ତାନରେ ପ୍ରକୃତିର...

ପଡ଼ିବାରୁ ଅନେକ ଲୋକଙ୍କର ମୃତ୍ୟୁ ହୋଇଛି ବୋଲି ଅଧିକାରୀମାନେ କହିଛନ୍ତି। ବଲଦିଆ ଟାଉନର ମାଓ୍ୱାଚ ଗୋଥ ଅଞ୍ଚଳରେ ଏକ ଭୁଶୁଡ଼ି ପଡ଼ିଥିବା କୋଠାର ଭଗ୍ନାବଶେଷରୁ ଉଦ୍ଧାରକାରୀମାନେ ଏପର୍ଯ୍ୟନ୍ତ ୧୩ ଜଣଙ୍କ ମୃତଦେହ ଉଦ୍ଧାର କରିଛନ୍ତି। ଭଗ୍ନାବଶେଷ ତଳେ ଫସି ରହିଥିବା ଅଧିକ ଲୋକଙ୍କୁ ଖୋଜିବା ପାଇଁ ସନ୍ଧାନ ଅଭିଯାନ ଚାଲିଛି। ସେବାର ଜଣେ ମୁଖପାତ୍ର କହିଛନ୍ତି ଯେ ପ୍ରାରମ୍ଭିକ ରିପୋର୍ଟରୁ ଜଣାପଡିଛି, ଲୋକମାନେ ବର୍ଷାରୁ ଆଶ୍ରୟ ନେବା ପାଇଁ କୋଠା ତଳେ ଏକାଠି ହୋଇଥିଲେ। ମୃତକଙ୍କ ମଧ୍ୟରୁ ଅଧିକାଂଶ ନିଶାଗ୍ରସ୍ତ ଥିଲେ। ସିନ୍ଧ ମୁଖ୍ୟମନ୍ତ୍ରୀ ଜିଲ୍ଲା ପ୍ରଶାସନ ଏବଂ ଜରୁରୀକାଳୀନ ସେବାକୁ ତୁରନ୍ତ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି ଏବଂ ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ସମସ୍ତ ଉପଲବ୍ଧ ସମ୍ବଳ ବ୍ୟବହାର କରାଯିବା ଉପରେ ଗୁରୁତ୍ୱାରୋପ କରିଛନ୍ତି।

# ଭିଡିଓ କରି ଜୀବନ ହାରିଲେ ଯୁବକ

ଭୁବନେଶ୍ୱର, ୧୯/୩ (ନି.ପ୍ର): ପୋଲିସ ଗିରଫ ଭୟ ଓ ନ୍ୟାୟ ଆଶାରେ ଜଣେ ଯୁବକ ଆତ୍ମହତ୍ୟା କରିଥିବା ଅଭିଯୋଗ ହୋଇଛି। ମୃତ୍ୟୁ ପୂର୍ବରୁ ଶେଷ ଭିଡିଓ କରି ଯୁବକ ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକଙ୍କ ନାଁ ଶୁଧାଂଶୁ ଭୂଷଣ ବେହେରା । ଘର କଟକ ମଧୁପାଟଣା ଥାନା ଅନ୍ତର୍ଗତ କଲ୍ୟାଣୀ ନଗର ଅଂଚଳରେ। କିଛିଦିନ ତଳେ ଜଣେ ଯୁବତୀଙ୍କ ବିରୋଧରେ ଅଭିଯୋଗ ଆଣି ଗଣମାଧ୍ୟମରେ ପ୍ରତିକ୍ରିୟା ରଖିଥିଲେ ମୃତ ଯୁବକ। ପ୍ରେମିକା ତାଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟିବା ପରେ ଛାଡି ଚାଲିଯାଇଥିଲେ ।

# ବାଲି ଚୋରା ଚାଲାଣ ବେଳେ ପୁଲିସର ଚଢ଼ାଉ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ

ବାଲିଆପାଳ , ୧୯/୩ (ନି.ପ୍ର): ଯେତେ ଜଗିଲେ ବି ସାବାଡ଼ ହେଉନାହାନ୍ତି ବାଲି ମାଫିଆ ।ସୁବର୍ଣ୍ଣରେଖା ନଦୀରୁ ବାଲି ଉତ୍ତୋଳନ କରି ଚୋରା ଚାଲାଣ ବେଳେ ପୁଲିସ ଚଢ଼ାଉ କରିଛି । ଗୋଟିଏ ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି । ବାଲେଶ୍ୱର ଜିଲ୍ଲା ବାଲିଆପାଳ ତହସିଲ ଅନ୍ତର୍ଗତ ଚଡବଡାପାଳ , ଛୋଟ କାନପୁର ଅଂଚଳରେ ମାଫିଆମାନେ ଦିନ ରାତି ବାଲି ଉତ୍ତୋଳନ କରି ପଶ୍ଚିମବଙ୍ଗକୁ ଚୋରାଚାଲଣ କରୁଛନ୍ତି। ମାସକୁ କୋଟି କୋଟି ମୋଟା ଅଙ୍କର ଅର୍ଥ ଉପାର୍ଜନ କରୁଛନ୍ତି ମାଫିଆ। ଆଜି ଭୋର ସମୟରେ ଟ୍ରାକ୍ଟରରେ ବାଲି ଚୋରା ଚାଲାଣ ହେଉଥିଲା ବେଳେ ବାଲିଆପାଳ ପୋଲିସ ଚଢ଼ାଉ କରିଥିଲା। ଚଢ଼ାଉ ସମୟରେ ଗୋଟିଏ ବାଲି ବୋଝେଇ ଟ୍ରାକ୍ଟରରେ କୌଣସି ଅରିଜିନାଲ କାଗଜପତ୍ର ନଥିବାରୁ ସେଗୁଡିକୁ ଜବତ କରି ଅଧିକ ତଦନ୍ତ ଜାରି ରଖିଛି ପୋଲିସ। ଏପଟେ ସୁବର୍ଣ୍ଣରେଖା ନଦୀ ରେ ବାଲି ଚାଲାଣ ପଛରେ ଖଣି ଅଧିକାରୀ ସମ୍ପୃକ୍ତି ବଡ଼ ଅଭିଯୋଗ। ଯେତେବେଳେ ବାଲି ମାଫିଆ ମାନେ ଲୁଟୁ ଥିଲେ ଆଖି ବନ୍ଦ କରିଦେଇଥିଲେ ଖଣି ଅଧିକାରୀ ମାନେ। ଜିଲ୍ଲାପାଳ ଖଣି ଅଧିକାରୀଙ୍କୁ ଅବଗତ କରି ଥିଲେ ମଧ ଏ ପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। ଜିଲ୍ଲାପାଳଙ୍କୁ ଆଦେଶ ମାନି ନଥିଲେ ଖଣି ଅଧିକାରୀ ମାନେ।ପିସି ନେଇ ବାଲି ଚୋରିକୁ ଦେଉଥିଲେ ପ୍ରୋତ୍ସାହନ ।ରେଡ଼ ପୂର୍ବରୁ ମାଫିଆଙ୍କୁ ଦେଇ ଦେଉଥିଲେ କି ଖବର। କାହା ଛତ୍ରଛାୟାରେ କରୁଥିଲେ କଳା କାରନାମା। ବାରମ୍ବାର ବାଲି ଚାଲାଣ ହେଉଥିଲା ଖଣି ଅଧିକାରୀ ମାନେ ଥରୁଟିଏ ବି ରେଡ଼ କରିନଥିଲେ।ନା ମନିଟରି କରିଥିଲେ ସେଇଥିପାଇଁ ପୋଲିସ ରେଡ଼ କଲା ଖଣି ଅଧିକାରୀ ମାନଙ୍କୁ ଜଣାଇ ନଥିଲେ।କୋଟି କୋଟି ଟଙ୍କା ବାଲି ଚାଲାଣ ପଛରେ ଖଣି ଅଧିକାରୀ ମାନଙ୍କ ସମ୍ପୃକ୍ତି ଅଭିଯୋଗ ଆସୁଛି। ଖଣି ଅଧିକାରୀ ମାନଙ୍କ କଣ କାର୍ଯ୍ୟାନୁଷ୍ଠାନ ହେବ ସମସ୍ତଙ୍କ ନଜର ରହୁଛି। ପୁରା ମାଫିଆଙ୍କୁ ଛତ୍ରଛାୟା ରଖି ଥିଲେ କି ଖଣି ଅଧିକାରୀ।

## ପୁଣି ଡକ୍ଟରେଟ ପାଇଲେ ସମାଜସେବୀ ଅମର କୁମାର ପାଳ

ବସ୍ତା , ୧୯/୩ (ନି.ପ୍ର): ଦୀର୍ଘ ୩୨ ବର୍ଷ ଧରି ସମାଜ ସେବାରେ ନିଜର ଜୀବନକୁ ଉତ୍ସର୍ଗ କରିଥିବା ବାଲେଶ୍ୱର ଜିଲ୍ଲାର ବସ୍ତା ବ୍ଲକ୍ ଅନ୍ତର୍ଗତ ସାନ ଖୁଡି ଗ୍ରାମରେ ଡକ୍ଟର ଅମର କୁମାର ପାଳଙ୍କୁ ଆମେରିକାନ୍ ମେରିଟ୍ କାଉନ୍ସିଲ୍ (ଆମେରିକା ମେରିଟ କାଉନସିଲ) ତରଫରୁ ସମ୍ମାନ ସୂଚକ ଡକ୍ଟରେଟ ଉପାଧି ପ୍ରଦାନ କରାଯାଇଛି। ଏହା ଶ୍ରୀଯୁକ୍ତ ପାଳଙ୍କର ଦ୍ୱିତୀୟ ଡକ୍ଟରେଟ। ଏଠାରେ ଉଲ୍ଲେଖଯୋଗ୍ୟ ଶ୍ରୀଯୁକ୍ତ ପାଳ ସମାଜରେ ଚିର ଅବହେଳିତ ଦିବ୍ୟାଙ୍ଗ ମାନଙ୍କର ଶିକ୍ଷା, ଚିକିତ୍ସା, ପୁନର୍ବାସ ଓ ସାମାଜିକ ପ୍ରତିଷ୍ଠା ନିମନ୍ତେ ନିଜସ୍ୱ ସଂଗଠନ 'ଆଶା' ମାଧ୍ୟମରେ ଓଡ଼ିଶାର ବହୁ ଜିଲ୍ଲାରେ କାର୍ଯ୍ୟ କରିବା ସହିତ ଓଡ଼ିଶା ସରକାର ଙ୍କ ଦ୍ୱାରା ପ୍ରଶଂସିତ ହୋଇଛନ୍ତି। ଏଥି ନିମିତ୍ତ ମଥାନୀ ସେବା ସମବାୟ ସମିତିର ସଭାପତି ଶ୍ରୀଯୁକ୍ତ କିଶୋର କୁମାର ପାଳ. ପୂର୍ବତନ ସରପଞ୍ଚ ଶ୍ରୀଯୁକ୍ତ ଅନୀଲ କୁମାର ମହାପାତ୍ର , ଦିଲ୍ଲୀପ କୁମାର ମହାପାତ୍ର, ରାଧା ଶ୍ୟାମ ମହାଳିକ, ଲକ୍ଷ୍ମୀ ବାସନ୍ତୀ ମୂକ ଓ ବଧିର ସ୍ୱତନ୍ତ୍ର ଆବାସିକ ବିଦ୍ୟାଳୟର ଅଧକ୍ଷା ଶ୍ରୀମତୀ ଅପରା ଜିତା ସେନାପତି, ସମସ୍ତ ଶିକ୍ଷକ, ଅଣଶିକ୍ଷକ ତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପଥ ଉତ୍ସବ ମାଧ୍ୟମରେ ହିନ୍ଦୁ ନବବର୍ଷ ପାଳିତ




ବାଲେଶ୍ୱର, ୧୯/୩ (ନି.ପ୍ର): ଆଜି ଚୈତ୍ର ଶୁକ୍ଳ ପ୍ରତିପଦ ସୃଷ୍ଟିର ପ୍ରାରମ୍ଭ ଦିବସକୁ ହିନ୍ଦୁ ନବବର୍ଷ ଭାବରେ ହୋଲିଷ୍ଟିକ ହିଲିଙ୍ଗ ଯୋଗ ଶିକ୍ଷା କେନ୍ଦ୍ର ବାଲେଶ୍ୱର ତରଫରୁ ଫକୀରମୋହନ ମୋହନ ଗୋଲେଇ ନିକଟସ୍ଥ ୬ ନମ୍ବର ମଣ୍ଡପରେ ପାଳିତ ହୋଇ ଯାଉଛି। ଏହି ପଥ ଉତ୍ସବକୁ ହିନ୍ଦୁ ନବବର୍ଷ କମିଟି ବାଲେଶ୍ୱର ତରଫରୁ ଆୟୋଜନ କରାଯାଇଥିଲା। ନିମନ୍ତ୍ରିତ ଅନୁଷ୍ଠାନ ଭାବରେ ଏଥିରେ ଯୋଗ ଦେଇ ବ୍ରାହ୍ମ ମୁହୂର୍ତ୍ତରୁ ବେଦପାଠ ଓଁ ଆରମ୍ଭ କରି ପ୍ରାଣାୟାମ, ଆସନ, ହାସ୍ୟାସନ ଇତ୍ୟାଦି ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠାନର ୮୦ବର୍ଷର ସାଧକ ସାଧିକା ଠାରୁ ୧୮ ବର୍ଷର ଯୁବ ସାଧକ ସାଧିକା ଏଥିରେ ଅଂଶ ଗ୍ରହଣ କରିଥିଲେ । ହିରଣ୍ୟ କଶ୍ୟପବଦ୍ଧ, ମହିଷାସୁର ବଦ୍ଧ, ଆରାଧନା ମେଢ଼, କାଳୀ ମେଢ଼, ଅର୍ଦ୍ଧଚକ୍ର, ସାଇକେଲ ଚାଳନା, ଦମ୍ପତିମାନଙ୍କର ଯୁଗ୍ମ ଆସନ ପ୍ରଭୃତି ଭିନ୍ନ ଭିନ୍ନ ଆସନ ମାଧ୍ୟମରେ ଅତି ଚମତ୍କାର ଭାବରେ ସମସ୍ତେ ପରିବେଷଣ କରିଥିଲେ । ପ୍ରଥମେ ଅନୁଷ୍ଠାନର ସଭାପତି ଡ. ଜୟସ୍ମିତା ନାୟକ ଯୋଗ ପ୍ରଦର୍ଶନୀକୁ ଉଦ୍‌ଘାଟନ କରିଥିଲେ ସାଧାରଣ ସମ୍ପାଦକ ଶ୍ରୀ ଚଞ୍ଚନ କୁମାର ସାହୁ ସହ ସମ୍ପାଦକ ଶ୍ରୀ ଧ୍ରୁବ ଚରଣ ବେହେରା, କୋଷାଧକ୍ଷ ଶ୍ରୀ ସୂର୍ଯ୍ୟ ନାରାୟଣ ପୋଥାଳ ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ଯୁଗ୍ମ ସମ୍ପାଦିକା ଶ୍ରୀମତୀ ସୁଶ୍ରୀ ସଙ୍ଗିତା ଦାସ କାର୍ଯ୍ୟକ୍ରମକୁ ସୂତ୍ରଧର ହିସାବରେ ଅତି ସୁରୁଖୁରୁରେ ପରିଚାଳନା କରିଥିଲେ। ଶ୍ରୀମତୀ ଅର୍ଚ୍ଚନା କର, ଶ୍ରୀମତୀ ସୁଜାତା ପଣ୍ଡା ଓ ଅନ୍ୟମାନେ ସଂଗୀତ ପରିବେଷଣ କରିଥିଲେ ।ଶେଷରେ ନାଚ ଗୀତ ମାଧ୍ୟମରେ କାର୍ଯ୍ୟକ୍ରମକୁ ସମାପନ କରାଯାଇଥିଲା । ଏଥିରେ ଅତିଥି ଭାବରେ କର୍ଣ୍ଣେଲ କ୍ଷେତ୍ର ମୋହନ ମହାପାତ୍ର ଓ ଶ୍ରୀ ସଞ୍ଜୟ ମହାପାତ୍ର ଯୋଗ ଦେଇଥିଲେ ।

## ରାସ୍ତା ଦୁର୍ଘଟଣାରେ କବି ଜୟନ୍ତୀ ବିଶ୍ୱାଳ ବେହୁରିଆ ଗୁରୁତର: କଟକରେ ଚିକିତ୍ସାଧୀନ



ବାଲେଶ୍ୱର, ୧୯/୩ (ନି.ପ୍ର): ରାସ୍ତା ଦୁର୍ଘଟଣାରେ କବୀ ଜୟନ୍ତୀ ବିଶ୍ୱାଳ ବେହୁରିଆ ଗୁରୁତର ଭାବେ ଆହତ ହୋଇଛନ୍ତି ।ଗତ ବୁଧବାର ଦିନ ୨ଟା ସମୟରେ ଓରିପ୍ଲାଷ୍ଟ ସାମ୍ନା ରାସ୍ତାରେ ଏହି ଦୁର୍ଘଟଣା ଘଟିଥିବା ବେଳେ ତାଙ୍କୁ ଧକ୍କା ଦେଇଥିବା କାରଟି ଦୁର୍ଘଟଣା ପରେ ଫେରାର୍ ହୋଇଯାଇଥିବା ଜଣାଯାଇଛି ।ଦୁର୍ଘଟଣାରେ କବୀ ଜୟନ୍ତୀଙ୍କର ବାମହାତ ଓ ଡାହାଣ ପଟ ମୁଣ୍ଡରେ ଗୁରୁତର ଆଘାତ ଲାଗିଥିବା ବେଳେ ତାଙ୍କୁ ସେଇ ବୁଧବାର ଦିନ ରାତିରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି ।ତେବେ ଦୁର୍ଘଟଣାର ଦୁଇଦିନ ବିତିଯାଇଥିଲେ ମଧ ଜୟନ୍ତୀଙ୍କର ଦୁର୍ଘଟଣାରେ କ୍ଷତିଗ୍ରସ୍ତ ହୋଇଥିବା ତାଙ୍କ ସ୍କୁଟି ନଂ (ଓଡି୦୧ଏବି ୨୪୪୧) ସେଇ ଦୁର୍ଘଟଣା ସ୍ଥଳରେ ଥିବା ସତ୍ତ୍ୱେ ପୋଲିସ ଏଯାବତ୍ କୌଣସି ତଦନ୍ତ କରିନଥିବା ଜଣାଯାଇଛି । ସହରର ମୁଖ୍ୟ ରାସ୍ତାରେ ଏଭଳି ଦୁର୍ଘଟଣାକୁ ଏଯାବତ୍ ତଦନ୍ତ କରାନଯିବା ଦୁର୍ଘଟଣାର ବିଷୟ। ଜୟନ୍ତୀଙ୍କ ସ୍ୱାସ୍ଥ୍ୟବସ୍ଥା ସ୍ଥିର ରହିଥିବାବେଳେ ଏହି ଖବର ପାଇ ବାଲେଶ୍ୱର ସମେତ ରାଜ୍ୟର ବିଭିନ୍ନ ପ୍ରାନ୍ତରରୁ ଲେଖକ ଲେଖିକା ମାନେ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି।

## ସାଧୁ ସନ୍ଥ ଓ ଗୋପୂଜ ରାମ ନବମୀ ଓ ରାଷ୍ଟ୍ରୀୟ ହିନ୍ଦୁ ନବ ବର୍ଷ ଅବସରରେ ମୋଟରସାଇକେଲ ରାଲି



ଭଦ୍ରକ, ୧୯/୩ (ନି.ପ୍ର): ଶ୍ରୀରାମମହାଜଙ୍କ ସମିତି ପକ୍ଷରୁ ସାଧୁ ସନ୍ଥ ଓ ଗୋ ପୂଜନ କାର୍ଯ୍ୟକ୍ରମ ସହ ବିଶାଳ ମୋଟର ସାଇକେଲ ଶୋଭାଯାତ୍ରା ଅନୁଷ୍ଠିତ। ଏହି ଅବସରରେ ଆଜି ସ୍ଥାନୀୟ ଗାନ୍ଧୀ ପଡିଆ ପରିସରରୁ ଏକ ମଟର ସାଇକେଲ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରିବା ସହ ନଳାଙ୍ଗ ସ୍ଥିତ ହାସନପୁର ରାମ ମନ୍ଦିର ନିକଟରେ ପହଂଚି ଗୋ ପୂଜନ କରା ଯିବା ସହ ସାଧୁ ସନ୍ଥଙ୍କୁ ପୂଜା ଅର୍ଚ୍ଚନା କରା ଯାଇଛି। ଏହି ଗୋ ପୂଜଜ କାର୍ଯ୍ୟକ୍ରମ ରେ ଜିଲ୍ଲା ତଥା ଜିଲ୍ଲା ବାହାରୁ ସତାଦିକ ସାଧୁ ସନ୍ତ ସାମିଲ ହୋଇଥିବା ବେଳେ ହଜାର ହଜାର ରାମ ଭକ୍ତ ମାନେ ବାଇକ ଶୋଭାଯାତ୍ରା ରେ ସାମିଲ ହୋଇଥିଲେ। ମନମୋହନ ସାମଲ ରାଜ୍ୟ ବିଜେପିସଭାପତି ସାଧୁସନ୍ଥମାନେ ଶୋଭା ଯାତ୍ରାରେ ସାମିଲି ଥିଲେ।

## ଜଳେଶ୍ୱରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ପାଳନ

ଜଳେଶ୍ୱର, ୧୯/୩ (ନି.ପ୍ର): ଜଳେଶ୍ୱର ପୌରପାଳିକା ଅଧୀନରେ ଥିବା ଜଳେଶ୍ୱର ନୂଆବଜାର ସରକାରୀ ହାଇସ୍କୁଲ ପଡିଆ ପରିସରରେ ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷ ସମିତିର ସଭାପତି ସମାଜ ସେବୀ ଅନନ୍ତ କୁମାର ଦାସଙ୍କ ଅଧକ୍ଷତାରେ ଢେଙ୍କାନାଳ ଜିଲ୍ଲାର ଜୋରନ୍ଦା ମଠ ରୁ ଆସିଥିବା କରୁଣା କର ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଷ୍ଟ୍ରୀୟ ନବ ବର୍ଷ ପାଳନ ସଂମ୍ପର୍କରେ ଅଭିଭାଷଣ ପ୍ରଦାନ କରିଥିଲେ ।ଉକ୍ତ ସଭାରେ ଦିନକୃଷ୍ଣ ମହାବିଦ୍ୟାଳୟ ସଂସ୍କୃତ ବିଭାଗର ମୁଖ୍ୟ ଅଧାପିକା ଡ.ପୁଷ୍ପାଞ୍ଜଳୀ ପାଇକରାୟ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ ।ପ୍ରାକ୍ତନ ଅଧକ୍ଷ ତନୋଜ କୁମାର ହୋଇ ଓ ଅବସରପ୍ରାପ୍ତ ପ୍ରାଧାପକ ବ୍ରଜ କିଶୋର ମଲ୍ଲିକ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅବସର ପ୍ରାପ୍ତ ଅଧାପିକା ଇନ୍ଦୁମତି ଗିରି ଶେଷରେ ଧନ୍ୟବାଦ କରିଥିଲେ। ସମାଜ ସେବୀ ରାଜେଶ ଖଟୁଆ,ସମୀର କୁମାର ଘୋଷ,ଇଞ୍ଜିନିୟର ମଳୟ ରଞ୍ଜନ ବେହେରା, ଆଦିତ୍ୟ ନାରାୟଣ ପାତ୍ର, ସମୀର କୁମାର ପାତ୍ର, ଦେବଜାନୀ ଅଣ୍ଡିଆ, ନମିତା ଦାସ, ମଞ୍ଜୁ ବାଳା ଘୋଷ, ଶିବଶଙ୍କର ଜେନା,ମଥୁରା ନାଥ ଜେନା,ସୁଭଦ୍ରା ବେହେରା ପ୍ରମୁଖ ଉପସ୍ଥିତ ରହି ରାଷ୍ଟ୍ରୀୟ ହିନ୍ଦୁ ନବବର୍ଷକୁ ସାର୍ବ ଜନିନ ଉତ୍ସବ ରୁପେ ପାଳନ କରିବାର ନିଷ୍ପତ୍ତି ନିଆଯାଇ ଥିଲା ।୪ ଟା ସମୟରେ ମହିଳା ମାନଙ୍କୁ ନେଇ ଡାକ ବଙ୍ଗଳା ଠାରୁ ନୂଆବଜାର ପର୍ଯ୍ୟନ୍ତ ଏକ ପଦ ଯାତ୍ରା ହୋଇଥିଲା ।ଶେଷରେ ସାଂସ୍କୃତିକ କାର୍ଯକ୍ରମ ଅନୁଷ୍ଠିତ ହୋଇଥିଲା।

## ମାଛ ଧରିବାକୁ ଯାଇ ଗତକାଲିଠାରୁ ନିଖୋଜ ଥିବା ବୃଦ୍ଧଙ୍କ ମୃତଦେହ ଉଦ୍ଧାର

ବସ୍ତା , ୧୯/୩ (ନି.ପ୍ର): ସାହାଡା ଗ୍ରାମର ଲକ୍ଷ୍ମୀଧର ସାହୁ, ବାଲେଶ୍ୱର ଜିଲ୍ଲା ସିଂଲା ଥାନା ଅନ୍ତର୍ଗତ ସାହାଡା ଗ୍ରାମରେ ଘଟିଛି ଅଭାବନୀୟ ଘଟଣା, ସୂଚନା ଅନୁଯାୟୀ ଏହି ଗ୍ରାମର ଲକ୍ଷ୍ମୀଧର ସାହୁ ଗତକାଲି ସକାଳେ ନିକଟସ୍ଥ ନଦୀ କୁ ମାଛ ଧରିବା ପାଂଇ ଯାଇ ଥିଲେ, ତାଙ୍କର ଘରକୁ ଫେରିବାରେ ବିଳମ୍ବ ହେବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ ମଧ୍ଯ ଲକ୍ଷ୍ମୀଧର ଙ୍କ କୌଣସି ସନ୍ଧାନ ମିଳି ନଥିଲା, ଆଜି ସକାଳେ ନଦୀ ରେ ମୃତଦେହ ଭାସୁଥିବା ର ଦେଖି ସ୍ଥାନୀୟ ଲୋକ ସିଂଲା ପୋଲିସ ଏବଂ ପରିବାର ଲୋକଙ୍କୁ ଖବର ଦେଇଥିଲେ, ସିଂଲା ପୋଲିସ ଏବଂ ବସ୍ତା ଅଗ୍ନିଶମ ବିଭାଗ ଘଟଣା ସ୍ଥଳରେ ପହଞ୍ଚି ନଦୀ ରୁ ମୃତ ଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଂଇ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି।

## ଭଦ୍ରକ ସାହିତ୍ୟ ପରିଷଦର ଦୁଇଦିନ ବ୍ୟାପି ସୁବର୍ଣ୍ଣ ଜୟନ୍ତୀ ସମାରୋହ ଉଦ୍‌ଘାଟିତ




ଭଦ୍ରକ, ୧୯/୩ (ନି.ପ୍ର): ଓଡ଼ିଶା ସରକାରଙ୍କ ଓଡ଼ିଶା ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ସହାୟତାରେ ଭଦ୍ରକ ଶହୀଦ ସ୍ମୃତି ଭବନରେ ଭଦ୍ରକ ସାହିତ୍ୟ ପରିଷଦର ଦୁଇଦିନ ବ୍ୟାପି ସୁବର୍ଣ୍ଣ ଜୟନ୍ତୀ ସମାରୋହର ଉଦଘାଟନ ହୋଇଯାଇଛି । ପ୍ରଥମ ଦିନ କାର୍ଯ୍ୟକ୍ରମ ପାଳନ ଅବସରରେ ତିନୋଟି ଅଧିବେଶନ କରାଯାଇ ଥିଲା । ଉଦ୍ଘାଟନ ପର୍ବରେ ପରିଷଦର ସଭାପତି ଡ.ରାଧାରାଣୀ ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଅଧିବେସନରେ ଉଦଘାଟକ ଭାବରେ ମାନନୀୟ ଜିଲ୍ଲାପାଳ ଶ୍ରୀ ଦିଲ୍ଲୀପ କୁମାର ରାଉତରାଏ ଯୋଗ ଦେଇ ସୁବର୍ଣ୍ଣ ଜୟନ୍ତୀର ପତ୍ରିକା ' ପ୍ରବାହ ' ଶୀର୍ଷକ ମୌଳିକ ପ୍ରବନ୍ଧ ସମୂହର ଉନ୍ମୋଚନ କରିଥିଲେ,ଯାହା ଭଦ୍ରକ ଜିଲ୍ଲାର ସାହିତ୍ୟ, ସଂସ୍କୃତି ଓ ସାମାଜିକ ପରିସ୍ଥିତି ଓ ଇତିହାସ ସମ୍ପର୍କରେ ପୁଷ୍କଳ। ଉଦ୍ଘାଟନୀ ସମାରୋହରେ ସମ୍ପାଦକ ବିଜୟ ହଳୀ ସଂପାଦକୀୟ ବିବରଣୀ ରଖିଥିଲେ ।ଏହି ଅଧିବେସନରେ ମଞ୍ଚ ଆମନ୍ତ୍ରଣ କରିଥିଲେ ଶ୍ରୀମତୀ ଗୀତାରାଣୀ ଆଇଚ,ଅତିଥି ପରିଚୟ ରଖିଥିଲେ ଶ୍ରୀମତୀ ଉଷା ରାଣୀ ଜେନା ଓ ସ୍ୱାଗତ ଭାଷଣ ଦେଇଥିଲେ ଶ୍ରୀମତୀ ଝରଣା ପଟ୍ଟନାୟକ,ମୁଖ୍ୟ ଅତିଥି ଭାବେ ବରିଷ୍ଠ ଗାଳ୍ପିକ ଶୈଳେନ୍ଦ୍ର ମହାପାତ୍ର ଯୋଗ ଦେଇଥିଲେ ।ଡ. ବ୍ରଜ ମୋହନ ମିଶ୍ର, ସମାଜସେବୀ ଅଜୟ ନାୟକ,ବରିଷ୍ଠ ସାମ୍ବାଦିକ ରବିନାରାୟଣ ଖିଲାର ଆଦି ଉପସ୍ଥିତି ଥିଲେ । ଏହି ଅଧିବେଶନର ଆଲୋଚନା ଚକ୍ରରେ ଗାଳ୍ପିକ ପବିତ୍ର ପାଣିଗ୍ରାହୀ 'କଳ୍ପନା ଓ ବାସ୍ତବତା ' ' ଗଳ୍ପର ମର୍ମକଥା' 'ପ୍ରବନ୍ଧର ପୃଥିବୀ' ସମ୍ପର୍କରେ ଶୀରିଷ ଚନ୍ଦ୍ର ଜେନା ଓ ଶବ୍ଦ ବ୍ରହ୍ମର ମୋହହିଁ କବିତା ସମ୍ପର୍କରେ ବିମଳ ଜେନା ଆଲୋଚନା କରିଥିଲେ । ଏହି ଅଧିବେଶନରେ ପୂର୍ବତନ ସଭାପତି ଶ୍ରୀ ସଦାଶିବ ନାୟକ, ଓ ଶ୍ରୀମତୀ ଝରଣା ପଟ୍ଟନାୟକଙ୍କୁ ସାହିତ୍ୟ ପରିଷଦ ପୂର୍ବତନ ସଭାପତି ସମ୍ମାନରେ ସମ୍ମାନିତ କରାଯାଇଥିବା ବେଳେ ବରିଷ୍ଠ ସଦସ୍ୟ ଭାବେ ଶ୍ରୀ ଭଗବାନ ନାୟକ,ଶ୍ରୀ ମୋହନ ଚରଣ ଖିଲାର,ଦାଶରଥି ପଣ୍ଡା,ଗୋଲକ ପ୍ରସାଦ ବୟାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । । ଦିତ୍ୱୀୟ ଅଧିବେଶନରେ ଶାନ୍ତନୁ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମଞ୍ଚ ଆମନ୍ତ୍ରଣ କରିଥିଲେ ବାବୁଲାଲ ଦାସ,ଏହି ଆଲୋଚନା ଚକ୍ରରେ ଗଳ୍ପ ଓ ପ୍ରବନ୍ଧ ସାହିତ୍ୟକୁ ଭଦ୍ରକର ଅବଦାନ ସମ୍ପର୍କରେ ଶ୍ରୀ ଅଭୟ ଦ୍ୱିବେଦୀ,ଶିଶୁ ସାହିତ୍ୟକୁ ଭଦ୍ରକର ଅବଦାନ ସମ୍ପର୍କରେ ଡ. ମନୀନ୍ଦ୍ର ମହାନ୍ତି,ମୋଗଲ ତାମସା ଓ ଭଦ୍ରକ ସମ୍ପର୍କରେ ଶ୍ରୀ ଲଳାଟେନ୍ଦୁ ମହାନ୍ତି,ଓଡ଼ିଆ ସାହିତ୍ୟର ପ୍ରବାହରେ ଭଦ୍ରକ ସାହିତ୍ୟ ପରିଷଦ ନିଜର ଏକ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାରେ ଯେଉଁମାନଙ୍କର ଭୂମିକା ରହିଥିଲା ସୁଧାଂଶୁ ଶେଖର ରାୟ ଓ ରାଖାଲ ଚନ୍ଦ୍ର ଦାସଙ୍କ ସମ୍ପର୍କରେ ଡ.ପ୍ରମୋଦ କୁମାର ନାୟକ ଆଲୋଚନା କରିଥିଲେ । ତୃତୀୟ ଅଧିବେଶନର ଡ.ଗୋଲକ ବିହାରୀ ସାହୁଙ୍କ ସଭାପତିତ୍ୱରେ ମୋ ଆଇନାରେ ଭଦ୍ରକ ସାହିତ୍ୟ ପରିଷଦ ବିଷୟରେ ଶ୍ରୀମତୀ ଭାନୁମତୀ ମାଟିଆ,ଶ୍ରୀମତୀ ଗୀତାରାଣୀ ଆଇଚ ମୁକ୍ତିକାନ୍ତ ମଲ୍ଲିକ,ରତିକାନ୍ତ ବେହେରା, ଗୌତମ ମହାରଣା, ଅନିତା ନାୟକ,ଶରତ କୁମାର ନାୟକ ଆଦି ଆଲୋଚନା କରିଥିଲେ ।ଏହାକୁ ସଞ୍ଚାଳନ କରିଥିଲେ ଡ. ଉତ୍ପଳା ନାୟକ,ଡ.ପ୍ରଭାତ ନଳିନୀ ମହାପାତ୍ର, ଗୌତମ ମହାରଣା, ରମେଶ ଚନ୍ଦ୍ର ଦାସ,ଲକ୍ଷ୍ମୀକାନ୍ତ ବାରିକ, ,ଗୌରାଙ୍ଗ ବାରିକ, ବିପ୍ଳବ ହୋତା ।ସାହିତ୍ୟ ପରିଷଦକୁ ଭଲ ପାଉଥିବା ବହୁ ସାହିତ୍ୟିକ ବୁଦ୍ଧିଜୀବି ଉପସ୍ଥିତ ଥିଲେ ।

## ସାମାଜିକ ସୁରକ୍ଷାରୁ ବଂଚିତ ୭୦ ବର୍ଷ ବୟସ୍କ ବିଧବା ମା' 'ଲୁକୁ'



ଉଦଳା, ୧୯/୩ (ନି.ପ୍ର): ୟେ ହେଉଛି ଉଦଳା ବ୍ଲକର ନୂଆଗାଁ ପଂଚାୟତ ଅନ୍ତର୍ଗତ ଫୁଲବାଡ଼ିଆ ଗ୍ରାମର ଦୃଶ୍ୟ । ଏହି ଗ୍ରାମର ବାସିନ୍ଦା ଚୈତନ ଟୁଡୁଙ୍କର ଦେହାନ୍ତ ହୋଇଯିବା ପରେ ତାଙ୍କର ସହଧର୍ମିଣୀ ଲୁକୁ ଟୁଡୁ ଆଜକୁ ୧୦ ବର୍ଷ ଧରି ବିଧବା ଜୀବନ ବିତାଉଛନ୍ତି । ଦିନମଜୁରିଆ ଭାବରେ କାମ କରି ନିଜର ଦୈନନ୍ଦିନର ଗୁଜୁରାଣ ମେଂଟାଉଥିବା ବିଧବା ମା' 'ଲୁକୁ'ଙ୍କୁ ବର୍ତମାନ ବୟସ ୭୦ ପାଖାପାଖି ଛୁଇଁଲାଣି । ଫଳରେ ସେ ଆଗଭଳି କାମକରିନପାରି ନାହିଁନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି । ଏତିକିବେଳେ ସାମାଜିକ ସୁରକ୍ଷା ଯୋଜନାରେ ସରକାର ଯୋଗାଇ ଦେଉଥିବା ଭତା 'ଲୁକୁ' ଏପର୍ଯ୍ୟନ୍ତ ପାଇପାରି ନାହାଁନ୍ତି । ଏଥିପାଇଁ ପଂଚାୟତ କାର୍ଯ୍ୟାଳୟ ଓ ବ୍ଲକ କାର୍ଯ୍ୟାଳୟରେ ବାରମ୍ବାର ଗୁହାରି ଜଣାଇଥିଲେ ମଧ କେହି ତାଙ୍କର ଗୁହାରି ଶୁଣୁନଥିବାର ସେ ଅଭିଯୋଗ କରିଛନ୍ତି । ସେହିପରି ଏହି ଫୁଲବାଡ଼ିଆ ଗ୍ରାମର ବାସିନ୍ଦା ରାମ ହେମ୍ବ୍ରମଙ୍କର ବୟସ ୭୫ ବର୍ଷ ଛୁଇଁଥିବା ବେଳେ ତାଙ୍କର ସହଧର୍ମିଣୀ ସରପା ହେମ୍ବ୍ରମଙ୍କର ବୟସ ୭୦ ବର୍ଷ ହେଲାଣି । ଏ ଦୁହେଁ ମଧ ସାମାଜିକ ସୁରକ୍ଷା ଯୋଜନାରେ ମିଳୁଥିବା ଭତା ପାଇପାରିନଥିବାର ଜଣାଇଛନ୍ତି । ବିଭାଗୀୟ କର୍ତୃପକ୍ଷ ଏ ବାବଦରେ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବାକୁ ଜନଜାଗୃତି ମଂଚର ସଦସ୍ୟ ରୁପାଏ ବାସ୍କେ ଦାବି ଜଣାଇଛନ୍ତି ।

## ଗାୟତ୍ରୀ ଗୁରୁକୂଳ ଆଶ୍ରମରେ ଓଡିଶା ବ୍ରାହ୍ମଣ ମହାସଂଘ ସମ୍ମିଳନୀ ଅନୁଷ୍ଠିତ



ବୈଶିଙ୍ଗା , ୧୯/୩ (ନି.ପ୍ର): ଓଡିଶା ବ୍ରାହ୍ମଣ ମହାସଂଘର ମୟୁରଭଞ୍ଜ ଶାଖା ଅଧୀନସ୍ଥ ବେତନଟୀ ମଣ୍ଡଳ ଦ୍ୱାରା ବ୍ରାହ୍ମଣ ସମ୍ମିଳନୀ ବୈଶିଙ୍ଗା ସ୍ଥିତ ଗାୟତ୍ରୀ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଅଛି ।ବେତନଟୀ ମଣ୍ଡଳ ସଭାପତି ଗୋପୀନାଥ କରଙ୍କ ସଭାପତିତ୍ୱରେ ଆୟୋଜିତ ଏହି ସମ୍ମିଳନୀକୁ ମୟୁରଭଞ୍ଜ ଜିଲ୍ଲା ସାଧାରଣ ସମ୍ପାଦକ ଡ଼ା. ଆଦିତ୍ୟ କୁମାର ପଣ୍ଡା ସଭା କାର୍ଯ୍ୟ ପରିଚାଳନା କରିଥିଲେ ।ଏହି ଅବସରରେ ରାଜ୍ୟ ବ୍ରାହ୍ମଣ ମହାସଂଘର ସଭାପତି ସଦାନନ୍ଦ ଦୀକ୍ଷିତ ମୁଖ୍ୟ ଅତିଥି ଭାବେ, ଜିଲ୍ଲା ସଭାପତି ଅଲଖ ରଞ୍ଜନ ପାଠୀ ବିଶିଷ୍ଟ ଅତିଥି ଭାବେ, ଇଂ. ସୁବ୍ରତ କୁମାର ଦାଶ ସ୍ୱତନ୍ତ୍ର ଅତିଥି ଭାବେ ଓ କ୍ଷେତ୍ର ମୋହନ ପଣ୍ଡା ଓ ହେମନ୍ତ କୁମାର ପଣ୍ଡା ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ପ୍ରାକ୍ତନ ଅଧକ୍ଷ ଡ଼ଃ ଜଗବନ୍ଧୁ ମିଶ୍ର ଯୋଗ ଦେଇଥିଲେ ।ଅତିଥିମାନେ ବ୍ରାହ୍ମଣ ସମାଜର ବିଭିନ୍ନ ସମସ୍ୟା ଓ ସେଗୁଡ଼ିକର ସମାଧାନ ସନ୍ଦର୍ଭରେ ଗୁରୁତ୍ୱପୂର୍ଣ୍ଣ ମତାମତ ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମର ଆରମ୍ଭରେ କାର୍ଯ୍ୟକାରୀ ସଦସ୍ୟ ଅକ୍ଷୟ କୁମାର ମିଶ୍ର ଅତିଥିମାନଙ୍କ ପରିଚୟ ଓ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ। ପରେ ସଞ୍ଜୟ କୁମାର ଚୌଧୁରୀ ଓ ବେବେନ୍ଦ୍ର ଆଚାର୍ଯ୍ୟ ମଧ ନିଜର ମତାମତ ରଖିଥିଲେ ।ଶେଷରେ ବରିଷ୍ଠ ସଦସ୍ୟ ହିମାଂଶୁ ଶେଖର ନନ୍ଦ ବ୍ରହ୍ମଚାରୀ ଧନ୍ୟବାଦ ଜ୍ଞାପନ କରିଥିଲେ ।

## ଭିନ୍ନକ୍ଷମଙ୍କ ପାଖେ ପହଞ୍ଚିଲେ ବିଡ଼ିଓ : ମିଳିଲା ହୁଇଲ୍ ଚେୟାର, ଆଗକୁ ମିଳିବ ୩୫୦୦ ଭତ୍ତା



ବାଲିଆପାଳ , ୧୯/୩ (ନି.ପ୍ର): ସରକାର ଭିନ୍ନକ୍ଷମଙ୍କ କଲ୍ୟାଣ ପାଇଁ ଅନେକ ଯୋଜନା ପ୍ରଣୟନ କରିଥିଲେ ମଧ ତୃଣମୂଳ ସ୍ତରରେ ଅନେକ ସମୟରେ ଏହା ପହଞ୍ଚିପାରୁ ନାହିଁ। ଏହାର ଏକ ଜ୍ୱଳନ୍ତ ଉଦାହରଣ ବାଲିଆପାଳ ବ୍ଲକ ପଞ୍ଚୁପାଲି ଗ୍ରାମରେ ଦେଖିବାକୁ ମିଳିଥିଲା। ତେବେ ଜଣେ ସ୍ୱେଚ୍ଛାସେବୀଙ୍କ ଉଦ୍ୟମ ଓ ବାଲିଆପାଳ ବିଡ଼ିଓଙ୍କ ତତ୍ପରତା ଯୋଗୁଁ ଏବେ ଭିନ୍ନକ୍ଷମଙ୍କ ମୁହଁରେ ହସ ଫୁଟିଛି। ସୂଚନାରୁ ପ୍ରକାଶ ପଞ୍ଚୁପାଲି ଗ୍ରାମର ବିନାୟକ ଗିରି, ଯିଏ କି ଜନ୍ମରୁ ୮୫ ପ୍ରତିଶତ ପୋଲିଓ ଆକ୍ରାନ୍ତ ୨୦୧୭ରୁ ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ପାଇଥିଲେ ମଧ ସରକାରଙ୍କ ୩୫୦୦ ବର୍ଦ୍ଧିତ ଭତ୍ତା ଯୋଜନାରୁ ବଞ୍ଚିତ ଅଛି । ପିଲାଟିର ଏକ ହୁଇଲ୍ ଚିଆର ଆବଶ୍ୟକ ଥିଲେ ବି ଏହି ସୁବିଧାରୁ ଆଜି ପର୍ଯ୍ୟନ୍ତ ସେ ବଞ୍ଚିତ ଥିଲା । ସେହିପରି ଅନଲାଇନ ପ୍ରମାଣପତ୍ର ଅଭାବରୁ ବାବାଜୀ ପ୍ରଧାନ ଓ ରାଜେଶ୍ୱରୀ ଗିରି ମଧ ୩୫୦୦ ଟଙ୍କାର ବର୍ଦ୍ଧିତ ଭତ୍ତାରୁ ବଞ୍ଚିତ ଥିଲେ। ଏହି ସମ୍ପର୍କରେ ପାରାଲିଗାଲ ସ୍ୱେଚ୍ଛାସେବୀ ଶ୍ରୀ ରାଜକିଶୋର ପାତ୍ର ବାଲେଶ୍ୱର ଜିଲ୍ଲା ଚିକିତ୍ସାଳୟ ଓ ବାଲିଆପାଳ ବିଡ଼ିଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସୂଚନା ପାଇବା ମାତ୍ରେ ବାଲିଆପାଳ ବିଡ଼ିଓ ଶ୍ରୀ ରାଧାରଞ୍ଜନ ଦାସ ତୁରନ୍ତ ପଦକ୍ଷେପ ନେଇଥିଲେ। ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ପାର୍ଥ ସାରଥୀ ସାହୁଙ୍କୁ ଏକ ହୁଇଲ ଚେୟାର ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଗତକାଲି ବିଡ଼ିଓ ଶ୍ରୀ ଦାସ ନିଜେ ଭିନ୍ନକ୍ଷମଙ୍କ ଘରେ ପହଞ୍ଚି ବିନାୟକଙ୍କୁ ହୁଇଲ୍ ଚିଆର ପ୍ରଦାନ କରିବା ସହିତ ଜିଲ୍ଲା ଚିକିତ୍ସାଳୟ ଦ୍ୱାରା ପ୍ରସ୍ତୁତ ହୋଇଥିବା ଅନଲାଇନ ଭିନ୍ନକ୍ଷମ ପ୍ରମାଣପତ୍ର ଅନ୍ୟ ଦୁଇ ଭିନ୍ନକ୍ଷମଙ୍କୁ ମଧ ପ୍ରଦାନ କରିଥିଲେ । ହୁଇଲ୍ ଚେୟାର ପ୍ରଦାନ ସମୟରେ ବ୍ଲକର ଅନ୍ୟ କର୍ମଚାରୀମାନେ ମଧ ଉପସ୍ଥିତ ଥିଲେ । ଖୁବଶିଘ୍ର ଏହି ତିନି ଭିନ୍ନକ୍ଷମଙ୍କୁ ସରକାରଙ୍କ ୩୫୦୦ ଭତ୍ତା ଯୋଜନାରେ ସାମିଲ କରାଯାଇ ଆଗକୁ ବର୍ଦ୍ଧିତ ଭତ୍ତା ପ୍ରଦାନ କରାଯିବ ବୋଲି ବିଡ଼ିଓ ଶ୍ରୀ ଦାସ ଏବଂ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଶ୍ରୀ ସାହୁ କହିଛନ୍ତି । ତେବେ ଭିନ୍ନକ୍ଷମଙ୍କ ସମସ୍ୟାକୁ ଗୁରୁତ୍ୱ ଦେଇ ସେମାନଙ୍କ ସମସ୍ୟା ସମାଧାନ ନିମନ୍ତେ ତତକ୍ଷଣାତ ପଦକ୍ଷେପ ନେଉଥିବା ବାଲିଆପାଳ ବିଡ଼ିଓ ଶ୍ରୀ ରାଧାରଞ୍ଜନ ଦାସ ଜନମାନସରେ ପ୍ରସଂଶାର ପାତ୍ର ସାଜିଛନ୍ତି ।

❒ ସଂପାଦିକା : ସୈରିନ୍ଧ୍ରୀ ସାହୁ
❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: ସୃଷ୍ଟିଧର ପରିଡ଼ା

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Editor: Sairindhree Sahoo
❒ Managing & Executive Editor : Srustidhar Parida